ଅଭୁଲା କଥା

ବୈକୁଣ୍ଠନାଥ ପତି



Source: Author, Digitized by PPRACHIN, SOA

ଅଭୁଲା କଥା

ରଚନା

ବୈକୁଣ୍ଠନାଥ ପତି

ପ୍ରକାଶକ

ରାଷ୍ଟ୍ରୀୟ ସାହିତ୍ୟ ସଂସ୍ଥାନ

ସାହିତ୍ୟ ଭବନ, ଭୁବନେଶ୍ୱର

Source: Author, Digitized by PPRACHIN, SOA

ଅଭୁଲା କଥା

ରଚନା :

ବୈକୁଣ୍ଠନାଥ ପତି

ପ୍ରକାଶକ :

ରାଷ୍ଟ୍ରୀୟ ସାହିତ୍ୟ ସଂସ୍ଥାନ, ୩୧/ଏ, ଜନପଥ, ୟୁନିଟ୍-୩, ଭୁବନେଶ୍ୱର-୧

ଦୂରଭାଷ : ୦୬୭୪-୨୩୯୨୦୭୦

ପ୍ରାପ୍ତିସ୍ଥାନ :

ବିଦ୍ୟାଶ୍ରୀ, ସାହିତ୍ୟ ଭବନ, ଭୁବନେଶ୍ୱର

ପୃଷ୍ଠପୋଷକ :

ସୁକାନ୍ତ କୁମାର ନାୟକ

କ୍ୱାର୍ଟର ନଂ- ସି.ସି.ବି/ ୧୬୮, ସି.ଆର୍.ଏସ୍.ଏଫ୍. କଲୋନୀ, ନାଲକୋ ନଗରୀ, ଅନୁଗୁଳ

ପ୍ରଚ୍ଛଦ : ଶଶିକାନ୍ତ ରାଉତ

ଡିଟିପି ଓ ଅଙ୍ଗସଜ୍ଜା : ଶାରଳାଗ୍ରାଫିକ୍ସ, ଭୁବନେଶ୍ୱର

ମୁଦ୍ରଣ : କମ୍ପ୍ୟୁପ୍ରିଣ୍ଟ, କଟକ

ପ୍ରଥମ ପ୍ରକାଶ : ୨୦୨୦ (୧୦୦୦ କପି)

ମୂଲ୍ୟ : ଟ.୭୫.୦୦

ABHULA KATHA

By

Baikunthanath Pati

Publiser :

Rashtriya Sahitya Sansthan

31/A, Janpath, Unit-3, Bhubaneswar-1

First Publication : **2020 (1000 Copy)**

Price : Rs.75.00

ISBN : 978-81-931182-3-1

Source: Author, Digitized by PPRACHIN, SOA

ଉତ୍ସର୍ଗ

ଭାରତବର୍ଷ ଏକଦା ବିଶ୍ୱର ଗୁରୁ ରୂପେ ଥିଲା ବନ୍ଦନୀୟା । ଆମ ଦେଶରେ ବୀର ସନ୍ତାନମାନେ ଥିଲେ ବୁଦ୍ଧିମାନ ଓ ପରିଶ୍ରମୀ । ଆମର ଇତିହାସ ସବୁଠାରୁ ଗୌରବଶାଳୀ ଥିଲା । ଏହା ସତ୍ତ୍ୱେ ଆମ୍ଭେମାନେ ବାରମ୍ବାର ଅନ୍ୟର ଗୋଲାମ ହୋଇଥିଲୁ । ଏହାର କାରଣ ଓ ନିରାକରଣର ଉପାୟ ଗଭୀର ଭାବରେ ଚିନ୍ତା କରିଥିଲେ ବିପ୍ଳବୀ ଡାକ୍ତର କେଶବ ବଳିରାମ ହେଡ୍‌ଗେୱାର । ହିନ୍ଦୁଜାତିର କାନରେ ସକ୍ରିୟତାର ସଂଜୀବନୀ ମନ୍ତ୍ର ଫୁଙ୍କିବା ନିମନ୍ତେ ମାତ୍ର ଅଳ୍ପ କେଇଜଣ ସତ୍‌ଚରିତ୍ର କିଶୋର ଓ ଯୁବକମାନଙ୍କୁ ଏକାଠି କରି ସେମାନଙ୍କ ଆଗରେ ନିଜର ବିଚାର ପ୍ରକଟ ପୂର୍ବକ ୧୯୨୫ ମସିହା ବିଜୟାଦଶମୀ ଦିନ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ଥାପନ କରିଥିଲେ । ସେହି ସଂଘ ଏବେ ବିଶ୍ୱର ସର୍ବବୃହତ ସାମାଜିକ, ସାଂସ୍କୃତିକ ତଥା ପାରିବାରିକ ସ୍ୱୟଂସେବୀ ଅନୁଷ୍ଠାନ ରୂପେ ଦେଶର ଆଶା ଓ ଆକାଙ୍‌କ୍ଷା ପୂରଣ ଦିଗରେ ବଳିଷ୍ଠ ଭୂମିକା ଗ୍ରହଣ କରିଛି । ଜନ୍ମଜାତ ଦେଶଭକ୍ତ ତଥା ସର୍ବସ୍ୱତ୍ୟାଗୀ ଏହି ମହାପୁରୁଷଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ମୁଁ ଏହି କ୍ଷୁଦ୍ର ପୁସ୍ତକଟିକୁ ବିନମ୍ରତାର ସହ ଉତ୍ସର୍ଗ କରୁଅଛି ।

ବୈକୁଣ୍ଠନାଥ ପତି

Source: Author, Digitized by PPRACHIN, SOA

ଦୁଇ ପଦ

ଆଜିର ଶିଶୁ ହିଁ ଆସନ୍ତା କାଲିର ନାଗରିକ । ଦେଶର ଭବିଷ୍ୟତ । ତେଣୁ ଶିଶୁ, କିଶୋର ବା ପିଲାମାନଙ୍କୁ ଭଲ ମଣିଷ ଭାବେ ଗଢ଼ିତୋଳିବା କେବଳ ବାପା-ମାଆଙ୍କର କର୍ତ୍ତବ୍ୟ ନୁହେଁ, ସମାଜର ମଧ୍ୟ ଦାୟିତ୍ୱ । ଉପଯୁକ୍ତ ବା ଆଦର୍ଶ ମଣିଷଙ୍କ ଅଭାବରୁ ପରିବାର, ସମାଜ, ରାଷ୍ଟ୍ର ଏପରିକି ସମଗ୍ର ପୃଥିବୀ ଆଜି ନାନା ବିଶୃଙ୍ଖଳା ଓ ଅଶାନ୍ତି ମଧ୍ୟ ଦେଇ ଗତି କରୁଛି । ଆମର ପ୍ରିୟ ଉତ୍କଳ ପ୍ରଦେଶ ଅଥବା ସୁଜଳା ସୁଫଳା ଶସ୍ୟଶ୍ୟାମଳା ଭାରତବର୍ଷର ଦୁଃଖ ଓ ଦୁର୍ଦ୍ଦଶା କହିଲେ ନସରେ । ଦେଶ ଖଣ୍ଡଖଣ୍ଡ ଓ ବିଭାଜିତ । ଆମର ପ୍ରିୟ ଜନ୍ମଭୂମି ଏକଦା ସମଗ୍ର ବିଶ୍ୱକୁ ଜ୍ଞାନ ବିଜ୍ଞାନ ଓ ଚରିତ୍ରବତ୍ତା ଶିକ୍ଷା ଦେଉଥିବାରୁ ବିଶ୍ୱଗୁରୁ ଭାବରେ ପୂଜିତା ଓ ସମ୍ମାନିତା ହେଉଥିଲା । କର୍ପୂର ଉଡ଼ିଯାଇଛି, କନା ପଡ଼ିରହିଛି । ପୂର୍ବ ଗୌରବ ଓ ବିଭବ ଫେରାଇ ଆଣିବାକୁ ହେଲେ ଏକତା ଓ ସମତା ମନ୍ତ୍ରରେ ଦୀକ୍ଷିତ ହୋଇ ଗାଇବାକୁ ହେବ :

ଏ ମାଟି ଛୁଇଁ ସପଥ କର / ଏହାର ଧୂଳି ମୁଣ୍ଡରେ ମାର
ସୁନାଠୁଁ ବଳି ଏ ଖାଣ୍ଟିରେ / ମୋର ଜନମ ଭୂଇଁର ମାଟିରେ ।
x x x x
ମାଟି ନୁହେଁ ଆମ ମାତୃଭୂମିଏ ସରଗଠୁ ଗରୀୟସୀ
ଯା' ପାଣି ପବନେ ଗଢ଼ା ଏ ଶରୀର ସେଇଥିରେ ଯିବି ମିଶି ।

ହିନ୍ଦୁମାନଙ୍କର ଏହି ପବିତ୍ର ତୀର୍ଥ ପ୍ରତି ଯେତେ ଉପେକ୍ଷା କରାଯାଇଅଛି କହି ବସିଲେ ସରିବ ନାହିଁ । ଦେଶ ସ୍ୱାଧୀନ ହେବାପରେ ସ୍ୱର୍ଗାଦପି ଗରୀୟସୀ ମାତୃଭୂମି ଧର୍ମ, ସଂସ୍କୃତି, ପରମ୍ପରା, ସମ୍ମାନ ବିନ୍ଦୁ ଓ ଜୀବନଶୈଳୀ ପ୍ରତି ଯେଉଁଭଳି ଭାବରେ ଉପେକ୍ଷା କରାଯାଇଅଛି, ତାହା ଗଛଡାଳରେ ବସି ମୂଳକୁ କାଟିବା ସଙ୍ଗେ ସମାନ କହିଲେ ଠିକ୍ ହେବ । ସାଧୁ ସନ୍ଥସମାଜ ସେମାନଙ୍କର କର୍ତ୍ତବ୍ୟ ପ୍ରତି ଉଦାସୀନ । କିମ୍ଭୂତକିମାକାର ଶିକ୍ଷା ବ୍ୟବସ୍ଥା ମଣିଷ ତିଆରି ନ କରି ସ୍ୱାଭିମାନହୀନ ପଶୁ ଗଢ଼ିବାରେ ନିୟୋଜିତ । ସ୍ୱତନ୍ତ୍ରତା ପ୍ରତି ସଚେତନ ଥିବା ସ୍ୱାଭିମାନଯୁକ୍ତ ନାଗରିକ ଗଢ଼ିବା ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ତାର ଆଦର୍ଶରେ ଅନୁପ୍ରାଣିତ ବିଭିନ୍ନ ରାଷ୍ଟ୍ରବାଦୀ ସଂଗଠନଗୁଡ଼ିକ ଅଣ୍ଟି ଭିଡ଼ିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ସଂଘ ତାର ଶାଖାଗୁଡ଼ିକ ମାଧ୍ୟମରେ ଶିଶୁ ଓ କିଶୋରମାନଙ୍କୁ ଆଦର୍ଶ ସ୍ୱୟଂସେବକ ଭାବରେ ନିର୍ମାଣ କରି ଦେଶର ଦୁରାବସ୍ଥାକୁ ଦୂର କରିବା ପାଇଁ ବଦ୍ଧ ପରିକର ।

Source: Author, Digitized by PPRACHIN, SOA

ସଂଘ ଓ ଶାଖାର କାର୍ଯ୍ୟ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ-ଶାରୀରିକ ଓ ବୌଦ୍ଧିକ । ସ୍ୱାସ୍ଥ୍ୟ ହିଁ ସମ୍ପଦ । ସେହିପରି ବୌଦ୍ଧିକ ବିକାଶ ସାଧିତ ନଥିଲେ ବଳବାନ୍ ବ୍ୟକ୍ତିର ଶକ୍ତି କୌଣସି କାମରେ ଲାଗିବ ନାହିଁ । ବ୍ୟକ୍ତି ନିର୍ମାଣ ନିମନ୍ତେ ସୁସ୍ଥ ଶରୀର ଗଠନ, ଜ୍ଞାନାର୍ଜନ, ଚରିତ୍ର ନିର୍ମାଣ ଜରୁରୀ । ପୁଣି ସାହସେ ତରି ସାହସେ ମରି ସାହସେ ଘର ଦୁଆର କରି । ପ୍ରତ୍ୟେକ ବ୍ୟକ୍ତିଙ୍କର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିବା ଏକାନ୍ତ ଆବଶ୍ୟକ । ସ୍ୱୟଂସେବକମାନେ କିପରି ଭଲ ମଣିଷ ହୋଇ ମହାନ୍ ରାଷ୍ଟ୍ର ଗଠନରେ ଲାଗିପଡ଼ିବେ, ତାହା ହିଁ ଆଦର୍ଶ ଲକ୍ଷ୍ୟ ।

ହିତକାରୀ ସାହିତ୍ୟ ବ୍ୟକ୍ତି, ସମାଜ ତଥା ରାଷ୍ଟ୍ରଗଠନ ଦିଗରେ ଏକ ବଳିଷ୍ଠ ମାଧ୍ୟମ । ତେଣୁ କିଶୋର ତଥା ବାଳକ ସ୍ୱୟଂସେବକମାନଙ୍କୁ ବୌଦ୍ଧିକ ଯୋଜନା ମାଧ୍ୟମରେ ମହାନ୍ ଲୋକଙ୍କ ମହତ୍ କଥା ଓ କାମ ସମ୍ପର୍କରେ ଅବହିତ କରାଯାଇ ସେମାନଙ୍କୁ ଦେଶଗଠନରେ ବ୍ରତୀ ହେବା ପାଇଁ ଅନୁପ୍ରାଣିତ କରାଯାଏ । ବୌଦ୍ଧିକ ପ୍ରମୁଖମାନେ ଯେଉଁ ଗପ ବା କଥା ପିଲାମାନଙ୍କୁ ଶୁଣାଇଥାନ୍ତି ବା ପଢ଼ିବାପାଇଁ ଦେଇଥାନ୍ତି ସେଗୁଡ଼ିକୁ 'ବୋଧକଥା' ନାମରେ ଅଭିହିତ କରାଯାଏ । ବୟସ୍କ ବ୍ୟକ୍ତିଙ୍କ ଦ୍ୱାରା ରଚିତ ଶିଶୁ-ଉପଯୋଗୀ ରଚନା ହିଁ ଶିଶୁ ସାହିତ୍ୟ । ଏଗୁଡ଼ିକୁ ତରୁଣ ତଥା ବୟସ୍କ ବ୍ୟକ୍ତିମାନେ ହିଁ ବେଶୀ ପଢ଼ିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଏହିଭଳି କେତେକ ବୋଧକଥା ସଂଗ୍ରହ କରି ମୁଁ 'ନିଜ ଭାଷାରେ ରଚନା କରି ସଜେଇଛି ମାତ୍ର । ଏହାକୁ ଏକ ଗୁଣ୍ଡୁଚିମୂଷାର ପ୍ରୟାସ ବୋଲି ମଧ୍ୟ କୁହାଯାଇପାରେ ।

ଆଶା, ମୋର ଏହି କ୍ଷୁଦ୍ର ପ୍ରୟାସ ଶିଶୁ-କିଶୋର ତଥା ବୟସ୍କ ମାନଙ୍କ ମନକୁ ନିଶ୍ଚିତ ଭାବରେ ସ୍ପର୍ଶ କରିବ ।

ବନ୍ଦେ ମାତରମ୍ । ବନ୍ଦେ ଉତ୍କଳ ଜନନୀ ।

ବୈକୁଣ୍ଠନାଥ ପତି

Source: Author, Digitized by PPRACHIN, SOA

ସୂଚୀପତ୍ର

ବିଷୟ	ପୃଷ୍ଠା
ରାଷ୍ଟ୍ର ଶକ୍ତିର ସ୍ତମ୍ଭ	୭
ମାତୃଭାଷା ନିଷ୍ଠା	୮
ସ୍ୱଦେଶାଭିମାନୀ ଗାୟକ	୯
ଭଉଣି ! ଆମେ ଭାରତୀୟ	୯
ରାଷ୍ଟ୍ରୀୟ ଅନୁଶାସନ	୧୧
ଗାଳିରେ ଗଣ୍ଡାଏ ମୁହଁ	୧୨
ନେତା ହେବତ ଏମିତି	୧୩
ଯୋଗ୍ୟ ରାଜାକୁ ଯୋଗ୍ୟ ପ୍ରଜା	୧୪
ମାଙ୍କଡ଼ ନାଚ	୧୫
ନିଜ ଭାଷା ପାଇଁ ଗର୍ବ	୧୬
ସତ୍ୟ ପ୍ରତି ନିଷ୍ଠା	୧୭
ମାତୃଭୂମିର କୋଳ	୧୭
ସେ ହିଁ ମୋର ପୁତ୍ର	୧୮
ପୁରସ୍କାର	୨୦
ଯଉତୁକ ପରି ଯଉତୁକ	୨୦
ମାନବ ସେବା ହିଁ ମାଧବ ସେବା	୨୨
ଲୁହ ପୋଛୁଥିଲା ହାତ	୨୪
କର୍ମ ହିଁ ଉତ୍ତର	୨୫
ଜଣେ ଓଡ଼ିଆ ଥିଲା	୨୬
କର୍ମ ମୋହର ନିଜ ଗୁରୁ	୨୭
ସଂସ୍କାର ଓ ସାଧୁତା	୨୮
ଅପରିଚିତ ସମ୍ପର୍କୀୟ	୨୯
ସେବା ଓ ସଂସ୍କାର	୩୧
ସ୍ୱଧର୍ମ ଓ ସ୍ୱାଭିମାନ	୩୨
ହସେ ପୁଣି କାନ୍ଦେ ବି	୩୩
ଗାନ୍ଧିଜୀ ଓ ସଂଘ	୩୩
ନିର୍ମମତା ଓ ନିର୍ମାତା	୩୫
ଦୃଢ଼ମନା ମାଧବ	୩୭
ସଂଘ ସୃଷ୍ଟିର ପଶ୍ଚାତରେ	୩୮
ଲୋକସେବା ପାଇଁ ଯୋଗ୍ୟତା	୩୯
ନ୍ୟାୟ ଆଗରେ ସମସ୍ତେ ସମାନ	୪୦
ମନୁଷ୍ୟର ଗୋଟିଏ ହିଁ ଜାତି	୪୧
ମନର ମଇଳା	୪୨
ସକଳ ଘଟେ ଏକ ଆତ୍ମା	୪୩
ବ୍ରାହ୍ମଣ କିଏ	୪୫
ସେବା ଓ ସତ୍କାର	୪୬
ସେବାଠାରୁ ବଡ଼ କିଛି ନାହିଁ	୪୭
ଆଖି ନାହିଁ ସିନା ଲୁହ ଅଛି	୪୮
ବାସ୍ତବ ଧର୍ମ	୪୯
ସମାଜର ମଙ୍ଗଳପାଇଁ ନରକ ମଧ୍ୟ ସ୍ୱୀକାର	୫୦
ହିନ୍ଦୁ ଦୃଷ୍ଟିକୋଣ	୫୨
ଧର୍ମ ଓ ପରମ୍ପରା	୫୩
ଶ୍ରେଷ୍ଠ ଆଚରଣରୁ ସଦ୍‌ଗତି	୫୪
କିଏ ଠାଏ ବସୁ କିଏ ଦେଶ ସାରା ବୁଲୁ	୫୫
ଅନ୍ତଃପ୍ରେରଣା ଓ ଆତ୍ମସମର୍ପଣ	୫୬
ଅସୀମ ଜ୍ଞାନ	୫୭
ଦାସର ଦାସ	୫୮
ମଣିଷ ମହାନ ହେବ କିପରି	୫୯
ଛାଇ ଓ ପିଲା	୫୯
କର୍ତ୍ତବ୍ୟ	୬୦
ଆତ୍ମନିୟନ୍ତ୍ରଣ	୬୧
ନିଷ୍ଠା	୬୧
କୃପଣତା ଓ ବଦାନ୍ୟତା	୬୨
ଚିରନ୍ତନ ଧନ	୬୩
ଗୁରୁଙ୍କ ସମ୍ମାନ	୬୪
ସଂସ୍କାର	୬୪
ଗୁରୁ	୬୫
ପ୍ରକୃତ ଦର୍ଶନ	୬୫
ପ୍ରାର୍ଥନା	୬୬
ସାହାସ ଓ ସାମର୍ଥ୍ୟ	୬୭
ଜୀବନ ଦୀପ	୬୭

Source: Author, Digitized by PPRACHIN, SOA

ରାଷ୍ଟ୍ର ଶକ୍ତିର ସ୍ତମ୍ଭ

ତୃଣମୂଳ ସ୍ତରର ଜାଗ୍ରତ ଓ ସଚେତନ ଲୋକ ହିଁ ପ୍ରକୃତରେ ରାଷ୍ଟ୍ରର ଶକ୍ତି ସ୍ୱରୂପ । ସେମାନଙ୍କର ସେବା, ତ୍ୟାଗ, ସମର୍ପଣ ଭାବନା ଦ୍ୱାରା ରାଷ୍ଟ୍ର ସମୃଦ୍ଧ ହୁଏ । ଆମ ଦେଶ ବିଶ୍ୱର ସର୍ବପ୍ରାଚୀନ ସଭ୍ୟ ରାଷ୍ଟ୍ର ଭାବରେ ସୁପରିଚିତ । ଏ ଦେଶ ସର୍ବପ୍ରଥମେ ବିଶ୍ୱକୁ ବିଦ୍ୟା ଓ ଚରିତ୍ର ଶିକ୍ଷା ଦେଇଥିଲା । କର୍ପୂର ଉଡ଼ିଯାଇଛି, କନାଟି ପଡ଼ିରିହିଛି । ତଥାପି ବି ଏହି ମହାନ ଦେଶର ଅଜ୍ଞ, ଅଶିକ୍ଷିତ, ଦରିଦ୍ର ଜନସାଧାରଣଙ୍କ ଭିତରେ ଆମ ମହାନ ସଂସ୍କୃତିର ସଂସ୍କାର ଉଜ୍ଜୀବିତ ହୋଇ ରହିଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ । ସେହିପରି ଏକ ଘଟଣା ଆମମାନଙ୍କର ଆଖି ଖୋଲିଦେବା ପାଇଁ ଯଥେଷ୍ଟ ।

ଏକ ସମୟରେ ଠକ୍କର ବାପା, ଗୋପବନ୍ଧୁ ଦାସ ଇତ୍ୟାଦିଙ୍କ ସହିତ ଗାନ୍ଧିଜୀ ଓଡ଼ିଶା ରାଜ୍ୟରେ ପ୍ରବାସ କରୁଥିଲେ । କୌଣସି ଏକ ଛୋଟ ରେଳଷ୍ଟେସନରେ ସେମାନେ ଗାଡ଼ିକୁ ଅପେକ୍ଷା କରି ବସିଥାନ୍ତି । ସେହି ସମୟରେ ବୃଦ୍ଧ ବନବାସୀଟିଏ ସେମାନଙ୍କ ନିକଟରେ ଆସି ଉପସ୍ଥିତ ହେଲେ । ଗାନ୍ଧିଜୀଙ୍କୁ ଦେଖି ଶ୍ରଦ୍ଧାରେ ତାଙ୍କର ଚରଣ ସ୍ପର୍ଶ କଲେ । ସେହି ବନବାସୀଟି କେବଳ ଲେଙ୍ଗୁଟିଟିଏ ପିନ୍ଧିଥିଲେ । ସେ ଖୁବ୍ ଦୁର୍ବଳ ମଧ୍ୟ ଥିଲେ । ଗାନ୍ଧିଜୀ ଓ ତାଙ୍କର ସାଥୀଗଣ ଆଶ୍ଚର୍ଯ୍ୟ ହୋଇ ବୃଦ୍ଧଙ୍କୁ ଅନାଇରହିଲେ ।



ବନବାସୀଟି ଆପଣାର ଲେଙ୍ଗୁଟିରୁ ପଇସାଟିଏ କାଢ଼ି ଗାନ୍ଧିଜୀଙ୍କ ପାଦତଳେ ଥୋଇଦେଲେ । ସତେ ଯେମିତି ଭକ୍ତ ସୁଦାମା ସଖା ତଥା ସମ୍ରାଟ ଶ୍ରୀକୃଷ୍ଣଙ୍କୁ ଯତ୍ନରେ ନେଇଥିବା ଖୁଦଭଜା ମୁଠାକ ଭେଟିଦେଉଛନ୍ତି ! ଗାନ୍ଧିଜୀ ଓ ଅନ୍ୟମାନେ ଆଶ୍ଚର୍ଯ୍ୟ ହେଲେ ସତ, ମାତ୍ର ମନେମନେ ଚିନ୍ତାକଲେ ଯେ ବୃଦ୍ଧ ବନବାସୀଟି ଯେଉଁ ପଇସାଟିଏ ସମର୍ପିତ କରିଛନ୍ତି ତାହା ରାଷ୍ଟ୍ରସେବା ପରି ମହତ କାମ ପାଇଁ ଯଥେଷ୍ଟ । ଗାନ୍ଧିଜୀ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- "ଏ ପଇସା ଏଠାରେ କାହିଁକି ରଖିଲ ?" ସେହି ଜରାଜୀର୍ଣ୍ଣ ବୃଦ୍ଧଟି ଯେଉଁ ଉତ୍ତର ଦେଇଥିଲେ ତାହା ସମସ୍ତଙ୍କୁ ଚକିତ କଲାଭଳି ଥିଲା । ସେ କହିଲେ - ଆପଣତ ରାଷ୍ଟ୍ରର ଦେବତା ଅଟନ୍ତି । ଆମେ ଯେତେବେଳେ ଦେବଦର୍ଶନକୁ ଯାଉ, କିଛି ସମର୍ପଣ କରିଥାଉ ।" ବୃଦ୍ଧଙ୍କ ଉତ୍ତରରେ ମୁଗ୍ଧ ହୋଇ

Source: Author, Digitized by PPRACHIN, SOA

ଗାନ୍ଧିଜୀ ଉତ୍କଳମଣି ଗୋପବନ୍ଧୁଙ୍କୁ କହିଥିଲେ- "ଦେଖନ୍ତୁ, ଏହି ବୃଦ୍ଧ ବନବାସୀ ବ୍ୟକ୍ତିଟି ଭାରତର ଅନ୍ତରଙ୍ଗ ଅଟନ୍ତି । ନିର୍ଦ୍ଧନ ହୋଇ ମଧ୍ୟ ରାଷ୍ଟ୍ରହିତରେ ଯଥାଶକ୍ତି ସମର୍ପଣ କରିବାକୁ ନିଜର ଧର୍ମ ବୋଲି ମନେକରନ୍ତି । ଶରୀର ଦୁର୍ବଳ, ଶକ୍ତି ସାମାନ୍ୟ, ତଥାପି ତାଙ୍କର ଆତ୍ମା ସଚେତନ ଅଟେ । ସେ ହିଁ ଭାରତବର୍ଷର ପ୍ରକୃତି ପ୍ରତିନିଧି । । ସେ ହିଁ ରାଷ୍ଟ୍ରଶକ୍ତିର ସଶକ୍ତ ସ୍ତମ୍ଭ ଅଟନ୍ତି ।

ଆହା ! ଆମେ ଯେଉଁମାନେ ଈଶ୍ୱରଙ୍କ କରୁଣାରୁ ସବୁକିଛି ପାଇଛୁ । ଏଇ ନିଧନ ବୃଦ୍ଧ ପରି ଯଦି ସାମାନ୍ୟ ସଚେତନ ହୋଇପାରନ୍ତୁ, ତେବେ ଆମ ଦେଶ ପୁଣିଥରେ ବିଶ୍ୱର ଗୁରୁ ଭାବରେ ପୂଜିତ ହୋଇପାରନ୍ତା ।

●

ମାତୃଭାଷା ନିଷ୍ଠା

ରାମ ମନୋହର ଲୋହିଆ ଜଣେ ବିଖ୍ୟାତ ଆଦର୍ଶବାଦୀ ନେତା ଥିଲେ । ଏହା ହେଉଛି ଲୋହିଆଜୀଙ୍କର ଛାତ୍ର ଜୀବନର ଗୋଟିଏ ଘଟଣା । ସେ ପି.ଏଚ.ଡ଼ି. କରିବା ପାଇଁ ଜର୍ମାନୀର ପ୍ରଫେସର ର୍ଜୁବାଇଙ୍କ ପାଖରେ ପହଞ୍ଚିଲେ । ସେ ପ୍ରାୟ ଅଧଘଣ୍ଟାଏ କାଳ ପ୍ରଫେସର ମହାଶୟଙ୍କୁ ଆପଣାର ସନ୍ଦର୍ଭର ସାରାଂଶ ଇଂରେଜୀରେ ବୁଝାଇଲେ । ବୁଝାଇ ସାରିଲା ପରେ ଯେତେବେଳେ ଚୁପ ରହିଲେ, ସେତେବେଳେ ପ୍ରଫେସର ର୍ଜୁବାଇ ଖଣ୍ଡି ଖଣ୍ଡି ଇଂରେଜୀରେ କହିଲେ, "ମୋତେ ଇଂରେଜୀ ଜଣାନାହିଁ ।"

ରାଜା ରାମମନୋହର ଲୋହିଆ

ଲୋହିଆ ଛଅମାସ କାଳ ଜର୍ମାନ ଭାଷା ଶିକ୍ଷା କଲେ । ତା'ପରେ ଯାଇ ପ୍ରଫେସର ର୍ଜୁବାଇଙ୍କ ନିକଟକୁ ଗଲେ । ସେତେବେଳେ ପ୍ରଫେସର ମହାଶୟ ତାଙ୍କୁ କହିଲେ, "ମୁଁ ଇଂରେଜୀ ଭାଷା ଜାଣେ । ମାତ୍ର ମୋର ଇଛା ଅଧିକରୁ ଅଧିକ ଲୋକ ମୋର ମାତୃଭାଷା ଶିକ୍ଷା କରନ୍ତୁ ।"

ପ୍ରଫେସର ର୍ଜୁବାଇଙ୍କ ଆଦର୍ଶ ଦ୍ୱାରା ଲୋହିଆଜୀ ଖୁବ୍ ପ୍ରଭାବିତ ହୋଇଥିଲେ । ସେ ନିଜର ଶୋଧଗ୍ରନ୍ଥ (ଗବେଷଣା ପ୍ରବନ୍ଧ) ମଧ୍ୟ ଜର୍ମାନୀ ଭାଷାରେ ଲେଖିଥିଲେ ।

Source: Author, Digitized by PPRACHIN, SOA

ସ୍ୱଦେଶାଭିମାନୀ ଗାୟକ

ପଣ୍ଡିତ ବିଷ୍ଣୁ ଦିଗମ୍ବର ପଲୁସ୍କର ଜଣେ ଦେଶପ୍ରେମୀ ତଥା ପ୍ରସିଦ୍ଧ ସଂଗୀତଜ୍ଞ ଥିଲେ । ୧୯୧୪ ରୁ ସେ ପ୍ରତିବର୍ଷ କଂଗ୍ରେସ ଅଧିବେଶନରେ ଯୋଗଦେଇ ଆସୁଥିଲେ ଓ ପ୍ରାରମ୍ଭରେ ବନ୍ଦେ ମାତରମ୍ ଗାଇବାର ପ୍ରଥା ଆରମ୍ଭ କରିଥିଲେ ।

୧୯୧୩ ମସିହାରେ କଥା । ଆନ୍ଧ୍ରପ୍ରଦେଶର କାକିନାଡ଼ାରେ କଂଗ୍ରେସ ଅଧିବେସନ ଅନୁଷ୍ଠିତ ହେଉଥାଏ । ଅଧ୍ୟକ୍ଷତା କରୁଥିଲେ ମହମ୍ମଦ ଅଲ୍ଲୀ । ଯେତେବେଳେ ପୂର୍ବ ପରମ୍ପରା ଅନୁଯାୟୀ ଦିଗମ୍ବରଜୀ ବନ୍ଦେ ମାତରମ୍ ଗାଇବା ପାଇଁ ଠିଆହେଲେ ମୌଲାନା ସାହେବ ଆପତ୍ତି କଲେ ଯେ ତାଙ୍କ ଧର୍ମରେ ଗାଇବା ବଜାଇବା ଇତ୍ୟାଦି ମନା । ବିଷ୍ଣୁ ଦିଗମ୍ବର ଦୃଢ଼ତାର ସହ କହିଥିଲେ- 'ଏହା ଏକ ରାଷ୍ଟ୍ରୀୟ ମଞ୍ଚ ଅଟେ । ମସଜିଦ୍ ନୁହେଁ ଯେ ସଙ୍ଗୀତ ଉପରେ ଆପତ୍ତି କରାଯାଇପାରିବ ।' ଅଧ୍ୟକ୍ଷ ମହୋଦୟ କିଛି କହିବା ପୂର୍ବରୁ ସେ ବନ୍ଦେ ମାତରମ୍ ଗାଇବା ଆରମ୍ଭ କରିଦେଲେ । ଅଧ୍ୟକ୍ଷ ମହମ୍ମଦ ଅଲ୍ଲୀ ନିଜ ଆସନରୁ ଉଠି ବାହାରକୁ ଚାଲିଗଲେ । ପଲୁସ୍କରଜୀ ବନ୍ଦେ ମାତରମ୍‌ର ଗାୟନ ସମ୍ପୂର୍ଣ୍ଣ କଲେ ।

ସାମ୍ପ୍ରଦାୟିକତା ଓ ଅସହନଶୀଳତାକୁ ଆଧାର କରି ଆମର ମହାନ ମାତୃଭୂମି ବିଭାଜିତ ହୋଇଥିଲା । ଏବେ ବି ସାମ୍ପ୍ରଦାୟିକବାଦୀମାନେ ତତ୍ପର ଓ ସକ୍ରିୟ ଅଛନ୍ତି । ଦେଶପ୍ରେମୀ ନାଗରିକଗଣ ସଂଗଠିତ ନ ହେଲେ ଦେଶ ଉପରକୁ ପୁଣି ବିପଦ ଆଡ଼ି ଆସିବ ।

●

ଭଉଣି ! ଆମେ ଭାରତୀୟ

ସ୍ୱାଧୀନତା ସଂଗ୍ରାମ ସମୟର କଥା । ପଞ୍ଜାବର ଜାଲିଆନାୱାଲାଠାରେ ଏକ ସଭା ଆୟୋଜିତ ହୋଇଥାଏ । ବହୁ ସଂଖ୍ୟାରେ ଦେଶପ୍ରେମୀ ଲୋକ ସେ ସଭାରେ ଯୋଗ ଦେଇଥିଲେ । ହଠାତ୍ ଜେନେରାଲ ଏନ୍.ଡାୟାର ଶାନ୍ତିକାମୀ ନିରୀହ ଜନସାଧାରଣଙ୍କ ଉପରକୁ ଗୁଳିଚାଳନା ପାଇଁ ଆଦେଶ ଦେଇଥିଲେ । ପୋକମାଛି ଭଳି ଲୋକେ ମୃତାହତ ହେଲେ । ସମଗ୍ର ଦେଶରେ ଶୋକାକୁଳ ପରିସ୍ଥିତି

Source: Author, Digitized by PPRACHIN, SOA

ସୃଷ୍ଟି ହୋଇଥିଲା । ସମସ୍ତେ ଜେନେରାଲ ଡାୟାରଙ୍କ ବର୍ବରୋଚିତ କାର୍ଯ୍ୟର ଘୋର ନିନ୍ଦା କରିଥିଲେ ।

ଆମ ଦେଶର ପରମ୍ପରା ଅନୁଯାୟୀ ଜେନେରାଲ ଡାୟାର ଥିଲେ ଜଣେ ଆତତାୟୀ ଓ ଆତତାୟୀମାତ୍ରେ ବଧଯୋଗ୍ୟ । ବୀର ଉଦ୍ଦାମ ସିଂହ ପ୍ରତିଶୋଧ ନେବାପାଇଁ ଶପଥ ନେଲେ ଓ ଜେନେରାଲ ଡାୟାରଙ୍କୁ ବ୍ରିଟିଶ ପାର୍ଲିଆମେଣ୍ଟ ଭିତରେ ହିଁ ହତ୍ୟା କରିଥିଲେ ।

ଲଣ୍ଡନର ଏକ ବିଚାରାଳୟ । କାଠଗଡ଼ାରେ ଠିଆହୋଇଥିଲେ ସୁପ୍ରସିଦ୍ଧ କ୍ରାନ୍ତିକାରୀ ବୀର ଉଦ୍ଦାମ ସିଂହ । ନ୍ୟାୟାଳୟର ବିଚାରପତି ମହୋଦୟ ଏହି ଯୁବ କ୍ରାନ୍ତିକାରୀଙ୍କୁ କିଛି ପଚାରିବା ପୂର୍ବରୁ ଅଚାନକ ଜଣେ ଇଂରେଜ ମହିଳା ସେଠାରେ ପହଞ୍ଚି ଉଦ୍ଦାମ ସିଂହଙ୍କୁ କିଛି ପଚାରିବା ପାଇଁ ଅନୁମତି ମାଗିଲେ । ନ୍ୟାୟଧୀଶ ଅନୁମତି ପ୍ରଦାନ କଲେ । ମହିଳା ଜଣକ ପ୍ରଶ୍ନ କଲେ- 'ତୁମ ରିଭଲ୍‌ବରରେ ଆଉ ୩ଟି ଗୁଳି ବାକିଥିଲା ଓ ଏନ୍.ଡାୟାରଙ୍କ ସହିତ ମୁଁ ମଧ ଥିଲି । ତୁମେ ମୋତେ ଗୁଳି କାହିଁକି ମାରିଲ ନାହିଁ ? ଅଥଚ ମୋତେ ହତ୍ୟାକରି ଖୁବ୍ ଶୀଘ୍ର ଖସି ଯାଇଥାନ୍ତ ।"

ବୀର ଉଦ୍ଦାମ ସିଂହ ସେହି ଇଂରେଜ ମହିଳାଙ୍କୁ ଚିହ୍ନି ପାରିଥିଲେ । ସେହି ଯୁବତୀଙ୍କ ଯୋଗୁଁ ହିଁ ସେ ଗିରଫ ହୋଇଛନ୍ତି । ତାଙ୍କୁ ଦେଖି ଉଦ୍ଦାମ ସିଂହ ଖୁବ୍ ନମ୍ରତା ସହକାର କହିଲେ, 'ଭଉଣି ! ଆମେ ସବୁ ଭାରତୀୟ । ନାରୀ ଉପରକୁ ହାତ ଉଠାଇବା ଆମ ସଂସ୍କୃତିର ବିରୁଦ୍ଧ ଅଟେ । ଏହି କାରଣରୁ ମୁଁ ଆପଣଙ୍କ ଉପରକୁ ଗୁଳି ଚଳେଇ ପାରିଲିନି ।" ବୀର ଉଦ୍ଦାମ ସିଂହଙ୍କ କଥା ଶୁଣି ନ୍ୟାୟାଳୟରେ ଉପସ୍ଥିତ ଜନତା ଏକଦମ୍ ଶାନ୍ତ ହୋଇଗଲେ । ମାତ୍ର ବିଚାରପତି ରାଗିଯାଇଥିଲେ ।

ଜଣେ ବୀର କ୍ରାନ୍ତିକାରୀ କିପରି ନିଜର ସଂସ୍କୃତି ପ୍ରତି ସଚେତନ ତାହା ଉଦ୍ଦାମ ସିଂହଙ୍କଠାରୁ ଶିଖିବାର କଥା ।

•

Source: Author, Digitized by PPRACHIN, SOA

ରାଷ୍ଟ୍ରୀୟ ଅନୁଶାସନ

ଉତ୍ତମ ଶାସନକର୍ତ୍ତା ପିତୃତୁଲ୍ୟ ସମ୍ମାନନୀୟ । କର୍ତ୍ତବ୍ୟ ପାଳନ କରିବା ସମୟରେ ବେଳେବେଳେ ତାଙ୍କୁ କଠୋର ନିର୍ଣ୍ଣୟ ନେବାକୁ ପଡ଼ିଥାଏ । ଅସୀମ ଧୈର୍ଯ୍ୟର ସହ ଦୁଃଖର ଚାପକୁ ମଧ୍ୟ ମଥାପାତି ସହିନେବାକୁ ହୁଏ । ଏହିପରି ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିଥିଲେ ଆମ ଦେଶର ପ୍ରଥମ ରାଷ୍ଟ୍ରପତି ଡାଃ ରାଜେନ୍ଦ୍ର ପ୍ରସାଦ ମହୋଦୟ ।



ଡାଃ ରାଜେନ୍ଦ୍ର ପ୍ରସାଦ ସହିତ ରାଷ୍ଟ୍ରପତି ଭବନରେ ତାଙ୍କ ଭଉଣୀ ଭଗବତୀ ଦେବୀ ମଧ୍ୟ ରହୁଥିଲେ । ଭଗବତୀ ଦେବୀ ଶ୍ୱାସ ରୋଗରେ ପିଡ଼ିତା ଥିଲେ । ଦୁର୍ଭାଗ୍ୟବଶତଃ ସାଧାରଣତନ୍ତ୍ର ଦିବସର ପୂର୍ବରାତି ଅର୍ଥାତ ୨୫ ଜାନୁଆରୀ ରାତ୍ରିରେ ତାଙ୍କର ଦେହାନ୍ତ ହୋଇଗଲା । ରାଷ୍ଟ୍ରପତି ରାଜେନ୍ଦ୍ରଜୀ ସମୟର ଆବଶ୍ୟକତାକୁ ଚାହିଁ ଏକ ଦୃଢ଼ ନିଷ୍ପତି ନେଲେ । ସେ ନିଜ ଭଉଣୀର ଶବକୁ ଗୋଟିଏ କୋଠରୀରେ ରଖି ବନ୍ଦ କରିଦେଲେ ଓ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ପାଳନରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ କାହାରିକୁ ଏ ଖବର ଜଣାଇଲେ ନାହିଁ । ପ୍ରତିବର୍ଷ ପରି ସେ ବର୍ଷ ମଧ୍ୟ ରାଷ୍ଟ୍ରପତିଜୀ ସାଧାରଣତନ୍ତ୍ର ଦିବସ ସମାରୋହରେ ଭାଗନେଲେ । ଏଥିରୁ ପ୍ରମାଣିତ ହୋଇଥିଲା ଯେ ମଣିଷ ପରିସ୍ଥିତିର ଦାସ ନହୋଇ ତାର ନିୟନ୍ତ୍ରଣକର୍ତ୍ତା ହୋଇପାରେ ।

ସମାରୋହ ସମାପ୍ତ ହେବାର ଦୁଇଘଣ୍ଟା ବାଦ ଲୋକେ ଦେଖିଲେ ଯେ ରାଷ୍ଟ୍ରପତିଜୀ ନିଜ ଭଉଣୀର କୋକେଇ ସହିତ ଶ୍ମଶାନ ଘାଟ ଆଡ଼କୁ ଯାଉଛନ୍ତି । ଘଟଣାଟି ପ୍ରଘଟ ହୋଇଗଲା । ୨୬ ଜାନୁଆରୀ ସନ୍ଧ୍ୟା ସୁଦ୍ଧା ଏହି ଘଟଣାକ୍ରମର ଖବର ସାରା ସଂସାର ପାଖରେ ପହଞ୍ଚି ଯାଇଥିଲା ।

ଉଜ୍ଜ୍ୱଳ ଚରିତ୍ର ସମ୍ପନ୍ନ ଦୃଢ଼ମନା ଲୋକେ ହିଁ ଏପରି କଠୋର ନିଷ୍ପତି ନେଇପାରନ୍ତି । ଏତେ ବଡ଼ ପଦବୀରେ ଥାଇ ବି ରାଷ୍ଟ୍ରୀୟ ଅନୁଶାସନକୁ ଦୃଢ଼ ଭାବରେ ପାଳନ କରିବାର ଉଦାହରଣ କ୍ୱଚିତ ଦେଖିବାକୁ ମିଳିଥାଏ ।

●

Source: Author, Digitized by PPRACHIN, SOA

ଗାଳିରେ ଗନ୍ଧାଏ ମୁହଁ

ସ୍ୱାଧୀନତା ସଂଗ୍ରାମୀ ମଦନ ମୋହନ ମାଲବ୍ୟଙ୍କୁ କିଏ ବା ନ ଜାଣେ ? ଥରେ ମାଲବ୍ୟଜୀ ଓ ରମାପତି ମିଶ୍ରଙ୍କ ମଧ୍ୟରେ କ୍ରୋଧ ସମ ପରମ ଶତ୍ରୁ ସମ୍ବନ୍ଧରେ ଆଲୋଚନା ହେଉଥାଏ । ମିଶ୍ର ମହାଶୟ ନିଜକୁ ଅତ୍ୟନ୍ତ ଶାନ୍ତ, ସହନଶୀଳ, ଅକ୍ରୋଧୀ ତଥା ଧୀରସ୍ଥିର ବୋଲି ମନେ କରୁଥିଲେ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ସେ କ୍ରୋଧ ପରି ଶତ୍ରୁକୁ ଜୟ କରିପାରିଛନ୍ତି ।

ରମାପତି ମିଶ୍ର ମହୋଦୟ ମାଲବ୍ୟଜୀଙ୍କୁ କଥା ଛଳରେ କହିଲେ, "ଆପଣ ଶହେ ପରେ ଯେକୌଣସି ପ୍ରକାର ଗାଳିଦେଇ ପରୀକ୍ଷା କରନ୍ତୁ, ମୁଁ ଟିକେ ହେଲେ ବି ବିଚଳିତ ହେବିନାହିଁ । କ୍ରୋଧିତ ହେବା ତ ଦୂରର କଥା ।"

ମାଲବ୍ୟଜୀ ହସିହସି ଉତ୍ତର ଦେଲେ- ନାଇଁ ବାବା, ମୁଁ ଏ କାମ କରିପାରିବି ନାହିଁ । ମାତ୍ର ଏକଶହ ଗାଳି ଶୁଣିଲା ପରେ ତ ଆପଣଙ୍କର ସହନଶୀଳତା ପ୍ରମାଣିତ ହୋଇଯିବ, ମାତ୍ର ଗୋଟିଏ ମାତ୍ର ଗାଳି ଦେଲାପରେ ମୋ ମୁହଁ ଗନ୍ଧିଆ ହୋଇଯିବ ।"

କାହାକୁ ଗାଳିଦେଲେ ପ୍ରଥମେ ମନ କଳୁଷିତ ହୋଇଥାଏ । ଯାହାକୁ ଗାଳି ଦେଉଥିବ, ସେ ବ୍ୟକ୍ତି ଯଦି ଗାଳିକୁ ଗ୍ରହଣ ନକରେ, ତେବେ ତାହା ଗାଳିଦେଉଥିବା ଲୋକ ନିକଟକୁ ହିଁ ବୁମେରାଂ ପରି ଫେରିଆସେ । ପାହାଡ଼ ଉପରକୁ ଯେତେ ଟେକା ଫିଙ୍ଗିଲେ ବି ପାହାଡ଼ର ତ କିଛି କ୍ଷତି ହୁଏନାହିଁ, ଓଲଟି ନିକ୍ଷେପ କରୁଥିବା ଲୋକ ବୃଥାଟାରେ ହାଲିଆ ହୋଇଯାଏ ।

ଗାଳିରେ ଗନ୍ଧାଏ ମୁହଁ ଭୟନାହିଁ ଗାଳିକୁ
ଗାଳିଦବା ଲୋକ ହସେ ମୁଖେ ବୋଲି କାଳିକୁ ।

●

ନେତା ହେବତ ଏମିତି

କଥାରେ ଅଛି ଯେଉଁ ବ୍ୟକ୍ତି ଅନ୍ୟମାନଙ୍କର ଉଚିତ ଆବଶ୍ୟକତାକୁ ଚାହିଁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଏ ସେ ସମସ୍ତଙ୍କର ଶ୍ରଦ୍ଧାର ପାତ୍ର ହୁଏ । କିଛି ପାଇବା ଆଶାରେ ଅନ୍ୟମାନଙ୍କୁ ସାହାଯ୍ୟ କରିବା, ବ୍ୟବସାୟ ସହ ସମାନ । ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ ଏପରି ଜଣେ ମହାନ ବ୍ୟକ୍ତି ଥିଲେ, ଯିଏ ନିଃସ୍ୱାର୍ଥ ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ତିଳେମାତ୍ର କୁଣ୍ଠିତ ହେଉନଥିଲେ । ନିଷ୍ଠାର ସହ କାମ କଲେ, କାମ ସଫଳ ହୁଏ ସତ, ମାତ୍ର ଶ୍ରଦ୍ଧାର ସହ ସେଇ କାମଟିକୁ କଲେ ତାହା ସୁନ୍ଦର ହେବା ସହ ଆନନ୍ଦ ମଧ୍ୟ ପ୍ରଦାନ କରିଥାଏ । ତିଳକଜୀଙ୍କ ମହାନତାର ପ୍ରମାଣ ଗୋଟିଏ ଛୋଟ ଘଟଣାରୁ ମଧ୍ୟ ମିଳିପାରିବ ।

୧୯୧୬ ମସିହାର କଥା । ଉତ୍ତରପ୍ରଦେଶ ଲଖନଉଠାରେ ଭାରତୀୟ ଜାତୀୟ କଂଗ୍ରେସର ଅଧିବେସନ ଅନୁଷ୍ଠିତ ହେଉଥାଏ । ହାତ ମୁହଁ ଧୋଇବା ଓ ଗାଧୁଆପାଧୁଆ କରିବା ପାଇଁ ବାହାରି ପ୍ରତିନିଧିଗଣ ଦେଖନ୍ତି ଯେ ପାଣି ଗରମ କରିବା ପାଇଁ ବଡ଼ ବଡ଼ ବାସନ ସବୁ ରଖାଯାଇଅଛି । ଲୋକମାନ୍ୟ ତିଳକଜୀ ଚୁଲା ଜଳାଇବାରେ ବ୍ୟସ୍ତ ଥିଲେ । ଜଣେ ପ୍ରତିନିଧି ତିଳକଜୀଙ୍କ ପାଖକୁ ଯାଇ ବିନୀତ ଭାବରେ ପଚାରିଲେ, 'ମହାଶୟ, ଆପଣ କାହିଁକି ଝାଳନାଳ ହୋଇ ଚୁଲା ଫୁଙ୍କୁଛନ୍ତି ?" ତିଳକଜୀ ଉତ୍ତର ଦେଲେ "ଭାଇ ଦକ୍ଷିଣର ପ୍ରଦେଶମାନଙ୍କରୁ ଆସିଥିବା ପ୍ରତିନିଧିମାନେ ଏଭଳି ଥଣ୍ଡା ସହିପାରିବେ ନାହିଁ । ଲଖନଉର ଲୋକେ ଏ କଥା ସହଜରେ ବୁଝିପାରିବେ ନାହିଁ । ଉତ୍ତର ପ୍ରଦେଶର ଶୀତ ଦକ୍ଷିଣାଞ୍ଚଳ ପ୍ରତିନିଧିମାନଙ୍କ ପାଇଁ ଅସହ୍ୟ ହେବ । ସେମାନଙ୍କୁ ଗାଧୋଇ ପାଧୋଇ ଠିକ୍ ସମୟରେ ବୈଠକରେ ପହଞ୍ଚିବାକୁ ହେବ । ଏଇଥିପାଇଁ ପାଣି ଗରମ କରୁଅଛି ।"

ବାସ୍ତବିକ ନେତା ହେବ ତ ଏମିତି । ତିଳକଜୀ ଏଇ କାମଟିକୁ ଅନ୍ୟ କାହାଦ୍ୱାରା କରାଇ ପାରିଥାନ୍ତେ । ମାତ୍ର ସେ ସ୍ୱାବଲମ୍ବୀ ଥିଲେ । ଆଜିକାଲିକାର ନେତା ବ୍ୟବସ୍ଥା ସମ୍ବନ୍ଧରେ ଏପରି ଚିନ୍ତା କ'ଣ ଚିନ୍ତା କରିପାରିବେ ?

●

Source: Author, Digitized by PPRACHIN, SOA

ଯୋଗ୍ୟ ରାଜାକୁ ଯୋଗ୍ୟ ପ୍ରଜା

ଆଜିକାଲି ରାଷ୍ଟ୍ରପତି, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଇତ୍ୟାଦିଙ୍କ ଗସ୍ତ ସମୟରେ ରାଜପଥକୁ ପଥିକଶୂନ୍ୟ କରିବାର ପରମ୍ପରା ରହିଅଛି । ପ୍ରାଚୀନ କାଳରେ ମଧ୍ୟ ଏପରି ବ୍ୟବସ୍ଥା

ଥିଲା । ଏହାଦ୍ୱାରା ପଥିକ, ପ୍ରଜା ବା ନାଗରିକମାନେ ସମୟେ ସମୟେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଧରନ୍ତୁ ମୁମୂର୍ଷୁ ଅବସ୍ଥାରେ ରୋଗୀଟିକୁ ଡାକ୍ତରଖାନା ନିଆଯାଉଛି । ମାତ୍ର ରାସ୍ତା ବନ୍ଦ ଥିବାରୁ ଅଟକି ରହିବାକୁ ବାଧ୍ୟ ହୁଏ । ସେତିକି ସମୟ ମଧ୍ୟରେ ଅବସ୍ଥା କ'ଣ ହେବ କିଛି କହିହେବ ନାହିଁ । ରାମାୟଣ ଯୁଗରେ ମିଥିଳାର ରାଜା ଥିଲେ ଋଷି ଜନକ । ସେ ରାଜର୍ଷି ରୂପେ ଜଣାଶୁଣା ଥିଲେ । ତାଙ୍କ ରାଜତ୍ୱ ସମୟର ଗୋଟିଏ ଘଟଣା । ରାଜର୍ଷି ଜନକଙ୍କ ଶୋଭାଯାତ୍ରା ଉଦ୍ଦେଶ୍ୟରେ ମିଥିଳା ନଗରୀର ରାଜପଥକୁ ପଥିକ ବିହୀନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଥାଏ । ରାଜସେବକମାନେ ପଥଚାରୀ ଅଷ୍ଟବକ୍ର ମହାମୁନିଙ୍କୁ ହଟିଯିବା ପାଇଁ ନିର୍ଦ୍ଦେଶ ଦେଲେ । ମାତ୍ର ଅଷ୍ଟବକ୍ର ଋଷି ରାଜକର୍ମଚାରୀମାନଙ୍କ କଥା ନ ମାନି କହିଲେ, "ପ୍ରଜାଙ୍କର ଆବଶ୍ୟକ କାମରେ ବାଧା ସୃଷ୍ଟି କରି ଆପଣାର ସୁବିଧା ବ୍ୟବସ୍ଥା କରିବା ରାଜାଙ୍କ ପାଇଁ ଅନୁଚିତ ଅଟେ । ମୁଁ ହଟିପାରିବି ନାହିଁ, ରାଜପଥରେ ହିଁ ଚାଲିବି ।"

ଆଦେଶ ଅମାନ୍ୟ କରିଥିବାରୁ କର୍ମଚାରୀମାନେ ମୁନିବରଙ୍କୁ ବନ୍ଦୀ କରିନେଇ ରାଜାଙ୍କ ଆଗରେ ପେଶ୍ କଲେ । ରାଜର୍ଷି ସମସ୍ତ ବୃତ୍ତାନ୍ତ ଶୁଣି ଋଷିବରଙ୍କ ବିଚାରଦ୍ୱାରା ବେଶ୍ ପ୍ରଭାବିତ ହେଲେ । ସ୍ଥିତପ୍ରଜ୍ଞ ରାଜନ କହିଲେ, ଯେଉଁ ଦେଶରେ ରାଜାଙ୍କୁ ମଧ୍ୟ ଦଣ୍ଡ ଦେବାଭଳି ଯୋଗ୍ୟ ପୁରୁଷ ଅଛନ୍ତି, ସେ ଦେଶ ଧନ୍ୟ ଅଟେ । ଏପରି ଲୋକଙ୍କୁ ଦଣ୍ଡ ନୁହେଁ ସମ୍ମାନ ଦେବା ଆବଶ୍ୟକ । ସେ ମହାମୁନିଙ୍କ ନିକଟରୁ କ୍ଷମା ମାଗିନେଇ କହିଲେ, 'ଆପଣ ମତେ ତ୍ରୁଟି ପ୍ରତି ସଚେତନ କରାଇଥିବାରୁ ମୁଁ କୃତଜ୍ଞ । ଆଜିଠାରୁ ଆପଣ ଆମର ରାଜଗୁରୁ ପଦ ମଣ୍ଡନ କରିବେ ଓ ଏହିପରି ଭାବରେ ମୋତେ ଅନ୍ୟାୟପଥରୁ ଦୂରେଇ ରହିବା ପାଇଁ ଦୟାକରି ମୋତେ ଉପଦେଶ ଦେଉଥିବେ ।

●

Source: Author, Digitized by PPRACHIN, SOA

ମାଙ୍କଡ଼ ନାଚ

ଆମ ଦେଶରେ ଜ୍ଞାନୀ ଲୋକଙ୍କର ଯେତିକି ଆଦର ଥିଲା, ଶୌର୍ଯ୍ୟ, ବୀର୍ଯ୍ୟ, ବୀରତ୍ୱର ମଧ୍ୟ ସେତିକି ଗୁରୁତ୍ୱ ଥିଲା । ଶାସ୍ତ୍ର ଓ ଶସ୍ତ୍ରର ଆଦର ଥିଲା ବୋଲି ଭାରତମାତା ବିଶ୍ୱଗୁରୁର ମର୍ଯ୍ୟାଦା ଲାଭ କରିଥିଲେ ।

୨୨, ଅକ୍ଟୋବର, ୧୯୦୨ ମସିହାର କଥା । ସେଦିନ ଥିଲା ଶସ୍ତ୍ର ପୂଜନର ଦିନ । ମାତ୍ର ନାଗପୁରର ମୌରିସ କଲେଜର ତରୁଣମାନଙ୍କ ଦ୍ୱାରା ଆୟୋଜିତ ହକି ମ୍ୟାଚର ପୁରସ୍କାର ବିତରଣ

ଉତ୍ସବ ସେଇଦିନ ଅନୁଷ୍ଠିତ ହେବାର ଥାଏ । ଉତ୍ସବରେ ଯୋଗ ଦେଇ ଉତ୍ସାହପୂର୍ଣ୍ଣ ଭାଷଣ ଦେବାପାଇଁ ନିମନ୍ତ୍ରିତ ହୋଇଥାନ୍ତି ଜଣେ ଆୟରଲାଣ୍ଡବାସିନୀ ମହିଳା ।

ମହିଳା ଜଣକ ସେଠାରେ ଚାଲିଥିବା ପାଶ୍ଚାତ୍ୟ ଶୈଳୀର ହକିଖେଳ ଦେଖିସାରିଲା ପରେ ଭାଷଣ ଦେବା ପାଇଁ ମଞ୍ଚ ଉପରକୁ ଉଠିଲେ । ଗମ୍ଭୀରତାର ସହ କହିଲେ- 'ଦେଶର ଏହି ଅଞ୍ଚଳ ଶେଷ ସମୟ ପର୍ଯ୍ୟନ୍ତ ସ୍ୱାଧୀନ ଓ ସ୍ୱତନ୍ତ୍ର ରହି ଉନ୍ମୁକ୍ତ ବାତାବରଣରେ ଶ୍ୱାସ ନେଉଥିଲା । ଆଜି ମହାଶକ୍ତି ଦୁର୍ଗାମାତାଙ୍କର ଉପାସନା ତିଥି । ଭୋସଲାଙ୍କ ରାଜଧାନୀରେ ମୁଁ ଅପେକ୍ଷା କରିଥିଲି ଯେ ଏଠାରେ ଶସ୍ତ୍ର କଳାର କୌଶଳ ପ୍ରଦର୍ଶନ ହେବ, ଯେଉଁଥିରେ ଜଣେ ବଳବାନ ବ୍ୟକ୍ତି ଅନ୍ୟମାନଙ୍କ ସହିତ ଲଢ଼ି ସେମାନଙ୍କୁ ଧରାଶାୟୀ କରିବ । ମାତ୍ର ଖେଳର ଏହି ପଡ଼ିଆରେ ବିଦେଶୀ କେଳାଙ୍କଦ୍ୱାରା କରାଯାଉଥିବା ମାଙ୍କଡ଼ ନାଚ ହିଁ ଦେଖିବାକୁ ମିଳିଲା ।'

ଯୁବକମାନେ ଭାଷଣର ମର୍ମ କ'ଣ ଥିଲା ବୁଝିପାରିଥିଲେ କି ନାହିଁ କହିବା କଠିନ । ମାତ୍ର ଭାରତର ପୁନରୁତ୍ଥାନ ପାଇଁ ଆହ୍ୱାନ ଦେଉଥିବା ଏଇ ଆଇରିଶ୍ ମହିଳା ଜଣକ ଥିଲେ ସ୍ୱାମୀ ବିବେକାନନ୍ଦଙ୍କର ପ୍ରିୟ ଶିଷ୍ୟା ଭଗିନୀ ନିବେଦିତା । ଜଣେ ବିଦେଶିନୀ ହୋଇ ସୁଦ୍ଧା ଭାରତର ସ୍ୱତନ୍ତ୍ରତା ଓ ପ୍ରଗତି ପାଇଁ ସେ ଯେଉଁ ନିଷ୍ପାପର ଉଦ୍ୟମ କରିଯାଇଛନ୍ତି ତାହା ଚିର ସ୍ମରଣୀୟ ହୋଇ ରହିବ ।

●

Source: Author, Digitized by PPRACHIN, SOA

ନିଜ ଭାଷା ପାଇଁ ଗର୍ବ

ଯେଉଁ ଶ୍ରେଷ୍ଠ ସନ୍ତାନମାନେ ଭାରତମାତାଙ୍କ ମୁଖ ଉଜ୍ଜ୍ୱଳ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ସ୍ୱାମୀ ବିବେକାନନ୍ଦ ଥିଲେ ଅନ୍ୟତମ । ତାଙ୍କର ଶିଷ୍ୟା ଥିଲେ ଭଗିନୀ ନିବେଦିତା । ଏକଦା ନିବେଦିତା ମେଦିନୀପୁରଠାରେ ଏକ ସଭାରେ ଭାଷଣ ଦେଉଥିଲେ । ସଭାରେ ଉପସ୍ଥିତ ଥିବା ଲୋକମାନେ ମନଧ୍ୟାନ ଦେଇ ଶୁଣୁଥିଲେ । ଶ୍ରୋତାମାନେ ସତେଯେପରି ମନ୍ତ୍ରମୁଗ୍ଧ ହୋଇଯାଇଥିଲେ । ଆତ୍ମବିଭୋର ହୋଇ କିଛି ଯୁବକ ହିପ୍‌ହିପ୍ ହୁରେ ଧ୍ୱନିରେ ସଭାସ୍ଥଳ କମ୍ପାଇ ଦେଉଥିଲେ । ନିବେଦିତାଜୀ ଭାଷଣ ମଝିରେ ଅଟକି ଗଲେ । ଯୁବକମାନଙ୍କୁ ଶାସନ କରିବା ଢଙ୍ଗରେ କହିଲେ- ' ଶାନ୍ତ ହୁଅ, ତୁମମାନଙ୍କୁ ଲଜ୍ଜା ଲାଗିବା ଦରକାର । ନିଜ ଭାଷା ପାଇଁ କ'ଣ ଏତେଟିକେ ଗର୍ବ ନାହିଁ ତୁମମାନଙ୍କ ମନରେ ? ତୁମ ପିତା କ'ଣ ଇଂରେଜ ଥିଲେ ? ତୁମ ମାତା କ'ଣ ଗୋରା ଚମଡ଼ାବାଲୀ ଇଉରୋପ ଦେଶୀୟ ଥିଲେ ? ଇଂରେଜମାନଙ୍କୁ ନକଲ କରିବା କ'ଣ ତୁମକୁ ଶୋଭା ପାଉଛି ?"

ଭଗିନୀ ନିବେଦିତାଙ୍କର ବଜ୍ରଗମ୍ଭୀର ବାଣୀ ଶୁଣି ସମବେତ ଯୁବକମାନେ ସ୍ତବ୍ଧ ହୋଇଗଲେ । ସମସ୍ତଙ୍କ ମୁହଁ ତଳକୁ ହୋଇଗଲା । ନିବେଦିତାଜୀ ପ୍ରେରଣା ଦେଲା ଭଳି ଭାଷାରେ କହିଲେ- "ଭାଷଣର କୌଣ କଥା ଯଦି ଭଲ ଲାଗେ ଏବଂ ପ୍ରସନ୍ନତା ପୂର୍ବକ ଭାଷଣ ଦେବାର ଯଦି ଅବସର ମିଳେ ତେବେ ନିଜ ଭାଷାରେ ହିଁ କୁହ । ନିଜ ଭାଷାରେ ହିଁ ସମୂହ ଧ୍ୱନି ସୃଷ୍ଟି କର"-

ସଚ୍ଚିଦାନନ୍ଦ ପରମାତ୍ମାଙ୍କର ଜୟ ।

ଭାରତମାତାକୀ ଜୟ ।

ସତ୍‌ଗୁରୁକୀ ଜୟ ।

ଯୁବକମାନେ କାଳ ବିଳମ୍ବ କରି ନିର୍ଦ୍ଦେଶ ପାଳନ କରି ସମୂହ ଧ୍ୱନିରେ ଗଗନ ପବନ ଥରାଇ ଦେଇଥିଲେ ।

ମାତୃଭୂମି ମାତୃଭାଷାର ବଦନ
ଦୀପ୍ତ କର ଦେଇ ଧନଧ୍ୟାନ ମନ ।

●

Source: Author, Digitized by PPRACHIN, SOA

ସତ୍ୟ ପ୍ରତି ନିଷ୍ଠା

୧୯୩୦ ମସିହାରେ ଭୌତିକ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଥିଲେ ଚନ୍ଦ୍ରଶେଖର ଭେଙ୍କଟରମଣ । ଏହା ପୂର୍ବରୁ ସେ ରେଙ୍ଗୁନରେ ମହା ଲେଖାକାର (ଆକାଉଣ୍ଟାଣ୍ଟ ଜେନେରାଲ)ପଦରେ କାର୍ଯ୍ୟ କରୁଥିଲେ । ତାଙ୍କର ଉପରିସ୍ଥ ଅଧିକାରୀ ଜଣେ ଇଂରେଜ ଥିଲେ ।

ଦିନେ ସେହି ଇଂରେଜ ଅଫିସର ରମଣଜୀଙ୍କୁ ନିଜ କକ୍ଷକୁ ଡକାଇ ତାଗିଦ କରି କହିଲେ, ଯଦି ମୁଁ ତୁମକୁ କହେ ଯେ ଏହି କାଳି ସାହି ଲାଲ ଅଟେ, ତେବେ ତୁମକୁ 'ୟେସ୍ ସାର' କହିବାକୁ ହେବ ।" ଏହା ଶୁଣି ରମଣ ମହାଶୟ ଉତ୍ତର ଦେଇଥିଲେ - "ଯଦି ଆପଣ ମୋତେ ଏପରି ଅଯଥାର୍ଥ ପ୍ରଶ୍ନ କରନ୍ତି, ତେବେ ମୋର ଏପରି କହିବା କର୍ତ୍ତବ୍ୟ ହେବ ଯେ ଆପଣ ଅନ୍ଧ ଅଟନ୍ତି ବା ପାଗଳ କିମ୍ବା ଉଭୟେ ।"

•

ମାତୃଭୂମିର କୋଳ

ସନ୍ୟାସ ଗ୍ରହଣ କରିବା ପରେ ଆମେରିକାସ୍ଥିତ ଚିକାଗୋଠାରେ ଅନୁଷ୍ଠିତ ହେଉଥିବା ବିଶ୍ୱଧର୍ମ ସମ୍ମିଳନୀରେ ଯୋଗ ଦେବା କେବଳ ସ୍ୱାମୀ ବିବେକାନନ୍ଦ କାହିଁକି ସମଗ୍ର ଭାରତ ଓ ବିଶ୍ୱ ପାଇଁ ଥିଲା

ଏକ ଅବିସ୍ମରଣୀୟ ଘଟଣା । ଉକ୍ତ ସଭା ପନ୍ଦର ଦିନ ଧରି ଚାଲିଥିଲା ତା'ପରେ ଆମେରିକାର ବିଭିନ୍ନ ପ୍ରାନ୍ତ ଓ ଇଂଲାଣ୍ଡର ବିଭିନ୍ନ ସ୍ଥାନରେ ଭାରତର ଧର୍ମ ଓ ପରମ୍ପରା ବିଶେଷ କରି ବେଦାନ୍ତ ଦର୍ଶନ ସମ୍ପର୍କରେ ଓଜସ୍ୱିନୀ ବକ୍ତୃତାମାନ ଦେଇ ସ୍ୱାମୀଜୀ ଜନମାନସକୁ ଚମତ୍କୃତ କରିଥିଲେ ।

ସ୍ୱାମିଜୀ ମଇ ମାସ, ୧୮୯୩ ମସିହାରେ ବମ୍ବେଠାରୁ ଜାହାଜରେ ଚଢ଼ି କଲମ୍ବୋ, ପିନାଙ୍ଗ, ସିଙ୍ଗାପୁର, ହଙ୍କଂ, ଜାପାନ, ଭ୍ୟାଙ୍କୁବର ଓ କାନାଡ଼ା ଦେଇ ଚିକାଗୋ ସହରରେ ପହଞ୍ଚିଥିଲେ । ଦୀର୍ଘ ସମୟ ଧରି ଆମେରିକା ତଥା ପାଶ୍ଚାତ୍ୟର ଭୋଗଭୂମିରେ

Source: Author, Digitized by PPRACHIN, SOA

ଅତିବାହିତ କରିବା ପରେ ଭାରତର ପବିତ୍ର ତ୍ୟାଗ ଭୂମିରେ ପାଦ ଥାପି ଥିଲେ । ଜାହାଜ କଲମ୍ବୋ ଛାଡ଼ିଲା ମାତ୍ରେ ମାତୃଭୂମିର ଦର୍ଶନ ଲାଗି ବିବେକାନନ୍ଦ ବ୍ୟଗ୍ର ହୋଇ ଉଠିଥିଲେ । ଦୂରରୁ ଯେମିତି ଭାରତର ସମୁଦ୍ରତଟ ଦେଖାଗଲା, ସ୍ୱାମିଜୀଙ୍କର ଆଖିରୁ ଆନନ୍ଦାଶ୍ରୁର ଧାରା ବହିବାକୁ ଲାଗିଲା । ହାତଯୋଡ଼ି ସେ ସେହି ତଟ ଆଡ଼କୁ ଅନେଇ ରହିଲେ, ସତେ ଯେପରି ସେ ଭାରତମାତାଙ୍କର ଦର୍ଶନ କରୁଛନ୍ତି । ଜାହାଜ କୂଳରେ ଲାଗିଲାମାତ୍ରେ ପାଗଳ ପରି ସ୍ୱାମିଜୀ ଡେକରୁ ତଳକୁ ଓହ୍ଲାଇ ପଡ଼ିଲେ ଆଉ ଭାରତ ଭୂମିରେ ପାଦ ରଖୁ ରଖୁ ସାଷ୍ଟାଙ୍ଗ ପ୍ରଣାମ କରି ଏକ ପ୍ରକାର ଗଡ଼ିବାକୁ ଲାଗିଲେ । ଯେମିତି ଅନେକ ବର୍ଷ ପରେ କୌଣସି ଶିଶୁ ତା'ର ମା' କୋଳକୁ ଫେରିଆସିଛି । ତାଙ୍କ ମୁହଁରୁ ସ୍ୱତଃ ନିସୃତ ହେଲା - ମା'ର କୋଳରେ ମୋର ସମସ୍ତ ପାପ ଧୋଇ ହୋଇଯାଇଛି ।" ବାରମ୍ବାର ସେ ମାତୃଭୂମିକୁ ପ୍ରଣାମ କରୁଥିଲେ, ତାର ଜୟଜୟକାର କରୁଥିଲେ । ଦେଶଭକ୍ତିର ଜାହ୍ନବୀରେ ଅବଗାହନ କରୁଥିବା ସମୟରେ ସେହି ପ୍ରାଣସ୍ପର୍ଶୀ ଦୃଶ୍ୟକୁ ଦେଖି ସମବେତ ଜନସମୁଦ୍ର ଆତ୍ମବିଭୋର ହୋଇଯାଇଥିଲେ ।

●

ସେ ହିଁ ମୋର ପୁତ୍ର

ଆଜିକାଲି ଲୋକେ ପୁଅଟିଏ ପାଇବା ପାଇଁ ପାଗଳ ପ୍ରାୟ ହୋଇଯାଉଛନ୍ତି । ଲୋକମାନଙ୍କର ଧାରଣା ପୁଅ ହିଁ ସେମାନଙ୍କୁ ନର୍କରୁ ଉଦ୍ଧାର କରିବ । ଏକ ସମୟରେ କେହି କେହି ଅପୁତ୍ରିକ ଲୋକର ମୁହଁ ଚାହିଁବାକୁ ଅଶୁଭ ବୋଲି ବିଚାର କରୁଥିଲେ । ପୁତ୍ର ହିଁ ପୁତ୍ ନାମକ ନର୍କରୁ ପିତାମାତାଙ୍କୁ ଉଦ୍ଧାର କରେ । ଅଜ୍ଞତା ଓ ଅନ୍ଧବିଶ୍ୱାସ ହେତୁ ଲୋକେ ଏ କଥାର ମର୍ମ ବୁଝିପାରନ୍ତି ନାହିଁ । ବାର୍ଦ୍ଧକ୍ୟ ଅବସ୍ଥାକୁ ପୁତ୍ କୁହାଯାଏ । ଏହି ଅବସ୍ଥାରେ ପୁତ୍ର ପିତାମାତାଙ୍କର ସାହାଭରସାରେ ପରିଣତ ହୁଏ । ମାତ୍ର ସମୟ ଏବେ ବଦଳିଗଲାଣି । ପୁଅମାନଙ୍କ ଅପେକ୍ଷା ଝିଅମାନେ ବରଂ ଶେଷ ସମୟରେ ବାପାମାଆଙ୍କର ସୁଖଦୁଖରେ ଭାଗୀଦାର ହେଉଛନ୍ତି । ମାତ୍ର ଅନ୍ଧ ମଣିଷ ପୁଅଟିଏ ପାଇବା ଆଶାରେ ଗୋଟିଏ ପରେ ଗୋଟିଏ କନ୍ୟାଭ୍ରୁଣ ହତ୍ୟା କରିବାକୁ ସୁଦ୍ଧା ପାପ ବା ଅନୁଚିତ କାର୍ଯ୍ୟ ବୋଲି ବିଚାରୁ ନାହିଁ । ମାତ୍ର ରାଜା ମହେନ୍ଦ୍ର ପ୍ରତାପ ଥିଲେ ଏକ ବ୍ୟତିକ୍ରମ ।

Source: Author, Digitized by PPRACHIN, SOA

ରାଜାଙ୍କର କୌଣସି ପୁତ୍ର ନଥିଲେ । କିପରି ବଂଶରକ୍ଷା ହେବ ଏଇ ଚିନ୍ତା ନେଇ କେତେକ ଜ୍ୟୋତିଷ ରାଜାଙ୍କ ନିକଟରେ ପହଞ୍ଚିଲେ । କେହି କେହି ପରାମର୍ଶ ଦେଇ କହିଲେ, "ମହାରାଜ ! ଆପଣଙ୍କ ଭାଗ୍ୟରେ ପୁତ୍ର ନାହିଁ । ତେବେ ଆପଣ ଯଦି ଯଜ୍ଞ ଅନୁଷ୍ଠାନ କରନ୍ତି ତେବେ ପୁତ୍ର ନିଶ୍ଚୟ ହେବ ।' ରାଜାସାହେବ ଖୋସାମତିଆ ଜ୍ୟୋତିଷମାନଙ୍କର ଉପରେ ପଡ଼ି ଉପଦେଶ ଦେବାର ସ୍ୱଭାବକୁ ଭଲ ଦୃଷ୍ଟିରେ ଦେଖୁନଥିଲେ । ସେ ବିରକ୍ତ ହୋଇ ତୁରନ୍ତ ସେମାନଙ୍କୁ ବିଦା କରୁକରୁ କହିଲେ, "ଆପଣମାନେ ବୃଥାରେ ମୋ ପରି ଏକ ବ୍ୟକ୍ତି ନିକଟକୁ ଆସି ସମୟ ନଷ୍ଟ କଲେ । ମୋର ବଂଶରକ୍ଷା ପାଇଁ ଜୀବଧାରୀ ପୁତ୍ର (ଜନ୍ମିତ ସନ୍ତାନ)ର ଆବଶ୍ୟକତା ନାହିଁ । ଯେଉଁ ଧନ ମୋର ପୁତ୍ର ପାଇଁ ବ୍ୟୟ ହେବାକୁ ଥିଲା, ତାହା ସତ୍‌କାର୍ଯ୍ୟରେ ନିୟୋଜିତ ହେବ । କ୍ଷମା କରିବେ, ଆପଣମାନେ ତୁରନ୍ତ ନିଜ ନିଜର ଘରକୁ ଫେରିଯାଆନ୍ତୁ ।"

ରାଜା ସାହେବ ବହୁତ ଭାବିଚିନ୍ତି ଶିକ୍ଷା ମାନବିକତା ଓ ଆଧ୍ୟାତ୍ମିକ ଭାବର ପ୍ରସାର ପାଇଁ ବୃନ୍ଦାବନରେ 'ପ୍ରେମ ମହାବିଦ୍ୟାଳୟ'ନାମକ ଏକ ଅନୁଷ୍ଠାନ ସ୍ଥାପନ କଲେ । ତାକୁ ହିଁ ନିଜର ପୁତ୍ର ରୂପେ ଗ୍ରହଣ କଲେ । ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ଉକ୍ତ ଅନୁଷ୍ଠାନ ପାଇଁ ଅର୍ପଣ କରିଦେଲେ ।

ରାଜା ସାହେବଙ୍କ ପରି ମହାନ ବ୍ୟକ୍ତିଙ୍କର ମହତ କାମ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା । ରାଜା ସାହେବ ନିଜର ଉତ୍ତରାଧିକାରୀତ୍ୱ ବିଷୟରେ ଲେଖିଯାଇଛନ୍ତି । "ମୋର ବଂଶ ଏହି ପ୍ରେମ ମହାବିଦ୍ୟାଳୟକୁ ହିଁ ଭବିଷ୍ୟତରେ ଚଳାଇବ । ସମାଜରେ ଏହିପରି ସତ୍‌ପ୍ରବୃତ୍ତି ସୃଷ୍ଟି ହେଲେ ମୁଁ ଅନୁଭବ କରିବି ଯେ ମୋର ପୁତ୍ର ସୁପୁତ୍ର ଅଟନ୍ତି ।"

ବାସ୍ତବିକ, ଭବିଷ୍ୟତରେ ଏହା ହିଁ ସତ୍ୟ ବୋଲି ପ୍ରମାଣିତ ହୋଇଥିଲା ।

•

Source: Author, Digitized by PPRACHIN, SOA

ପୁରସ୍କାର

ମହାକବି ନିରାଲା ତାଙ୍କର ମହାନ ସାହିତ୍ୟ କୃତି ନିମନ୍ତେ ପୁରସ୍କୃତ ହୋଇଥାନ୍ତି । ପୁରସ୍କାର ବାବଦକୁ ମିଳିଥିବା ଅର୍ଥ ସହିତ ଘରକୁ ଫେରୁଥିଲେ । ବାଟରେ ବୁଢ଼ୀଟିଏ ହାତ ପତେଇ କହିଲା, ‘ପୁଅ, ଏହି ଅଭାଗିନୀକୁ କିଛି ଭିକ୍ଷା ମିଳୁ ।”

ବୁଢ଼ୀଟିର ସ୍ୱର ନିରାଲାଙ୍କ କବିପ୍ରାଣକୁ ଚହଲାଇ ଦେଲା । ସେ ଆହତ ସ୍ୱରରେ କହିଲେ, “ପୁଅ ବୋଲି କହୁଛୁ ଓ ଭିକ ବି ମାଗୁଛୁ । କୁହ, ତୁମକୁ କେତେ ପଇସା ଦେଲେ ତୁମେ ଆଉ ମୋତେ ଭିକ ମାଗିବ ନାହିଁ ?”

ବୁଢ଼ୀଟି ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ମାଗିଲା, ଯାହା ମହାକବି ନିରାଲା ପାଇଥିବା ପୁରସ୍କାର ଧନ ତୁଳନାରେ ଖୁବ୍ କମ୍ ଥିଲା । ମହାମନା ନିରାଲା ପୁରସ୍କାର ବାବଦକୁ ପାଇଥିବା ସମସ୍ତ ଧନ ତାକୁ ଦେଇଦେଲେ ।

ଦାନଶୀଳତା ଏକ ସ୍ୱର୍ଗୀୟ ଗୁଣ । ଯେଉଁଦିନ କୌଣସି ସଜ୍ଜନ ଯଦି ସତ୍-ପାତ୍ରରେ କିଛି ଦାନ ଦେଇଥାନ୍ତି, ସେ ଦିନଟି ତାଙ୍କ ପାଇଁ ଏକ ଗୌରବର ଦିନ । ଏହାକୁ ମହାନ୍ ଲୋକଙ୍କର ମହତ୍ କାମ ବୋଲି କହିଲେ ଠିକ୍ ହେବ ।

•

ଯଉତୁକ ପରି ଯଉତୁକ

ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କୁ କିଏ ବା ନଜାଣେ ? ସେ ଯେପରି ବିଦ୍ୱାନ ଥିଲେ ସେହିପରି ସଦାଚାରୀ ଥିଲେ । ସେ ମଧ୍ୟ ଥିଲେ ମହାନ୍ ଦେଶଭକ୍ତ ଓ ପରମ ସ୍ୱାଧୀନତା ସଂଗ୍ରାମୀ । ଭାରତର ମହାନ୍ ପରମ୍ପରା ଗୁଡ଼ିକ ପ୍ରତି ତାଙ୍କ ମନରେ ଥିଲା ଅସୀମ ଶ୍ରଦ୍ଧା । ସେ ବିଶ୍ୱାସ କରୁଥିଲେ ଯେ ଅଜ୍ଞତା, କୁଶିକ୍ଷା ଓ ଅନ୍ଧବିଶ୍ୱାସ କାରଣରୁ ଭାରତୀୟମାନେ ଅତୀତର ଗୌରବକୁ ଭୁଲିଯାଇ

Source: Author, Digitized by PPRACHIN, SOA

କୁସଂସ୍କାରଗ୍ରସ୍ତ ହୋଇଛନ୍ତି । ଜାତିବାଦ, ପାରସ୍ପରିକ ମତଭେଦ, ଅଜ୍ଞତା ଓ କୁସଂସ୍କାର ହେତୁ ମଧ୍ୟ ଆମେ ପରାଧୀନତା ପରି ପରାଭବକୁ ବରଣ କରିଅଛୁ । ପାଶ୍ଚାତ୍ୟ ଶିକ୍ଷା ପଦ୍ଧତି ଓ ଜୀବନ ଯାପନର ଶୈଳୀକୁ ଗ୍ରହଣ କରିବା ଫଳରେ ଆମେ ନାମମାତ୍ର ଭାରତୀୟ ହୋଇ ରହିଛୁ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ଉପଯୁକ୍ତ ଶିକ୍ଷା ବଳରେ ମାନବିକତା ଓ ଦେଶପ୍ରେମ ଜାଗ୍ରତ କରିହେବ । ବିଦ୍ୟା ପରି ମହାଧନ ଅନ୍ୟ କିଛି ନାହିଁ । ଭାରତୀୟ ଜ୍ଞାନ ଓ ଗୌରବ ପ୍ରସାର ପାଇଁ ସେ ଏକ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାର ସ୍ୱପ୍ନ ଦେଖିଥିଲେ । ନିଜ ସଂକଳ୍ପରେ ଦୃଢ଼ ରହି ସେ କାର୍ଯ୍ୟରେ ଲାଗି ପଡ଼ିଥିଲେ । ଏଥିପାଇଁ ସେ ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କର ଅକୁଣ୍ଠ ସାହାଯ୍ୟ ଓ ସହାନୁଭୂତି ମଧ୍ୟ ଲାଭ କରିଥିଲେ । ଦାନ, ଦକ୍ଷିଣା, ସହାୟତା ବ୍ୟତୀତ ସେ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ସତ୍‌ପାତ୍ରଙ୍କଠାରୁ ଭିକ୍ଷା ମଧ୍ୟ ଗ୍ରହଣ କରିଥିଲେ । ତାଙ୍କର ନିଷ୍ଠା ଓ ଅଧ୍ୟବସାୟ ଫଳରେ 'ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ' ପରି ଏକ ବିଶ୍ୱବିଖ୍ୟାତ ଶିକ୍ଷାନୁଷ୍ଠାନ ଗଢ଼ିଉଠିଛି ।

ମାଳ୍ୟବ୍ୟଜୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଧନ ସଂଗ୍ରହ ନିମନ୍ତେ ଅନେକ ନ୍ୟାୟୋଚିତ ପନ୍ଥା ଅବଲମ୍ବନ କରୁଥିଲେ । ଅନେକ ଘଟଣା ମଧ୍ୟରୁ ଏହା ଅନ୍ୟତମ । ଥରେ ମାଳବ୍ୟଜୀଙ୍କ ନିକଟକୁ ଜଣେ ସେଠ୍ ଆସିଥିଲେ । ସେ ନିଜ ଝିଅର ବିବାହ ଉପଲକ୍ଷେ ନିମନ୍ତ୍ରଣ ପତ୍ର ଦେବାପାଇଁ ଆସିଥିଲେ । ସଂଯୋଗବଶତଃ ଯେଉଁ ପାତ୍ରଟି ସହିତ ଝିଅଟିର ବିବାହ ସ୍ଥିର ହୋଇଥିଲା ସେ ମାଳବ୍ୟଜୀଙ୍କର ଶିଷ୍ୟ ଥିଲା ।

ମାଳବ୍ୟଜୀ ଦାମୀ ନିମନ୍ତ୍ରଣ ପତ୍ରଟିକୁ ଚାହିଁ କହିବାକୁ ଆରମ୍ଭ କଲେ, "ସେଠଜି ! ପ୍ରଭୁଙ୍କର ଆପଣଙ୍କ ପ୍ରତି କରୁଣାର ଅଭାବ ନାହିଁ । ଶୁଣାଯାଏ ଯେ ଆପଣ ଏହି ବିବାହ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ । ଏହି ଧନ ପ୍ରଦର୍ଶନ ସବୁ ବ୍ୟର୍ଥ ଅଟେ । ଖୁବ୍ ଭଲ ହୁଅନ୍ତା ଯଦି ଏହି ଅର୍ଥ ଆପଣ ମତେ ଯଉତୁକ ଆକାରରେ ଦେଇଦିଅନ୍ତେ । ଏହି ଅର୍ଥ ସାହାଯ୍ୟରେ ହିନ୍ଦୁ ବିଦ୍ୟାଳୟ ନିର୍ମାଣର

Source: Author, Digitized by PPRACHIN, SOA

ଶେଷ ପର୍ଯ୍ୟାୟ କାମ ସଂପୂର୍ଣ୍ଣ ହୋଇପାରନ୍ତା । ପିଲାଟିର ଗୁରୁ ହେବା କାରଣରୁ ଲୋକମାନଙ୍କର ମଙ୍ଗଳ ପାଇଁ ମୁଁ ଏ ଦକ୍ଷିଣା ଆପଣଙ୍କଠାରୁ ମାଗୁଅଛି ।" ମାଲବ୍ୟଜୀଙ୍କ କଥାରେ ସେଠ୍‌ଜୀ ଏତେ ପ୍ରଭାବିତ ହୋଇଥିଲେ ଯେ ସେ ବିବାହରେ ବ୍ୟର୍ଥ ଓ ଅନାବଶ୍ୟକ ବ୍ୟୟ କରିବାର ବିଚାର ବଦଳାଇ ଦେଲେ । ସରଳ ନିରାଡ଼ମ୍ବର ଭାବରେ ଆଦର୍ଶ ବିବାହ ଉତ୍ସବ ପାଳନ କରିବା ସହିତ ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ହେଉଥିବା ଅନେକ ଭବନ ନିର୍ମାଣ କରି ଦେଇଥିଲେ । ଏହା ସମ୍ଭବ ହୋଇଥିଲା କେବଳ ମାଲବ୍ୟଜୀଙ୍କର ମହାନ ବ୍ୟକ୍ତିତ୍ୱର ପ୍ରଭାବ ଫଳରେ ।

ଘଟଣାଟି ଯେଉଁମାନଙ୍କର ଦୃଷ୍ଟିକୁ ଆସୁଥିଲା ସେମାନେ କୁହାକୁହି ହେଉଥିଲେ 'ଯଉତୁକ ଦେବ ତ ଏପରି ଯଉତୁକ ଦେବ' ।

●

ମାନବ ସେବା ହିଁ ମାଧବ ସେବା

ରେଳ ଷ୍ଟେସନରେ ଡେରାଡୁନ ଏକ୍ସପ୍ରେସ ଲାଗିଥାଏ । 'ମା ! ପାଣି, ଗଳା ଶୁଖି ଯାଉଛି ମା, ଟୋପେ ପାଣି ଦିଅ' – ଗୋଟିଏ ବଗିରୁ ଭାସିଆସୁଥିଲା ଛୋଟ ଏକ ପିଲାର କରୁଣ ସ୍ୱର । ନିକଟରେ ପ୍ଲାଟଫର୍ମରେ ଠିଆ ହୋଇଥିଲେ ସାଧୁରାମ୍ । ସେ ଥିଲେ ସିନ୍ଧ୍ ସମାଜର ସଭାପତି ତଥା ଷ୍ଟେସନରେ ଥିବା ଗୋଟିଏ ବହି ଦୋକାନର ଠିକାଦାର । ପିଲାଟିର ବ୍ୟାକୁଳ ସ୍ୱର ଯେମିତି ତାଙ୍କ କାନରେ ବାଜିଛି ସେ କାଳ ବିଳମ୍ବ ନକରି ଧାଇଁଗଲେ ବଗିଟି ପାଖକୁ । ବଗି ଭିତରେ ଲୋକଙ୍କର ଖୁବ୍ ଭିଡ଼ଥିଲା । ସେଇ ଭିଡ଼ ଭିତରେ ପିଲାଟିଏ ଶୋଷରେ ଆଉଟୁ ପାଉଟୁ ହେଉଥିଲା । ସାଧୁରାମଜୀ ବ୍ୟସ୍ତ ହୋଇ ପଡ଼ି ଗିଲାସେ ପାଣି ଆଣିବା ପାଇଁ ଦୌଡ଼ିଗଲେ । ପାଣି ଗ୍ଲାସ ଧରି ଫେରିଆସି ଦେଖନ୍ତି ଗାଡ଼ି ଛାଡ଼ି ଦେଇଛି । ତାଙ୍କର ହୃଦୟ ଦୁଃଖରେ

Source: Author, Digitized by PPRACHIN, SOA

ଭରିଗଲା । ଆଖିରୁ ନିଗିଡ଼ି ଆସିଲା ଦି'ଟୋପା ଲୁହ । ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ବିଶେଷ କିଛି ସୁବିଧା ନ ଥିଲା । ସାଧୁରାମ୍‌ଜୀ ଗିଲାସରେ ଥିବା ଜଳକୁ ଦେବତାଙ୍କ ଉଦ୍ଦେଶ୍ୟରେ ଅର୍ପଣ କରି ସଂକଳ୍ପ କଲେ ଯେ ଗଙ୍ଗାମାତାଙ୍କ ଦେଶର ଏହି ଷ୍ଟେସନରେ ଆଗକୁ ଯେପରି କୌଣସି ଯାତ୍ରୀ ଶୋଷିଲା ରହିବ ନାହିଁ ।

ତହିଁ ପରଦିନଠାରୁ ହାତରେ ବାଲ୍‌ଟି ମଗ ଓ ଗ୍ଲାସ ଧରି ଯାତ୍ରୀ ଗାଡ଼ି ଆସିବା ବେଳକୁ ଅପେକ୍ଷା କରି ରହିଲେ । ଯାତ୍ରୀଙ୍କୁ ପାଣି ପିଆଇବାରେ ଲାଗି ପଡ଼ିଲେ । କୌଣସି ମହତ୍ କାମ ଆରମ୍ଭ କଲେ ଭଲ ଲୋକମାନେ କେବଳ କାମର ପ୍ରଶଂସା କରନ୍ତି ନାହିଁ, ସାହାଯ୍ୟର ହାତ ମଧ୍ୟ ବଢ଼ାନ୍ତି । ସହଯୋଗ ବି କରନ୍ତି । ଏଇଥିପାଇଁତ ମଣିଷ ଜନ୍ମ ଶ୍ରେଷ୍ଠ । ଦେଖୁ ଦେଖୁ ଅନେକ ସେବାପ୍ରେମୀ ଲୋକେ ଏକାଠି ହୋଇଗଲେ । ଉତ୍ସାହୀ କାର୍ଯ୍ୟକର୍ତ୍ତାଗଣ ପ୍ଲାଟଫର୍ମର ଗୋଟିଏ କୋଣରେ ଶହେ ମାଠିଆ ହେବ ଶୀତଳ ଜଳ ଆଣି ରଖିବାକୁ ଆରମ୍ଭ କଲେ । ତା'ସହିତ ଗାଡ଼ି ଲାଗିବା ସମୟରେ ଅତି କମ୍‌ରେ ଦୁଇଶହ ସକ୍ରିୟ ହାତ ପାଣି ଯୋଗାଇବାରେ ଲାଗିପଡ଼ନ୍ତି । ଖରାଦିନେ ଷ୍ଟେସନରେ ଥିବା ଜଳକଷ୍ଟ ଦୂର ହୋଇଗଲା । ଏ ହେଲା ଅନେକ ଦିନ ତଳର କଥା । ମାତ୍ର ସାଧୁରାମ୍‌ଜୀ ଯେଉଁ ମହତ କାମର ଶୁଭ ଦେଇଥିଲେ । ତାହା ଏବେ ମଧ୍ୟ ଚାଲୁଅଛି । ପ୍ରଚାର ପ୍ରସାର ଠାରୁ ବହୁ ଦୂରରେ ରହି ଲୋକେ ଜନ ସେବା କାର୍ଯ୍ୟକୁ ନିଷ୍ଠାର ସହ କରିଚାଲିଛନ୍ତି । କର୍ତ୍ତବ୍ୟ ଭାବି ସେବା କଲେ ମଣିଷ ଥକି ପଡ଼େ । ମାତ୍ର ଶ୍ରଦ୍ଧାର ସହ ସେବା କଲେ ଥକାଣ ଛୁଇଁପାରେ ନାହିଁ । ଓଲଟି କାମରୁ ବହୁତ ଆନନ୍ଦ ମିଳେ । ଗୁଣୀ ଜନମାନେ କୁହନ୍ତି ସେବା ପ୍ରାର୍ଥନାଠାରୁ ବି ମହାନ୍ । ଦେବତାମାନଙ୍କୁ ସେବା କରିବାର ସୁଯୋଗ ମିଳେ ନାହିଁ । କେବଳ ମଣିଷ ହିଁ ସେବା କରିପାରେ ।

ଉକ୍ତ ଷ୍ଟେସନର ନାମ ହେଉଛି ଭିଓ୍ୱାନିମଣ୍ଡୀ । ଦିଲ୍ଲୀ, ମୁମ୍ବେଇ, ରତଲାମ ଇତ୍ୟାଦି ସ୍ଥାନକୁ ଯାଉଥିବା ଯେ କୌଣସି ଯାତ୍ରୀ ଯଦି କୌଣସି ସହଯାତ୍ରୀଙ୍କୁ ପଚାରେ ଯେ ଥଣ୍ଡା ପାଣି କେଉଁଠାରେ ମିଳିବ, ତେବେ ଚଟାପଟ୍ ଉତ୍ତର ମିଳେ - ଭିଓ୍ୱାନିମଣ୍ଡୀ । ସାଧୁରାମଜୀଙ୍କର ସାଧୁ ଉଦ୍ୟମର ଯେତେ ପ୍ରଶଂସା କଲେ ବି ତାହା ଯଥେଷ୍ଟ ହେବ ନାହିଁ ।

●

Source: Author, Digitized by PPRACHIN, SOA

ଲୁହ ପୋଛୁଥିଲା ହାତ

ଥିଲାବାଲା ଘରର ଝିଅଟିଏ । ତାଙ୍କ ଦୃଷ୍ଟିରେ ପଡିଲା ଗୋଟିଏ ବିଜ୍ଞାପନ । ସମାଜରେ ଅନେକ ଅସହାୟ ଅଭାଗା ପିଲା ଅଛନ୍ତି । ସେମାନଙ୍କର ସେବା କରିବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ମଗାଯାଇଥିଲା । ସମ୍ପନ୍ନ ପରିବାରର ତରୁଣୀଟିଏ ସେବା ରୂପକ ବ୍ରତ ଗ୍ରହଣ କରିବା ପାଇଁ

ମନ ବଳାଇଲେ । ନିଜର ସମ୍ମତି ଜଣାଇବା ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାଙ୍କୁ ତାଲିମ୍ ଦେବାପାଇଁ ବ୍ୟବସ୍ଥା କଲେ । ଟ୍ରେନିଙ୍ଗ୍ ଦେଇ ସାରିଲା ପରେ ଶାରୀରିକ ଅକ୍ଷମ ମନ୍ଦବୁଦ୍ଧି (ଅଳ୍ପବୁଦ୍ଧି) ଅଭାଗା ଅସହାୟ ପିଲାମାନଙ୍କର ଲାଳନ ପାଳନ ଓ ଯତ୍ନ ନେବାପାଇଁ ସ୍ଥାପନ କରାଯାଇଥିବା ଏକ ଅନୁଷ୍ଠାନ ଚଳାଇବା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା । 'ମୋର ଜୀବନ ଆଜିଠାରୁ ସାର୍ଥକ ହେଉଅଛି'- ଏଇ କଥା ମନେ ମନେ ଭାବି ସେ ଲାଳନ ପାଳନ କେନ୍ଦ୍ରରେ ପ୍ରବେଶ କଲେ । କେନ୍ଦ୍ରରେ ଗୋଟିଏ ସ୍ଥାନରେ ଅନେକ ମୂକ, ବଧିର, ମନ୍ଦବୁଦ୍ଧି, ଅନ୍ଧ, ଛୋଟା ଲେଙ୍ଗେଡ଼ା ଇତ୍ୟାଦି ଅନେକ କୋମଳମତି ଭିନ୍ନକ୍ଷମ ପିଲା ବସିଥିଲେ । ସେ ଆଗରୁ କେବେ ଏପରି ଦୃଶ୍ୟ ଦେଖିନଥିଲେ । ସେହି କରୁଣ ଦୃଶ୍ୟ ଦେଖି ତାଙ୍କର ପ୍ରାଣ କାନ୍ଦି ଉଠିଲା, ଆଖିରୁ ଝରଝର ହୋଇ ଲୁହ ଝରିବାକୁ ଆରମ୍ଭ କଲା । ଦୁଇ ହାତରେ ଆଖି ବନ୍ଦ କରି ସେ ଅସ୍ଥିର ହୋଇ ବସି ପଡ଼ିଲେ । ଏତିକିରେ ଅପାଙ୍ଗ ପିଲାଟିଏ ଧୀରେ ଧୀରେ ଘୁଷୁରି ଘୁଷୁରି ତାଙ୍କ ନିକଟକୁ ଆସିଲା ଓ ଲୁହରେ ଭିଜି ଯାଇଥିବା ଗାଲକୁ ହାତରେ ପୋଛିବାକୁ ଲାଗିଲା । ସେଇ ପିଲାଟିର ମୁହଁରୁ ବାହାରି ଆସିଲା, 'ମା ମା, ତୁମର କ'ଣ ହେଲା ?' ସେବାବ୍ରତୀ ଝିଅଟି ପାଇଁ ଏହା ଏକଦମ୍ କଳ୍ପନାର ବାହାରେ ଥିଲା । ମାତ୍ର ସେବା କରିବା ପାଇଁ ସମର୍ପିତ ହୋଇଥିବା ସ୍ୱଚ୍ଛଳ ପରିବାରର ଝିଅଟିକୁ ପରିସ୍ଥିତି ବିଷୟରେ ଅବୁଝା ହୋଇ କିଛି ରହିଲା ନାହିଁ । ସତେ ଯେମିତି ସେ ଜୀବନରେ ବହୁ ମୂଲ୍ୟବାନ ଶିକ୍ଷାଲାଭ କଲେ । ସେ ଯେଉଁ ନୂତନ ଅନୁଭୂତି ଲାଭ କଲେ, ସେଥିରୁ ତାଙ୍କୁ ବୁଝିବା ପାଇଁ ବାକି ରହିଲା ନାହିଁ

Source: Author, Digitized by PPRACHIN, SOA

ଯେ ଈଶ୍ୱରଙ୍କର ଏହି ହତଭାଗ୍ୟ ସନ୍ତାନମାନଙ୍କର ଅନ୍ତରରେ ମଧ୍ୟ ନିଶ୍ଛଳ ପ୍ରେମର ସ୍ରୋତ ପ୍ରବାହିତ ହେଉଅଛି, ମନ୍ଦବୁଦ୍ଧିର ମନ ଅଛି, ବୁଦ୍ଧି ବି ଅଛି ।

ଦୟାବତୀ ଝିଅଟି ଭିନ୍ନକ୍ଷମ ପିଲାଟିକୁ ନିଜର ଉଷ୍ମ କୋଳକୁ ଆଉଜାଇ ଆଣି ତା'ର ମୁଣ୍ଡ ଉପରେ ମୁହଁଟିକୁ ରଖି ନିଜର ସଂକଳ୍ପରେ ଅବିଚଳିତ ରହିବା ପାଇଁ ନିଜକୁ ଦୃଢ଼ତର କରୁଥିଲେ ସତେ ଯେପରି ।

●

କର୍ମ ହିଁ ଉତ୍ତର

କୋଷ୍ଠ ରୋଗ ପ୍ରତି ସମାଜରେ ଭୁଲ ଧାରଣା ବ୍ୟାପିଯାଇଥିଲା ଯେ ଏହି ରୋଗ ହେଲେ କେହି ଭଲ ହୁଏନାହିଁ । ରୋଗ ବଢ଼ି ବଢ଼ି ଚାଲେ ଓ ଶେଷକୁ ଅଙ୍ଗପ୍ରତ୍ୟଙ୍ଗ ବିକୃତ ହୋଇଯାଏ । ସମାଜରେ କୋଷ୍ଠ ରୋଗୀକୁ ଲୋକେ ଘୃଣା କରୁଥିଲେ । କାଳେ ଅନ୍ୟମାନଙ୍କ ଦେହକୁ ଡେଇଁବ ସେଥିପାଇଁ ଭୟ ମଧ୍ୟ କରୁଥିଲେ । ଏହି ରୋଗ ପ୍ରତି ଭୟ ଓ ଘୃଣାର ଯେଉଁ ବାତାବରଣ ସୃଷ୍ଟି ହୋଇଥିଲା । ତାର ଫଳ ସ୍ୱରୂପ ଆତ୍ମୀୟସ୍ୱଜନମାନେ ମଧ୍ୟ ଦୂରଦୂର କରୁଥିଲେ । ନିଜର ରକ୍ତ ସମ୍ପର୍କୀୟଙ୍କୁ ପାଖରେ ନରଖି ଘରଠାରୁ ଖଣ୍ଡେ ଦୂରରେ ଚାଳିଆଟିଏ ତିଆରି କରି ସେହିଠାରେ ରଖାଉଥିଲେ । ବିଚରା କୋଷ୍ଠ ରୋଗୀର ଜୀବନ ମରଣଠାରୁ ବି ବଳି ପଡୁଥିଲା ।

ଇଂରେଜମାନେ ଆମ ଦେଶକୁ ଶାସନ କରୁଥିବା ସମୟର କଥା । ଲୋକମାନଙ୍କର କୋଷ୍ଠରୋଗ ଓ ରୋଗୀ ପ୍ରତିଥିବା ଭୁଲ୍ ଧାରଣାରୁ ଇଂରେଜମାନେ ଫାଇଦା ଉଠାଇ ସରଳ ନିରୀହ ହିନ୍ଦୁଙ୍କୁ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରୁଥିଲେ । ମଧ୍ୟପ୍ରଦେଶର ଗୋଟିଏ ଘଟଣା ।

କୋଷ୍ଠ ରୋଗଦ୍ୱାରା ଆକ୍ରାନ୍ତ ହୋଇ ସଦାଶିବ ଗୋବିନ୍ଦ କାତେ ନାମକ ଜଣେ ବ୍ୟକ୍ତି ମଧ୍ୟପ୍ରଦେଶର ବେତୁଲପୁରସ୍ଥିତ ମିସନ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ । ଡାକ୍ତର ରୋଗ ପରୀକ୍ଷା କରି ଚିକିତ୍ସା ପାଇଁ ଔଷଧ ଦେଲେ ଏବଂ ତା' ସହିତ କହିଲେ, 'ଦେଖ, ଆମେ କେବଳ ଔଷଧ ଦେଉଅଛୁ । ମାତ୍ର ତୁମକୁ ଏହି ଅସହାୟ ଅବସ୍ଥାରୁ ରକ୍ଷା କରି ପାରିବେ କେବଳ ଯିଶୁ ମସିହା । ତେଣୁ ଯେତେ ଶୀଘ୍ର ପାରୁଛ ତାଙ୍କର ଶରଣକୁ ଆସ । ରାମ କି କୃଷ୍ଣ କେହି ହେଲେ ତୁମକୁ ରକ୍ଷା କରିପାରିବେ ନାହିଁ ।

Source: Author, Digitized by PPRACHIN, SOA

ସଦାଶିବଜୀଙ୍କୁ କଥାଟି ଖୁବ୍ ବାଧିଥିଲା । ସେ ଅତ୍ୟନ୍ତ ପୀଡ଼ା ଅନୁଭବ କରିଥିଲେ । ଲୋକଙ୍କ ମନରେ ବସା ବାନ୍ଧିଥିବା ଭୁଲ୍ ଧାରଣା ବା ଅନ୍ଧ ବିଶ୍ୱାସକୁ କିପରି ଦୂର କରାଯାଇପାରିବ ସେଥିପାଇଁ ଚିନ୍ତା କଲେ । ଦୃଢ଼ ସଂକଳ୍ପର ସହ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ (ସରସଂଘ ଚାଳକ) ପରମ ପୂଜନୀୟ ଶ୍ରୀ ଗୁରୁଜୀଙ୍କ ନିକଟରେ ଉପସ୍ଥିତି ହୋଇ ମନର କଥା ଓ ବ୍ୟଥା ପ୍ରକାଶ କଲେ । ଶ୍ରୀ ଗୁରୁଜୀଙ୍କଠାରୁ ପ୍ରେରଣା ଓ ଆଶୀର୍ବାଦ ଲାଭ କରି ସେ କୁଷ୍ଠାଶ୍ରମଟିଏ ପ୍ରତିଷ୍ଠା କରିବାରେ ଲାଗିପଡ଼ିଲେ । ସଦାଶିବଜୀ ଥିଲେ ଅବସରପ୍ରାପ୍ତ ରେଳ କର୍ମଚାରୀ । ନିଜର ଭବିଷ୍ୟନିଧି ପାଣ୍ଠିରେ ଗଚ୍ଛିତ ଥିବା ଅର୍ଥବଳରେ ମଧ୍ୟପ୍ରଦେଶରେ ଚାନ୍ଦା ନାମକ ସ୍ଥାନରେ ପ୍ରତିଷ୍ଠା କଲେ 'ଶ୍ରୀ ରାମକୃଷ୍ଣ କୁଷ୍ଠାଶ୍ରମ ।' ରୋଗୀଙ୍କ ଚିକିତ୍ସା କରାଇବା ସହିତ ଲୋକମାନଙ୍କ ମନରେ ଥିବା ଅନ୍ଧବିଶ୍ୱାସ ଦୂର କରିବାକୁ ସମର୍ଥ ହୋଇଥିଲେ । ମିସନାରୀମାନଙ୍କର ଛଳକପଟ ପୂର୍ଣ୍ଣ ବ୍ୟବହାରକୁ ପଦାରେ ପକାଇ ଧର୍ମାନ୍ତରଣକୁ ମଧ୍ୟ ରୋକିଥିଲେ ।

●

ଜଣେ ଓଡ଼ିଆ ଥିଲା

ସେ ଥିଲେ ଯଥାର୍ଥରେ ଉତ୍କଳଗୌରବ । ସେ ଥିଲେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଏମ୍.ଏ., ପ୍ରଥମ ଆଇନ ଗ୍ରାଜୁଏଟ, ବିଦେଶ ଯାତ୍ରା କରିବାରେ ପ୍ରଥମ ଓଡ଼ିଆ ଏବଂ ମନ୍ତ୍ରୀତ୍ୱ ପଦ ଲାଭ ଓ ତ୍ୟାଗ କରିବାରେ ମଧ୍ୟ ପ୍ରଥମ ଓଡ଼ିଆ । ସେହି ଉଜ୍ଜ୍ୱଳପୁରୁଷ, ଶତାବ୍ଦୀର ସୂର୍ଯ୍ୟ, ମଧୁସୂଦନ ହେଉଛନ୍ତି ଆମ୍ଭମାନଙ୍କର ପ୍ରିୟ ମଧୁବାବୁ, ମଧୁବାରିଷ୍ଟର । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ ତାଙ୍କର ଅବଦାନ ଅତୁଳନୀୟ । ତାଙ୍କୁ ଓଡ଼ିଆ ଜାତୀୟ ଜୀବନର ନିର୍ମାତା ଏବଂ ଓଡ଼ିଶା ନବଜାଗରଣର ପ୍ରବକ୍ତା ଭାବରେ ଗ୍ରହଣ କରାଯାଏ । ତାଙ୍କର ମାନସସନ୍ତାନ ଉତ୍କଳ ସମ୍ମିଳନୀ ମାଧ୍ୟମରେ ପ୍ରାକୃତିକ ଉତ୍କଳର ଏକତା ସ୍ଥାପନ, ଉତ୍କଳର ସର୍ବାଙ୍ଗୀଣ ଉନ୍ନତି ସାଧନ, ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଏବଂ ପ୍ରବାସୀ ଓ ପରିତ୍ୟକ୍ତ ଅଞ୍ଚଳରେ ଥିବା ଓଡ଼ିଆମାନଙ୍କ ସ୍ୱାର୍ଥ ସଂରକ୍ଷଣ ଇତ୍ୟାଦି କାର୍ଯ୍ୟ ପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେଇଥିଲେ । ଜାତୀୟ ଜୀବନର ଉନ୍ମେଷ ଓ

Source: Author, Digitized by PPRACHIN, SOA

ବିକାଶ ପାଇଁ ସେ ସର୍ବସ୍ୱ ତ୍ୟାଗକରି ଦେବାଳିଆ ହୋଇଯାଥିଲେ । ତାଙ୍କ ଭଳି ସନ୍ତାନକୁ କୋଳରେ ଧାରଣ କରି ଉତ୍କଳମାତା ଯେତେ ଗର୍ବ କଲେ ବି ତାହା ଯଥେଷ୍ଟ ହେବନାହିଁ ।

ମାତ୍ର ସାତଗୋଟି କବିତା ରଚନା କରି ମଧ୍ୟ ସେ ଜଣେ ଉଚ୍ଚକୋଟୀର ଜାତୀୟବାଦୀ କବି ଭାବରେ ସୁପ୍ରତିଷ୍ଠିତ । ତାଙ୍କ ରଚନାରୁ କିଛି :

(୧) ଜାତି ନନ୍ଦିଘୋଷ ଚଳିବକି ଭାଇ ସ୍ୱାର୍ଥକୁ ସାରଥୀ କଲେ ।
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା ଘୋଡ଼ା ମୁହେଁ ବନ୍ଧାଥିଲେ ।

(୨) 'ମାଆ' 'ମାଆ' ବୋଲି କେତେ ମୁଁ ଡାକିଲି ମାଆକୁ ପାଇଲି ନାହିଁ
'ଭାଇ' 'ଭାଇ' ବୋଲି କେତେ ମୁଁ ଡାକିଲି ଭାଇକୁ ପାଇଲି ନାହିଁ ।

(୩) କୋଟିଏ ସନ୍ତାନ ମା'ଗୋ ଧରିଅଛୁ କୋଳେ
ଗୋଟିଏ ସନ୍ତାନ ମାଆ ନ ଦେଖିଲି ଡୋଳେ ।

ଅନ୍ତିମ ଶଯ୍ୟାରେ ଶାୟିତ ମଧୁସୂଦନ । ଜାତିପ୍ରାଣ ଯୁବକ ପ୍ୟାରୀମୋହନ ଆଚାର୍ଯ୍ୟଙ୍କୁ ସାକ୍ଷାତ କରିବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଯାଇଥିଲା । ଅକାଳରେ ବାହୁଡ଼ି ଯାଇଥିଲେ ପଣ୍ଡିତ ଉତ୍କଳମଣି । ପାଖରେ ଥା'ନ୍ତି ସ୍ୱାଭିମାନୀ ପ୍ରାଜ୍ଞ ପଣ୍ଡିତ ନୀଳକଣ୍ଠ ଦାସ । ବାହୁଡ଼ିବା ସମୟ ଆସନ୍ନ ଜାଣି ନୀଳକଣ୍ଠ ପଚାରନ୍ତି- "ଅନ୍ତିମ ସମୟରେ ଓଡ଼ିଆ ଜାତିକୁ ଆପଣ କେଉଁ ବାର୍ତ୍ତା ଦେବାକୁ ଚାହାଁନ୍ତି ?" କ୍ଷୀଣ କଣ୍ଠରେ ଉତ୍କଳଗୌରବ ଉତ୍ତର ଦେଇଥିଲେ- 'କହିବ, ଜଣେ ଓଡ଼ିଆ ଥିଲା ।'

●

କର୍ମ ମୋହର ନିଜ ଗୁରୁ

ସବୁବେଳେ ସତକଥା କହିବା ଯେପରି କଷ୍ଟକର, ସେହିପରି ସରଳ ନିରାଡ଼ମ୍ବର ଜୀବନ ଯାପନ କରିବା ଓ ମହତ୍ ଚିନ୍ତା କରିବା ମଧ୍ୟ କଷ୍ଟକର । ଯାହାର ବ୍ୟବହାର ଯେତେ ମାର୍ଜିତ, ସେ ଲୋକ ସେତେ ସରଳ । ମନ ଯାର ସରଳ, କଥା ବି ତାର ସରଳ । ଆମ ଦେଶରେ କେତେ ଯେ ସରଳ ଅଥଚ ଦୃଢ଼ମନା ବ୍ୟକ୍ତି ଜନ୍ମ ଗ୍ରହଣ କରି ଦେଶ ଓ ଜାତିର ଗୌରବ ବଢାଇଯାଇଛନ୍ତି, ସେକଥା କହିବସିଲେ ସରିବ ନାହିଁ । ଏମିତି ଜଣେ ମହାମନା ଉଦାର ବ୍ୟକ୍ତି ଥିଲେ ଲାଲ୍ ବାହାଦୁର ଶାସ୍ତ୍ରୀ ।

ଶାସ୍ତ୍ରୀଜୀ ଆମ ଦେଶ ଭାରତ ବର୍ଷର ପ୍ରଧାନମନ୍ତ୍ରୀ ଥିବା ସମୟର ଗୋଟିଏ ଘଟଣା । ଘଟଣାଟି ଯେତିକି ଛୋଟଥିଲା ସେତିକି ମହାନ୍ ମଧ୍ୟ ଥିଲା । ଦେଶର ସୁଶାସନ ନିମନ୍ତେ ଯେଉଁଠାରେ ଆଇନ କାନୁନ୍ ପାରିତ ହୁଏ, ତାକୁ କହନ୍ତି ସଂସଦ ଭବନ । ଦିନକର କଥା । ସଂସଦ ଭବନରୁ ଫେରି

Source: Author, Digitized by PPRACHIN, SOA

ଶାସ୍ତ୍ରୀଜୀ ବଗିଚା କାମରେ ଲାଗିପଡ଼ିଲେ । ବଗିଚାରେ ଶାଗସବ୍‌ଜି ଲଗାଇବା ସହିତ ମାଟି ଖୁସଉଥିଲେ ଓ ଗଛଲତାରେ ପାଣି ଦଉଥିଲେ । ବଗିଚା କାମରେ ବ୍ୟସ୍ତ ଘରର ଜଣେ ସେବକଙ୍କ ନଜର ଶାସ୍ତ୍ରୀଜୀଙ୍କ ଉପରେ ପଡିଲା । ଚାକରଟି ଦୌଡି ଆସି ପ୍ରାର୍ଥନା ପୂର୍ବକ କହିଲା, ଶ୍ରୀମାନଜି ! ଆପଣ ଏ କାମ କାହିଁକି କରୁଛନ୍ତି ? ଏ କାମ ତ ଆମର । ଆମେ ଥାଉ ଥାଉ ଆପଣ ମାଟି ପାଣିରେ ଘାଣ୍ଟିହେବେ, ଏହା ଆମକୁ ମାଡ଼ିମାଡ଼ି ପଡୁଛି ।" ଶାସ୍ତ୍ରୀଜୀ ହସିହସି ଉତ୍ତର ଦେଲେ- ଉପଦେଶ ଦେବା ବଡ ସହଜ । ଉପଦେଶ ଦେଲାବାଲା ଲୋକ ବହୁତ ମିଳିବେ । ମାତ୍ର ଲୋକଙ୍କୁ ବୁଝାଇବା ପାଇଁ ନିଜେ କାର୍ଯ୍ୟ କରି ଦେଖାଇବା ବଡ କଥା । ଆମର କଥା ଓ କାର୍ଯ୍ୟରେ କୌଣସି ଅନ୍ତର ରହିବା ଅନୁଚିତ । ଆମେ ଯଦି ପରିଶ୍ରମ କରିବା ତେବେ ଆମ ଦେଶର କୃଷକ ମଧ୍ୟ ପରିଶ୍ରମ କରିବ । ସେମାନଙ୍କୁ ଶିକ୍ଷା ବା ଉପଦେଶ ଦେବାର ଏହା ସବୁଠାରୁ ଉଚିତ ମାଧ୍ୟମ ଅଟେ । ଏପରି କାର୍ଯ୍ୟ ନିଜଠାରୁ ହିଁ ଆରମ୍ଭ କରିବା ଉଚିତ୍ ।"

ବାସ୍ତବିକ ବଂଶ ନୁହେଁ, ନାମ ବା ପଦପଦବୀ ନୁହେଁ ବା ଉତ୍ତରାଧିକାରୀ ଭାବରେ ଯାହା ପାଇବ ତାହା ମଧ୍ୟ ନୁହେଁ, କେବଳ ଜଣକର କର୍ମ ହିଁ ତାକୁ ଅମର କରେ । ଶାସ୍ତ୍ରୀଜୀଙ୍କ ଭଳି ସଚ୍ଚୋଟ, ନିର୍ମଳ ଚରିତ୍ରର ରାଜନେତା କାଳକାଳ ପାଇଁ ଆମର ଆଦର୍ଶ ହୋଇ ରହିବେ । ତାଙ୍କର 'ଆହ୍ୱାନ ଥିଲା, 'ଜୟ ଜୱାନ, ଜୟ କିଶାନ' ।

●

ସଂସ୍କାର ଓ ସାଧୁତା

ଉପଯୁକ୍ତ ଶିକ୍ଷା ଓ ସଂସ୍କାର ବଳରେ ଜଣେ କେତେ଼ ମହାନ୍ ଓ ଆଦର୍ଶବାଦୀ ହୋଇପାରେ, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଉଅଛି । ସେହି ସ୍ୱାଭିମାନୀ ନିର୍ଲୋଭ ବ୍ୟକ୍ତି ଜଣକ ଥିଲେ ଚିମନଭାଇ ଶୀତଲବାଦ । ସେ କୌଣସି ଏକ ନ୍ୟାୟଳୟ ବିଚାରପତି ଥାନ୍ତି । ସେ ଯେପରି ନ୍ୟାୟପରାୟଣ ଥିଲେ, ସେପରି ସ୍ପଷ୍ଟବାଦୀ ଥିଲେ ।

ଥରେ କୌଣସି ଏକ ବ୍ୟକ୍ତିଙ୍କ ଅପରାଧର ବିଚାର ପାଇଁ ମାମଲାଟି ତାଙ୍କ ନିକଟକୁ ଆସିଥାଏ । ଅଭିଯୁକ୍ତ ବ୍ୟକ୍ତି ଜଣକ ଅଭିଯୋଗରୁ ମୁକୁଳିବା ପାଇଁ ତାଙ୍କ ଦ୍ୱାରସ୍ଥ ହୋଇ ଲାଞ୍ଚସ୍ୱରୂପ ଏକଲକ୍ଷ

Source: Author, Digitized by PPRACHIN, SOA

ଟଙ୍କା ଯାଚିଲା । ମାତ୍ର ବିଚାରପତି ଶୀତଳବାଦ ଏହାକୁ ଗ୍ରହଣ କରିବାକୁ ମନା କରିଦେଲେ । ବିଚାରପତିଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟାକରି ବ୍ୟକ୍ତିଟି କହିଲା- 'ସାହେବ, ଥରେ ଚିନ୍ତା କରନ୍ତୁ । ଆପଣଙ୍କୁ ଏକଲକ୍ଷ ଟଙ୍କା ଦେବାଭଳି କୌଣସି ଦ୍ୱିତୀୟ ଲୋକ ମିଳିବେ ନାହିଁ ।"

ସାର୍ ଶୀତଳବାଦ ହସିହସି ଉତ୍ତର ଦେଇଥିଲେ, 'ନାହିଁ ଭାଇ, ଦେଲାବାଲା ତ ଅନେକ ମିଳିବେ । ମାତ୍ର ଏତେ ପରିମାଣର ଧନକୁ ମନା କରିଦେବା ଭଳି ବ୍ୟକ୍ତି ତୁମକୁ ଆଉ କେବେହେଲେ ମିଳିବେ ନାହିଁ ।" ସେ ସମୟରେ ଲକ୍ଷେ ଟଙ୍କା କହିଲେ କିଛି କମ୍ ନଥିଲା । ମାତ୍ର ବିଚାରପତି ମହାଶୟ ସଚ୍ଚୋଟ, ସତ୍ୟନିଷ୍ଠ ନିଃସ୍ୱାର୍ଥପର ଓ ବିବେକବାନ୍ ଥିବାରୁ, ଏତେ ବଡ଼ ପ୍ରଲୋଭନ ତାଙ୍କୁ ପରାସ୍ତ କରିପାରିନଥିଲା । ବିଚାର ସ୍ୱଚ୍ଛ ହୋଇଥିଲେ, ତାହା ସୂର୍ଯ୍ୟ କିରଣ ପରି ମଥାରେ ଝଲସିବ ଓ ସମସ୍ତେ,ଏହାଦ୍ୱାରା ଆକର୍ଷିତ ହେବେ ।

ପରେ ଆଦର୍ଶବାଦୀ ଶୀତଳବାଦ ବମ୍ବେଇ (ଏବେ ମୁମ୍ବାଇ) ବିଶ୍ୱବିଦ୍ୟାଳୟର ଉପକୁଳପତି ଆସନ ଅଳଂକୃତ କରିଥିଲେ । ଭଲଲୋକେ ସେମାନଙ୍କ ମହତ୍ କାମ ପାଇଁ ପୁରସ୍କୃତ ହୋଇଥାନ୍ତି ।

●

ଅପରିଚିତ ସମ୍ପର୍କୀୟ

ଅଗଷ୍ଟ ୨୦ ତାରିଖ ୧୯୯୪ ମସିହାରେ ଉତ୍ତର ପ୍ରଦେଶର ଫିରୋଜାବାଦରେ ଘଟିଥିଲା ଏକ ଭୟଙ୍କର ରେଳ ଦୁର୍ଘଟଣା । କାଳନ୍ଦୀ ଓ ପୁରୁଷୋତ୍ତମ ଏକ୍ସପ୍ରେସର ଧକ୍କାରେ ଅନେକ ରେଳଡ଼ବା ତ ଚୂରମାର ହୋଇଯାଇଥିଲା, ତା' ସହିତ ପେଷି ହୋଇଯାଇଥିଲେ ଶହଶହ ଯାତ୍ରୀ । ସରକାରୀ କଳଠାରୁ ଆରମ୍ଭକରି ବ୍ୟକ୍ତିବିଶେଷ ଓ ସ୍ୱେଚ୍ଛାସେବୀ ସଂଗଠନମାନେ ମୃତଙ୍କୁ ଉଦ୍ଧାର କରିବା ଓ ଆହତଙ୍କୁ ସେବା କରିବାରେ ଲାଗିପଡିଥିଲେ । ସବୁଠାରୁ ବିଡ଼ମ୍ବନାର କଥା ହେଲା ରେଳବାଇ କର୍ମଚାରୀ, ସିପାହୀ ଓ କେତେକ ଲୋକ ସୁବିଧା ପାଇଲା

ମାତ୍ରେ ମୃତାହତମାନଙ୍କଠାରୁ ଅଳଙ୍କାର ଓ ଅର୍ଥ ଲୁଟ କରିବାକୁ ପଛାଉ ନଥିଲେ । ସେମାନଙ୍କର ସେବା ଥିଲା ଲୋକଦେଖାଣିଆ । ମାତ୍ର ଅଷ୍ଟମ ଶ୍ରେଣୀରେ ପଢୁଥିବା ଏଗାର ବର୍ଷୀୟ ପ୍ରମୋଦ ଥିଲା ଏକ ବ୍ୟତିକ୍ରମ । ଘର ପରିବାର ଖିଆପିଆ ଭୁଲି ଦୀର୍ଘ ୭୨ଘଣ୍ଟା କାଳ ଅସହାୟଙ୍କ ସେବାଯତ୍ନରେ ସେ ନିଜକୁ ହଜାଇ ଦେଇଥିଲା ।

ରେଳଡ଼ବା ଉପରେ ଡବା ଚଢ଼ି ଯାଇଥାଏ । ଉପରକୁ ଉଠି ଯାଇଥିବା ଡବା ଉପରକୁ ଚଢ଼ିଯାଇ ପ୍ରମୋଦ ଦୁର୍ଘଟଣା ଗ୍ରସ୍ତ ଗୋଟିଏ ଯାତ୍ରୀର ହାତ ଦୋହଲୁ ଥିବା ଲକ୍ଷ୍ୟକଲା । ବଡ଼ ପାଟିରେ ଡାକ ପକାଇଲା- 'ହେ ଭାଇ ! ଦେଖ ଦେଖ, କାହାର ହାତଟିଏ ଦୋହଲୁଛି ।' ପ୍ରମୋଦର ଡାକ ଶୁଣି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମଣ୍ଡଳ କାର୍ଯ୍ୟବାହ ମୁକେଶଜୀ ଧାଇଁ ଆସିଲେ । ମୁକେଶଜୀ ଲପଟି ଲପଟି ଆଗକୁ ଆସିଲେ । ସିଟ୍ ତଳେ ମଣିଷର ଶରୀର ଦବି ରହିଥିବା ଜାଣିପାରିଲେ । ଓଜନିଆ ଭାର ଲଦି ହୋଇପଡ଼ିଛି । ଭଙ୍ଗା ସିଟ୍‌ଟିକୁ ଜଣେ ଏକୁଟିଆ ଉଠାଇବା ଅସମ୍ଭବ । ସେନାର ଯବାନଙ୍କୁ ଡାକ ପକେଇବାରୁ ସେମାନେ ଆସି ପହଞ୍ଚିଗଲେ । ସମସ୍ତେ ମିଳିମିଶି ସିଟ୍‌ଟିକୁ ଉଠାଇ ଅଭାଗା ମଣିଷଟିକୁ ଉଦ୍ଧାର କଲେ ।

ମୁକେଶଜୀ ପ୍ରମୋଦର ମୁଣ୍ଡ ଉପରେ ହାତ ବୁଲାଇ ଆଣୁଆଣୁ କହିଲେ, 'ଭାଇ, ତୁମ ଯୋଗୁ ଅସହାୟ ଲୋକଟି ବଞ୍ଚିଗଲା ।' ଉପସ୍ଥିତ ଥିବା ଯବାନ ଓ ସାଧାରଣ ଲୋକେ ଯେତେବେଳେ ପଚାରିଲେ, "ବାବୁ, ଏମାନେ ତ ତୁମର କେହି ସମ୍ପର୍କୀୟ ନୁହଁନ୍ତି, ଅଥଚ...." ପିଲାଟି ପ୍ରଶ୍ନଟିକୁ ସାରିବାକୁ ନଦେଇ ଚଟାପଟ ଉତ୍ତର ଦେଇଥିଲା- 'କିଏ କହିଲା ଆମେ ସେମାନଙ୍କର ସମ୍ପର୍କୀୟ ନଥିଲୁ ? ଆରେ, ଆମେ ତ ତାଙ୍କର ସବୁକିଛି ଥିଲୁ । ନହେଲେ ନାଇଁ ଆତ୍ମୀୟସ୍ୱଜନ, ସେମାନେ ସମସ୍ତେ ଥିଲେ ମଣିଷ ଆଉ ଆମେ ସବୁ ତାଙ୍କର ଭାଇ ଥିଲୁ ।' ପିଲାଟି କିଛି ସମୟ ନିରବ ରହି ପୁଣି ଉଚ୍ଚ ସ୍ୱରରେ କହିଲା, 'ଆମେ ସବୁ ସଂଘର ସ୍ୱୟଂସେବକ । ଆମକୁ ଏଇ ଶିକ୍ଷା ଦିଆ ଯାଇଅଛି ଯେ ଯଦି ସମାଜ ଉପରେ କୌଣସି ବିପଦ ଆସେ ତେବେ ରାତି ଅଧରେ ମଧ୍ୟ ଦୌଡ଼ିଯାଅ ।'

ସେବା ପ୍ରାର୍ଥନା ଠାରୁ ଅତି ବଡ଼, କାରଣ ଦେବତାମାନେ ସେବା କରିପାରିନ୍ତି ନାହିଁ ।

●

Source: Author, Digitized by PPRACHIN, SOA

ସେବା ଓ ସଂସ୍କାର

ଉତ୍ତର ପ୍ରଦେଶର ଫିରୋଜାବାଦରେ ୧୯୯୪ ମସିହା ଅଗଷ୍ଟ ମାସ ୨୦ ତାରିଖରେ ଗୋଟିଏ ବଡ଼ ରେଳ ଦୁର୍ଘଟଣା ଘଟିଥିଲା । ଅନେକ ମୃତାହତ ହୋଇଥିଲେ । ସେବା କାର୍ଯ୍ୟରେ ସରକାରୀ ଓ ଅନେକ ବେସରକାରୀ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଲାଗି ପଡ଼ିଥିଲେ ।

ଉଦ୍ଧାରକାର୍ଯ୍ୟ, ଚିକିତ୍ସା ବ୍ୟବସ୍ଥା ଓ ସର୍ବୋପରି ମୃତାହତଙ୍କ ପରିଚୟ ସଂଗ୍ରହ ଇତ୍ୟାଦି କାର୍ଯ୍ୟର ତଦାରଖ ପାଇଁ ପଦସ୍ଥ ସରକାରୀ କର୍ମଚାରୀ ନିଯୁକ୍ତ ଥିଲେ । ଜଣେ ମହିଳା ସ୍ୱେଚ୍ଛାସେବୀ କାର୍ଯ୍ୟାଳୟରେ ପହଞ୍ଚି ୩୦ ହଜାର ୯୧ ଟଙ୍କା ବଢ଼ାଇ ଦେଇ କହିଲେ, ଏ ଟଙ୍କା ରଖନ୍ତୁ ଆଜ୍ଞା, ଏହା ଜଣେ କଳା କୋର୍ଟବାଲା ରେଳବାଇ କର୍ମଚାରୀଙ୍କଠାରୁ ମିଳିଛି । ଟଙ୍କାଟାକୁ ସେ ଚଳୁ କରିଦେବାକୁ ବସିଥିଲେ, ଆମ ହାବୁଡ଼ରେ ପଡ଼ିଗଲେ ।

ସରକାରୀ ଅଧିକାରୀ ଜଣକ ଚକିତ ହୋଇ ମହିଳାଙ୍କୁ ଚାହିଁଲେ । ମହିଳାଙ୍କର ବ୍ୟକ୍ତିତ୍ୱ ଓ ଆତ୍ମୀୟତା ନିକଟରେ ତାଙ୍କର ମୁଣ୍ଡ ନଇଁଆସିଲା । ମହିଳା ପୁଣି କହିବାକୁ ଆରମ୍ଭ କଲେ, 'କ୍ଷମା କରିବେ ଆଜ୍ଞା, ଏଇ କିଛିକ୍ଷଣ ଆଗରୁ ମୁଁ ଜଣେ ସିପାହିଙ୍କୁ ଘଉଡ଼େଇଛି । କୌଣସି ଏକ ଶବ ପାଇଁ ଉଦ୍ଦିଷ୍ଟ ସରକାରୀ ଅନୁଗ୍ରହ ରାଶି ପ୍ରଶାସନଠାରୁ ନେଇ ଆସି ଅଧାଅଧି ବାଣ୍ଟି ନେବାକୁ କହୁଥିଲେ । ମୁଁ ଯେମିତି ତାଙ୍କୁ କଡ଼ା ଦୃଷ୍ଟିରେ ଚାହିଁଲି ସେ ଛାନିଆ ହୋଇ କୁଆଡ଼େ ପଳାଇଲେ । ତା'ପରଠାରୁ ମୁଁ ଆଉ ତାଙ୍କୁ ଦେଖୁନାହିଁ । କି ନୀଚ ମନୋଭାବ ! ଏହି କ'ଣ ଆମର ସାମାଜିକ ସମ୍ବେଦନଶୀଳତା ? ମାନବିକତା ବୋଲି କ'ଣ କିଛିନାହିଁ ?"

ମହିଳା ଜଣକ ଥିଲେ ବିଶ୍ୱହିନ୍ଦୁ ପରିଷଦ, ଫିରୋଜାବାଦର ଜିଲ୍ଲାମନ୍ତ୍ରୀ ଶ୍ରୀମତୀ ସରଳା ଦୀକ୍ଷିତ । ଘଟଣାଟି ରେଳ ଦୁର୍ଘଟଣା ହେବାର ପରବର୍ତ୍ତୀ ଦିନର କଥା । ଅଧିକାରୀ ଓ ସମବେତ ଲୋକମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିନଥିଲା ଯେତେବେଳେ ସେମାନେ ଜାଣିଥିଲେ ଯେ ଶ୍ରୀମତୀ ଦୀକ୍ଷିତ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଭ୍ୟମାନଙ୍କର ଉଦ୍ୟମରେ ୭୬ଟି ଶବର ସତ୍କାର କରାଯାଇଛି ଓ ସେମାନଙ୍କଠାରୁ ମିଳିଥିବା ୧ଲକ୍ଷ ୫୬ହଜାର ୧୬୭ ଟଙ୍କା ଜିଲ୍ଲା ଅଧିକାରୀଙ୍କ ଜିମାରେ ଦିଆଯାଇଛି ।

ସ୍ୱୟଂସେବକମାନଙ୍କର ନିଃସ୍ୱାର୍ଥପର ସେବା ଓ ନିଷ୍ଠା ନିକଟରେ କୃତଜ୍ଞତାରେ ସମସ୍ତଙ୍କର ମୁଣ୍ଡ ନଇଁ ଆସିଥିଲା ।

●

Source: Author, Digitized by PPRACHIN, SOA

ସ୍ୱଧର୍ମ ଓ ସ୍ୱାଭିମାନ

ଆମେରିକାର କନେକ୍ଟିକଟ ରାଜ୍ୟରେ ଏକ ଭାରତୀୟ ପରିବାର ବାସ କରୁଥିଲେ । ଉକ୍ତ ପରିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାରଧାରୀ ଦ୍ୱାରା ପ୍ରଭାବିତ ଥିଲେ । ଏହି ସଂସ୍କାରିତ ପରିବାର ସନ୍ତାନ ଥିଲା ହରିଶ୍ । ବାଳକ ହରିଶ୍ ତାର ଅଭ୍ୟାସ ପୁସ୍ତକାରେ ଏକ ସୁନ୍ଦର ସ୍ୱସ୍ତିକ ଚିହ୍ନ ଅଙ୍କନ କରିଥିଲା । ହରିଶ୍ ଶିକ୍ଷୟତ୍ରୀ ଥିଲେ ଜଣେ ଇହୁଦି ମହିଳା । ସ୍ୱସ୍ତିକ ଚିହ୍ନ ଉପରେ ଆଖି ପଡ଼ିବା ମାତ୍ରେ ସେ ରାଗି ଲାଲ୍ ପଡିଗଲେ । ପୁସ୍ତିକାଟିକୁ ପିଲାଟି ହାତରୁ ଛଡାଇନେଇ ସେ ଗର୍ଜି ଉଠି କହିଲେ, 'ଏହା ଅତି ନିନ୍ଦନୀୟ ହେୟ ଚିହ୍ନ ଅଟେ । ଏ ଚିହ୍ନ ହେଉଛି ଅତ୍ୟାଚାରୀ ହିଟଲରର, ଏହାକୁ ଶୀଘ୍ର ଚିରିପକାଅ ।'

ହରିଶ୍ ଦୃଢ଼ ଆତ୍ମବିଶ୍ୱାସର ସହକାରେ ଉତ୍ତର ଦେଲା, 'ମହାଶୟା, ସ୍ୱସ୍ତିକ ହେୟ ବା ନିନ୍ଦନୀୟ ନୁହେଁ । ଏହା ଆମର ସ୍ୱସ୍ତିବାଚକ ଓ ଶାନ୍ତିକାରକ ଧର୍ମଚିହ୍ନ । ଏହାକୁ ଚିରି ପକେଇବି କେଉଁଥିପାଇଁ ? ଶିକ୍ଷିକା ଜଣକ ବାଳକର କଥା ମାନିବାକୁ ପ୍ରସ୍ତୁତ ନଥିଲେ । ସେ ପିଲାଟିକୁ ଶ୍ରେଣୀରୁ ବାହାରି ଯିବାପାଇଁ ଆଦେଶ ଦେଲେ । ଶ୍ରେଣୀରେ ଆହୁରି କେତେକ ହିନ୍ଦୁ ବିଦ୍ୟାର୍ଥୀ ଥିଲେ । ସେମାନେ ମଧ୍ୟ ଶିକ୍ଷୟତ୍ରୀଙ୍କୁ ସ୍ୱସ୍ତିକ ଚିହ୍ନର ମହତ୍ତ୍ୱ ବୁଝାଇବାକୁ ଚେଷ୍ଟା କରି ବିଫଳ ହେଲେ ।

ହରିଶ୍ ଦୂରଭାଷ ମାଧ୍ୟମରେ ତାର ବାପାଙ୍କୁ ସବୁ କଥା ଜଣାଇଲା । ସେ ତୁରନ୍ତ ଦୂରଭାଷ ମାଧ୍ୟମରେ ପ୍ରଧାନ ଆଚାର୍ଯ୍ୟଙ୍କ ସହିତ ଯୋଗାଯୋଗ କରି ଶିକ୍ଷୟତ୍ରୀଙ୍କ ଅନୁଚିତ ବ୍ୟବହାର ସମ୍ପର୍କରେ ଅଭିଯୋଗ କଲେ । ପରିଣତି ସ୍ୱରୂପ ଶିକ୍ଷିକାଙ୍କୁ ଏଥିପାଇଁ କ୍ଷମା ପ୍ରାର୍ଥନା କରିବାକୁ ପଡ଼ିଥିଲା ।

ପିଲାଟିଏ ହେଲେ କ'ଣ ହେବ, ତାର ମାନସିକ ଶକ୍ତି ବେଶ୍ ଦୃଢ଼ ଥିଲା । ବାସ୍ତବିକ ନିଜର ଧର୍ମ ବା ଧାର୍ମିକ ଚିହ୍ନ ପ୍ରତି ପ୍ରତ୍ୟେକଙ୍କ ମନରେ ସ୍ୱାଭିମାନ ରହିବା ଉଚିତ । ପିଲାଟିଏ ଯାହା କରିପାରିଲା, ଆମେ ବଡ଼ମାନେ କାହିଁ ତାହା କରିପାରିବା ନାହିଁ ?

●

Source: Author, Digitized by PPRACHIN, SOA

ହସେ ପୁଣି କାନ୍ଦେ ବି

କପିଳବସ୍ତୁର ରାଜା ଶୁଦ୍ଧୋଦନ ନିଜ ପୁତ୍ରର ଭବିଷ୍ୟତ ଜାଣିବା ପାଇଁ କାଳଦେବଳ ନାମକ ଜଣେ ବ୍ରାହ୍ମଣଙ୍କୁ ଡକାଇଥାନ୍ତି । ହସହସ ଥିବା ବ୍ରାହ୍ମଣ ପୁଅର କୋଷ୍ଠୀ ଓ ଜନ୍ମପତ୍ରିକା ଦେଖୁଦେଖୁ ସେ କାନ୍ଦି ପକାଇଲେ ।

ବ୍ରାହ୍ମଣଙ୍କୁ କାନ୍ଦୁଥିବାର ଦେଖି ରାଜା ପଚାରିଲେ- 'ଆପଣ କାନ୍ଦୁଛନ୍ତି କାହିଁକି ? ମୋର ପୁତ୍ରର କିଛି ଅନିଷ୍ଟ ହେବନାହିଁ ତ ?'

ବ୍ରାହ୍ମଣ ଉତ୍ତର ଦେଲେ- 'ନା ମହାରାଜ, ଦୁର୍ଭାଗ୍ୟର କୌଣସି ସୂଚନା ନାହିଁ । ପ୍ରଥମେ ମୁଁ ହସିଲି । କାରଣ ପ୍ରଥମେ ମୋତେ ଏହି ବାଳକକୁ ଦେଖିବାର ସୌଭାଗ୍ୟ ପ୍ରାପ୍ତ ହେଲା, ଯିଏକି ଆଗାମୀ ଦିନରେ ପୂର୍ଣ୍ଣ ଜ୍ଞାନ ଲାଭକରି ବୁଦ୍ଧଭାବରେ ପରିଚିତ ହେବେ । ପୁଣି ମୋର ଦୁର୍ଭାଗ୍ୟର କଥା ଭାବି ମୁଁ କାନ୍ଦିଲି । କାରଣ, ସେ ଯେତେବେଳେ ସଂସାରରେ ଆପଣାର ଜ୍ଞାନ ବିତରଣ କରିବେ; ସେ ସମୟରେ ତାଙ୍କ ପ୍ରବଚନ ଶୁଣିବା ପାଇଁ ମୁଁ ଜୀବିତ ନଥିବି ।'

●

ଗାନ୍ଧିଜୀ ଓ ସଂଘ

ଲୋକମୁଖରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଶଂସା ଶୁଣି ଗାନ୍ଧିଜୀ ସଂଘର କାର୍ଯ୍ୟ ପଦ୍ଧତି ବିଷୟରେ ଜାଣିବାକୁ ଇଛାକଲେ । ଗାନ୍ଧିଜୀ ଓ୍ୱାର୍ଦ୍ଧା ଆସିଥାନ୍ତି । ସଂଘର କାର୍ଯ୍ୟକର୍ତ୍ତାଙ୍କ ନିମନ୍ତ୍ରଣ ପାଇ ଗାନ୍ଧିଜୀ ବୈଠକ ସ୍ଥଳରେ ପହଞ୍ଚିଗଲେ ।

କାର୍ଯ୍ୟକ୍ରମ ଆରମ୍ଭରେ ପରିଚୟ ଆଦାନ ପ୍ରଦାନ ହୁଏ । ପରିଚୟ କେବଳ ସ୍ୱୟଂସେବକର ନାମ, ସଂଘ ସହିତ କେତେଦିନର ସମ୍ପର୍କ ଓ ଦାୟିତ୍ୱ ଯଦି କିଛି ଥାଏ ସେ ବିଷୟରେ ଉଲ୍ଲେଖ କରାଯାଇଥାଏ । ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ଅତିଥିମାନଙ୍କର ପରିଚୟ ସଂଘର ଅଧିକାରୀ ପ୍ରଦାନ କଲାପରେ ସ୍ୱୟଂସେବକମାନେ ଠିଆହୋଇ ନିଜ ନିଜର ପରିଚୟ ପ୍ରଦାନ କରିଥାନ୍ତି । ପରିଚୟ ପ୍ରଦାନ କାର୍ଯ୍ୟକ୍ରମ ବେଳେ ଗାନ୍ଧିଜୀ ସ୍ୱୟଂ ସେବକମାନଙ୍କ ବିଷୟରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ । ମାତ୍ର ସେସବୁ ଜାଣିବାର ସୁଯୋଗ ନଥିଲା ।

Source: Author, Digitized by PPRACHIN, SOA

ଦୈନନ୍ଦିନ ଶାଖାରେ ଧ୍ୱଜ ଉତ୍ତୋଳନ, ଧ୍ୱଜ ପ୍ରଣାମ, ପ୍ରାର୍ଥନା, ଶାରୀରିକ ଓ ବୌଦ୍ଧିକ ଇତ୍ୟାଦି କାର୍ଯ୍ୟକ୍ରମ ହୁଏ । ବିଶେଷ ଉତ୍ସବ ବା ଅବସର ମାନଙ୍କରେ ନିମନ୍ତ୍ରିତ ଅତିଥି ଓ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ମାର୍ଗଦର୍ଶନ କରନ୍ତି । କାର୍ଯ୍ୟକ୍ରମ ଶେଷରେ ଭୋଜନ ବ୍ୟବସ୍ଥା ଥାଏ । ସ୍ୱୟଂସେବକମାନେ ଏଥିପାଇଁ ଶୁଳ୍କ ପ୍ରଦାନ କରିଥାନ୍ତି । କାହାରି ସାହାଯ୍ୟ ବା ଦାନରେ ଏପରି କାର୍ଯ୍ୟ ହୋଇନଥାଏ । ସ୍ୱୟଂସେବକ ଓ

କାର୍ଯ୍ୟକାରୀ ଅତିଥି ସମସ୍ତେ ପଂକ୍ତି ଭୋଜନ କରନ୍ତି । ଭୋଜନ ପୂର୍ବରୁ ସାମୁହିକ ଭୋଜନ ମନ୍ତ୍ରପାଠ କରାଯାଇଥାଏ । ଭୋଜନ ପାଇଁ ବସିବାବେଳେ ବଡସାନ ବାଛବିଚାର କିଛି ନଥାଏ । ଗାନ୍ଧିଜୀ ଭୋଜନ କରିବାପାଇଁ ଆସନ ଗ୍ରହଣ କଲାବେଳେ ମଧ ସ୍ୱୟଂସେବକମାନଙ୍କ ବିଷୟରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ । ମାତ୍ର ତାହା ମଧ ସମ୍ଭବ ହୋଇନଥିଲା ।

କାର୍ଯ୍ୟକ୍ରମ ଶେଷରେ ଗାନ୍ଧିଜୀ କିଛି ସ୍ୱୟଂସେବକମାନଙ୍କ ସହିତ ବାର୍ତ୍ତାଳାପ କଲେ । ସେ ଯେଉଁ କଥାଟିକୁ ଜାଣିବାକୁ ଚାହୁଁଥିଲେ ସେ ବିଷୟରେ ପଚାରିଲେ । ସେ ଜାଣିବାକୁ ଚାହୁଁଥିଲେ ଯେ ସ୍ୱୟଂସେବକମାନଙ୍କ ମଧରେ କେହି ହରିଜନ ସଂମ୍ପ୍ରଦାୟର ଅଛନ୍ତି କି ନାହିଁ । ସଂଘରେ ପୂର୍ବରୁ ଏପରି ପ୍ରଶ୍ନର କେହି ସମ୍ମୁଖୀନ ହୋଇନଥିଲେ । ସଂଘ ଏକ ସାମାଜିକ, ସାଂସ୍କୃତିକ ଓ ପାରିବାରିକ ଅନୁଷ୍ଠାନ, ସାମାଜିକ ସମରସତା ସୃଷ୍ଟି କରିବା ଏହାର ଲକ୍ଷ୍ୟ । ସ୍ୱୟଂସେବକମାନେ ସମସ୍ତେ ନିଜକୁ ପବିତ୍ର ଭାରତମାତାଙ୍କର ସନ୍ତାନ ବୋଲି ଭାବୁଥିବାରୁ ଭାତୃତ୍ୱର ଭାବ ସୃଷ୍ଟି ହୋଇଥାଏ । ସମସ୍ତେ ଭାଇ ଭାଇ- ଏହା ହିଁ ପ୍ରକୃତ ପରିଚୟ ।

ସଂଘରେ ଅନେକ ହରିଜନ ସମ୍ପ୍ରଦାୟର ପିଲା ବା କାର୍ଯ୍ୟକର୍ତ୍ତା ଥା'ନ୍ତି । ମାତ୍ର ସଂଘର ବିଚାର ବା ବ୍ୟବସ୍ଥା ଏପରି ଯେ ସେସବୁ ଜାଣିବା ବା ଜଣାଇବାର କୌଣସି ଆବଶ୍ୟକତା ନଥାଏ । କେହି ନିଜର ଜାତିକୁ ନେଇ ଉଚ୍ଚନୀଚ ଭେଦଭାବର ଶିକାର ହୁଅନ୍ତି ନାହିଁ । କେହି ସେ ବିଷୟରେ ଜାଣିବା ପାଇଁ ମଧ ଇଚ୍ଛା କରନ୍ତି ନାହିଁ । ଏକତା ସୂତ୍ରରେ ସମସ୍ତେ ବନ୍ଧା । ଲକ୍ଷ୍ୟ ଭାରତମାତା ଯେପରି ପରମ

Source: Author, Digitized by PPRACHIN, SOA

ବୈଭବରେ ମଣ୍ଡିତ ହେବେ । ସେଥିପାଇଁ ସ୍ୱୟଂସେବକମାନଙ୍କ ଶାରୀରିକ ବୈଦ୍ଧିକ ଓ ଚାରିତ୍ରିକ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥାଏ ।

ସେଦିନ ଗାନ୍ଧିଜୀ ଏକ ମହାନ୍ ଅନୁଭବ ନେଇ ଫେରିଥିଲେ । ଉଚ୍ଚନୀଚ ଭେଦଭାବ ଓ ଅସ୍ପୃଶ୍ୟତା ଦୂରିକରଣ ପାଇଁ ସେ ପ୍ରାଣପଣେ ଉଦ୍ୟମ କରି ଯାହା କରିପାରିନଥିଲେ, ସଂଘ ପାରିବାରିକ ଭାବନା ଓ ଦେଶପ୍ରେମର ଭାବ ସୃଷ୍ଟି କରି ତାହା ଅତି ସହଜରେ କରିପାରିଛି ।

ସଂଘ ସମ୍ପର୍କରେ ପୂର୍ବରୁ ତାଙ୍କ ମନରେ ଯେଉଁ ନକାରାତ୍ମକ ମନୋଭାବ ଥିଲା, ତାହା ବଦଳି ଯାଇଥିଲା । ଶତମୁଖରେ ସେ ସଂଘର ପ୍ରଶଂସା କରିଥିଲେ ।

•

ନିର୍ମମତା ଓ ନିର୍ମାତା

ଆମ ଦେଶର ମହାରାଷ୍ଟ୍ର ଅନ୍ତର୍ଗତ କୋହ୍ଲାପୁରରେ ଭାଲଜୀ ପେନ୍ଦାର ନାମକ ଜଣେ ଦେଶପ୍ରେମୀ ବ୍ୟକ୍ତି ଥିଲେ । ହିନ୍ଦୁମାନଙ୍କର ଜୀବନଶୈଳୀ ଓ ଦେଶପ୍ରେମକୁ ଆଧାର କରି ସେ ଅନେକ ସିନେମା

ନିର୍ମାଣ କରିଥିଲେ । ସେ "ବନ୍ଦେ ମାତରମ୍" ନାମକ ଏକ ଫିଲ୍ମ ତିଆରି କରିଥିଲେ । ମାତ୍ର ୧୯୨୬ ମସିହାରେ ଏହି ଫିଲ୍ମଟି ଉପରେ ଇଂରେଜ ସରକାର ଥରେ ନୁହେଁ ଛଅଥର ସେନ୍‌ସର ବା ପ୍ରତିବନ୍ଧକ ଲଗାଇଥିଲେ । ଦୋଷ ହେଉଛି ବିଚାରକ ମଣ୍ଡଳୀଙ୍କ ଦୃଷ୍ଟିରେ ଉକ୍ତ ସିନେମାଟି ଦର୍ଶକମାନଙ୍କ ପାଇଁ ଉପଯୁକ୍ତ ନ ଥିଲା । ଏହା ଗୋଟିଏ ବାହାନା ମାତ୍ର ଥିଲା । ଅସଲ କାରଣ ହେଲା ଫିଲ୍ମଟି ଦେଶପ୍ରେମ ଭାବ ପ୍ରଚାର ଓ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଭାଲଜୀ ଗୋରଖନାଥ, ଛତ୍ରପତି ଶିବାଜୀ, ଜୟଭବାନୀ, ମହାରଥୀ କର୍ଣ୍ଣ, ନେତାଜୀ ପାଲକର, ଭଗବା ଝଣ୍ଡା ଇତ୍ୟାଦି ଫିଲ୍ମ ସହିତ ଏହିପରି ମୋଟ ୬୮ଟି ଚିତ୍ର ନିର୍ମାଣ କରି ଅକ୍ଷୟକୀର୍ତ୍ତି ଅର୍ଜନ କରିଥିଲେ ।

Source: Author, Digitized by PPRACHIN, SOA

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା ପରମ ପୂଜନୀୟ ଡକ୍ଟରଜୀ ଭାଲଜୀଙ୍କର ହିନ୍ଦୁତ୍ୱ ପ୍ରତି ନିଷ୍ଠାଥିବା ଦେଖି ତାଙ୍କୁ କୋହ୍ଲାପୁରର ସଂଘଚାଳକ ରୂପେ ନିଯୁକ୍ତି କରିଥିଲେ । ତାଙ୍କ ଭଳି କୁଶଳ କର୍ମଠ ବ୍ୟକ୍ତିଙ୍କର ମାର୍ଗଦର୍ଶନ ଫଳରେ ସଂଘ ସୁଦୃଢ଼ ହୋଇଥିଲା ।

ଦୁର୍ଯୋଗକୁ ୧୯୪୮ ମସିହାରେ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରାଗଲା । ସଂଘ ବିରୁଦ୍ଧରେ ଅପପ୍ରଚାର ଚାଲିଲା । ଫଳରେ ଘୃଣା ଓ ବିଦ୍ୱେଷର ବାତାବରଣ ସୃଷ୍ଟି ହୋଇଥିଲା । ଏହିଭଳି ପରିସ୍ଥିତିର ସୁଯୋଗ ନେଇ କେତେକ ରାଜନୈତିକ ଦଳର ସ୍ୱାର୍ଥପର ଗୁଣ୍ଡାମାନେ ମହାରାଷ୍ଟ୍ରର ଅନେକ ସ୍ଥାନରେ ସଂଘ କାର୍ଯ୍ୟାଳୟ ଓ ସ୍ୱୟଂସେବକମାନଙ୍କ ଘରେ ନିଆଁ ଲଗାଇଦେଲେ । ଜଣେ ଅସାମାଜିକ ଗୁଣ୍ଡା ପ୍ରକୃତିର ରାଜନୈତିକ କର୍ମୀ ଭାଲଜୀ ପେନ୍ଦାରକରଙ୍କର ଷ୍ଟୁଡିଓରେ ନିଆଁ ଲଗାଇ ଦେଇଥିଲେ । ଫଳରେ ସଂପୂର୍ଣ୍ଣ ଷ୍ଟୁଡିଓଟି ଶ୍ମଶାନରେ ପରିଣତ ହୋଇଗଲା । ମାତ୍ର ଭାଲଜୀଙ୍କ ମନରେ କୌଣସି ଉଦ୍‌ବେଗ ନଥିଲା । ସେ ଅବିଚଳିତ ହୋଇ ସତ୍ୟାନାଶର ତାଣ୍ଡବଲୀଳା ଦେଖୁଥାନ୍ତି । ସେ ମନେ ମନେ ସ୍ଥିର କରିନେଇଥିଲେ ଯେ ଏଇ ଦୃଶ୍ୟକୁ ନେଇ ମଧ୍ୟ ଗୋଟିଏ ସିନେମା ତିଆରି କରାଯାଇପାରେ । ଏତିକିବେଳେ ଜଣେ ଦୁଷ୍ଟ ଦାହକାରୀ ଭାଲଜୀଙ୍କ ପାଖକୁ ଆସି କଟା ଘା'ରେ ଲୁଣ ପକାଇଲା ପରି କହିଲେ "ଏବେ କ'ଣ କରିବ ?" ଭାଲଜୀ ଶାନ୍ତ ଓ ଗମ୍ଭୀର କଣ୍ଠରେ ଉତ୍ତର ଦେଇଥିଲେ – "ଅବଶିଷ୍ଟ ରହିଯାଇଥିବା କୋଇଲା ବିକି ପୁଣିଥରେ ଷ୍ଟୁଡିଓଟିଏ ଠିଆ କରିବି ।" ଏହି ଭୀଷ୍ମ ବାଣୀଟି ଦିନେ ସତ୍ୟରେ ପରିଣତ ହୋଇଥିଲା । ପୁଣିଥରେ ଷ୍ଟୁଡିଓ ପୁଣି ନିର୍ମିତ ହୋଇଥିଲା । ସଂଘଠାରୁ ଶିକ୍ଷା କରିଥିବା ନିଷ୍ଠା ଓ କାର୍ଯ୍ୟଦକ୍ଷତା ବଳରେ ସେ ପୁଣି ଦୃଢ଼ତର ହୋଇ ଠିଆହୋଇଥିଲେ । ଦ୍ୱିଗୁଣ ତେଜରେ କାର୍ଯ୍ୟରେ ଲାଗିପଡ଼ିଥିଲେ ।

ଏହି ମହାନ୍ ତପୋନିଷ୍ଠ ବ୍ୟକ୍ତି ୯୪ ବର୍ଷ ବୟସରେ ଦାଦା ସାହେବ ଫାଲକେ ପୁରସ୍କାର ଲାଭ କରିଥିଲେ । ୧୯୯୪ ମସିହା ନଭେମ୍ବର ୨୬ ତାରିଖରେ ଏହି କର୍ମଯୋଗୀଙ୍କର ଦେହାନ୍ତ ହୋଇଥିଲା ।

•

Source: Author, Digitized by PPRACHIN, SOA

ଦୃଢ଼ମନା ମାଧବ

ଦିନକର କଥା । ରାତି ଟିକେ ବେଶୀ ହୋଇଯାଇଥାଏ । ତଥାପି ମାଧବ ବ୍ୟାୟାମଶାଳାରୁ ଘରକୁ ଫେରିନଥାଏ । ମା' ବ୍ୟସ୍ତ ହୋଇପଡ଼ିଲେ । ପିତା ସଦାଶିବ ପ୍ରବୋଧନା ଦେଇ କହିଲେ - ଏତେ ବ୍ୟସ୍ତ କାହିଁକି ହେଉଛ, ଆସୁଥିବ, ଏବେତ ସେ ଆଉ ଛୋଟ ପିଲା ହୋଇନାହିଁ । ତା'ପରେ ଆହୁରି ଘଣ୍ଟାଏ ବିତିଗଲା, ତଥାପି ମାଧବର ଦେଖାନାହିଁ । ତାଇଜୀ ଆଉ ସହିପାରିଲେ ନାହିଁ । ସେ ଭାଉଜୀଙ୍କୁ ଯାଇ କହିଲେ- "ଏତେ ଡେରି ତ ସେ ଆଜିଯାଏ କେବେ କରିନାହିଁ । ଆପଣ ଯାଇ ଟିକେ ଦେଖି ଆସିଲେ ଭଲ ହେବ ।"

ଭାଉଜୀ ବ୍ୟାୟାମ ଶିକ୍ଷକଙ୍କ ଘରକୁ ଗଲେ । ତାଙ୍କୁ ପଚାରିଲେ- "ଭାଇ, ମଧୁ କାହିଁକି ଏ ପର୍ଯ୍ୟନ୍ତ ଘରକୁ ଫେରିଲା ନାହିଁ ?" ବ୍ୟାୟାମ ଶିକ୍ଷକ ଉଦ୍‌ବିଗ୍ନ ହୋଇ କହିଲେ, "କ'ଣ ଏ ପର୍ଯ୍ୟନ୍ତ ଫେରିନାହିଁ ? ସବୁ ପିଲାତ ଅନେକ ବେଳୁ ଗଲେଣି । ସମସ୍ତେ ଯିବାପରେ ଯାଇ ମୁଁ ସେଠାରୁ ଫେରିଲି ।"

ବ୍ୟାୟାମ ଶିକ୍ଷକଙ୍କ ମନରେ ସନ୍ଦେହ ଜାତ ହେଲା । ହୋଇପାରେ ମଧୁ ପୁଣି ଫେରିଯାଇଥିବ । ସେ ଭାଉଜୀଙ୍କୁ ଘରକୁ ଫେରିଯିବାକୁ କହି ନିଜେ ବ୍ୟାୟାମଶାଳାକୁ ବାହାରିଲେ । ତାଙ୍କର ଅନୁମାନ ସତ୍ୟ ହେଲା । ମାଧବ ବ୍ୟାୟାମଶାଳାରେ ହିଁ ଥିଲା । ସେଦିନ ମଲ୍ଲ ଖମ୍ବରେ ଯେଉଁ ନୂଆ ପ୍ରୟୋଗଟି ଶିଖା ଯାଇଥିଲା, ସେ ସେହି ପ୍ରୟୋଗକୁ ଅଭ୍ୟାସ କରୁଥିଲା । ମୁଖମଣ୍ଡଳରେ ଏକାଗ୍ରତାର ଚିହ୍ନ ସୁସ୍ପଷ୍ଟ । ଅଭ୍ୟାସ ବ୍ୟକ୍ତିର ଶକ୍ତି ଓ ସାମର୍ଥ୍ୟ ବଢ଼ାଇଥାଏ । ଶିକ୍ଷକ ପାଖକୁ ଯାଇ କହିଲେ- ସାବାସ ମାଧବ, ଆଜି ଯେଉଁ ପ୍ରୟୋଗ ତୁମକୁ ଶିକ୍ଷା ଦିଆଯାଇଥିଲା, ସେଇଟା ତୁମର ଭଲ ଭାବରେ ଆୟତ୍ତ ହୋଇଗଲାଣି । ଘରେ ଭାଉଜୀ ଓ ତାଇଜୀ ବ୍ୟସ୍ତ ହୋଇପଡ଼ିଲେଣି । ଆଉ ବିଳମ୍ବ କରିବା ଉଚିତ ହେବନାହିଁ ।

ମାଧବ ଢେର ବିଳମ୍ବ ହୋଇଯାଇଥିବା ଅନୁଭବ କଲେ ଓ ଲୁଗାପଟା ପିନ୍ଧି ଘରକୁ ବାହାରି ପଡିଲେ । ଏଇ ଦୃଢ଼ମନା ବାଳକଟି ପରବର୍ତ୍ତୀ ସମୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପରି ଏକ ମହାନ୍ ପାରିବାରିକ ଅନୁଷ୍ଠାନର ମୁଖ୍ୟ ସରସଂଘଚାଳକ ପଦବି ମଣ୍ଡନ କରିଥିଲେ ଓ ଭାରତର ଦୁର୍ଦ୍ଦିନରେ ଲକ୍ଷ ଲକ୍ଷ ଯୁବକଙ୍କୁ ମାର୍ଗଦର୍ଶନ କରିଥିଲେ ।

•

Source: Author, Digitized by PPRACHIN, SOA

ସଂଘ ସୃଷ୍ଟିର ପଶ୍ଚାତରେ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏବେ ପୃଥିବୀର ସର୍ବ ବୃହତ ସ୍ୱୟଂସେବୀ ଅନୁଷ୍ଠାନ । ଭାରତର ପୁନର୍ଜାଗରଣ ଓ ପୁନର୍ନିର୍ମାଣ ପାଇ ଏହାର ସ୍ୱୟଂସେବକମାନେ ବଦ୍ଧ ପରିକର ଥିଲେ । ତଥାପି ଅଜ୍ଞ ଓ ଅନଭିଜ୍ଞ ଲୋକମାନେ ଏବେ ବି ଏହାକୁ ଏକ ସାମ୍ପ୍ରଦାୟିକ ଅନୁଷ୍ଠାନ ବୋଲି କହି ନିନ୍ଦିତ କରିବାକୁ ଚେଷ୍ଟା କରୁଛନ୍ତି । ୧୯୨୮ ମସିହାରେ ସଂଘର ପ୍ରତିଷ୍ଠା ହେବା ଦିନଠାରୁ ଏହି ମହାନ୍ ଅନୁଷ୍ଠାନ ନାନା ଘାତପ୍ରତିଘାତ ମଧ୍ୟ ଦେଇ ଗତି କରିଆସିଛି ।

ସଂଘର ଆଦର୍ଶ ଓ ଲକ୍ଷ୍ୟ ସମ୍ବନ୍ଧରେ ଅବଗତ କରାଇବା ପାଇଁ ୩ ଗୋଟି ଶିକ୍ଷାବର୍ଗ ଅନୁଷ୍ଠିତ ହୋଇଥାଏ । ଆଗ୍ରହୀ ସ୍ୱୟଂସେବକମାନେ ସମୟ ଓ ସୁବିଧା ଦେଖି ଭାଗ ନେଇଥାନ୍ତି । ସଂଘର ୩ୟ ବର୍ଷ ଶିକ୍ଷାବର୍ଷ ନାଗପୁରଠାରେ ଅନୁଷ୍ଠିତ ହୁଏ ।

ସଂଘ କାର୍ଯ୍ୟର ପ୍ରଚାର ପ୍ରସାର ନିର୍ମିତ ପ୍ରଚାରକମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏମାନେ ହିଁ ସେବା, ତ୍ୟାଗ ସମର୍ପଣର ପ୍ରତୀକ ଭାବେ କାର୍ଯ୍ୟ କରନ୍ତି । ୧୯୯୬ ମସିହାର କଥା । ତୃତୀୟ ବର୍ଷ ଶିକ୍ଷାବର୍ଗରେ ପ୍ରଚାରକମାନଙ୍କ ବୈଠକ ଚାଲିଥାଏ । ଚର୍ଚ୍ଚା ଅଧିକାରୀ ଥିଲେ ମାନନୀୟ ଦାଦା ସାହେବ ଦେଓରସ । ଦିନେ ସେ ପ୍ରଶ୍ନ କଲେ, କଳ୍ପନା କର, ଯଦି ଆସନ୍ତା କାଲି ସଂଘ ଉପରେ ପ୍ରତିବନ୍ଧକ ଲାଗିଯିବ, ତେବେ କ'ଣ କରିବ ? ତୁରନ୍ତ ଜଣେ ପ୍ରଚାରକ କହିଲେ, "ସଂଘକାର୍ଯ୍ୟ ମହତ୍ୱପୂର୍ଣ୍ଣ ଅଟେ । ଏଇହେତୁ ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟକୁ ବନ୍ଦ କରିବାକୁ ଦିଆଯିବ ନାହିଁ, ଅନ୍ୟ କୌଣସି ନାମରେ ଜୋରସୋର୍‌ରେ ଚାଲୁରହିବ ।" ଏହା ଶୁଣି ଉପହାସ ଛଳରେ ହସ ହସ ହୋଇ ମାନନୀୟ ବାବାସାହେବ କହିଲେ, ଜଣାଯାଉଛି ଏହାକୁ ସରସଂଘଚାଳକ ହେବାକୁ ପଡ଼ିବ ।" ପୂରା ଚର୍ଚ୍ଚା ସ୍ଥଳରେ ହସର ଫୁଆରା ଖେଳିଗଲା ।

କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଯେ ଏକ ଚାଳକାନୁବର୍ତ୍ତିତ୍ୱର ସ୍ଥାନରେ ସହକାରୀ ଚାଳକାନୁବର୍ତ୍ତିତ୍ୱର ଭାବ ସଂଘ ବାତାବରଣରେ ସଦାସର୍ବଦା ରହିଥାଏ । ପ୍ରତ୍ୟେକ ସ୍ୱୟଂସେବକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଶାଳ ସଂଘ ସୃଷ୍ଟି ପଛରେ ଏହି ରହସ୍ୟ ନିହିତ ରହିଛି ।

●

Source: Author, Digitized by PPRACHIN, SOA

ଲୋକସେବା ପାଇଁ ଯୋଗ୍ୟତା

ଶିଖମାନଙ୍କର ଚତୁର୍ଥ ଗୁରୁ ଥିଲେ ରାମଦାସ । ତାଙ୍କର ଅନେକ ଶିଷ୍ୟ ଥିଲେ । ସେମାନଙ୍କ ଭିତରୁ ଜଣେ ଶିଷ୍ୟର ନାମ ଥିଲା ଅର୍ଜୁନଦେବ । ଗୁରୁଙ୍କ ପ୍ରତି ତାଙ୍କର ଅତୁଟ ଶ୍ରଦ୍ଧା ଓ ଭକ୍ତି ଥିଲା । ଗୁରୁଙ୍କର ପ୍ରତ୍ୟେକ ଆଦେଶକୁ ସେ ଆକ୍ଷରିକ ଭାବେ ନିଷ୍ଠାର ସହ ପାଳନ କରୁଥିଲେ । ତାଙ୍କର ଗୁରୁଭକ୍ତି ଅତୁଳନୀୟ ଥିଲା ।

ଗୁରୁ ରାମଦାସ ଅର୍ଜୁନଦେବଙ୍କୁ ଆଶ୍ରମରେ ବାସନ ମାଜିବା କାମରେ ନିଯୁକ୍ତ କରିଥିଲେ । ସେ ଏହି କାମକୁ ହସହସ ହୋଇ ପୂଜାଭାବନାରେ ସମ୍ପାଦନା କରୁଥିଲେ । ଅନ୍ୟ ଶିଷ୍ୟମାନେ ଅର୍ଜୁନଦେବଙ୍କୁ ହେୟଦୃଷ୍ଟିରେ ଦେଖୁଥିଲେ । ଗୁରୁଜୀ ଅର୍ଜୁନଙ୍କୁ ଅତି ଛୋଟ କାମରେ ଲଗେଇଛନ୍ତି ବୋଲି ସେ ଭାବୁଥିଲେ ।

ଗୁରୁ ରାମଦାସ ତାଙ୍କର ଉତ୍ତରାଧିକାରୀ ବାଛିବା ପାଇଁ ସ୍ଥିର କଲେ । ସେ ସଭା ଡକାଇଲେ । ସବୁ ଶିଷ୍ୟମାନେ ଆସି ଉପସ୍ଥିତ ହେଲେ । ଗୁରୁଜୀ ଶିଷ୍ୟମାନଙ୍କୁ ସଭା ଡକାଇବାର କାରଣ ବୁଝାଇ କହିଲେ, "ଲୋକସେବା ପାଇଁ ସବୁଠାରୁ ବଡ ଯୋଗ୍ୟତା ହେଲା ଶ୍ରଦ୍ଧା, ଅହଙ୍କାରଶୂନ୍ୟତା ଓ ଅନୁଶାସନ । ମୁଁ ଅର୍ଜୁନଦେବଙ୍କ ମଧ୍ୟରେ ଏହି ପବିତ୍ର ତ୍ରିବେଣୀ ସଙ୍ଗମ ଦର୍ଶନ କରିଛି । ତେଣୁ ଆଜିଠାରୁ ସେ ମୋର ଉତ୍ତରାଧିକାରୀ ଦାୟିତ୍ୱ ସମ୍ଭାଳିବେ ।

ଶିଷ୍ୟଗଣ ଗୁରୁଦେବଙ୍କ ଘୋଷଣା ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କାମରେ ଛୋଟ ବଡ଼ ବୋଲି କିଛି ନାହିଁ । କର୍ମଟିକୁ ଯଥାର୍ଥ ଭାବେ ସମ୍ପାଦନ କରିବା ହିଁ ସବୁଠାରୁ ବଡ଼ କଥା । କର୍ମ ହେଉଛି ଉପାସନା ।

•

Source: Author, Digitized by PPRACHIN, SOA

ନ୍ୟାୟ ଆଗରେ ସମସ୍ତେ ସମାନ

ବେଦ ସକଳ ସତ୍ୟ ବିଦ୍ୟାର ଗ୍ରନ୍ଥ । ବେଦ ବଚନ ଅନୁଯାୟୀ ଈଶ୍ୱର ହେଉଛନ୍ତି ସବୁଠାରୁ ଶ୍ରେଷ୍ଠ ନ୍ୟାୟକାରୀ । ନ୍ୟାୟର ନିକିତି ଧରି ସେ ସମଗ୍ର ସଂସାରକୁ ପାଳନ କରୁଛନ୍ତି । ତାଙ୍କ ବିଚାରରେ ପକ୍ଷପାତର ସ୍ଥାନ ନାହିଁ । ଯେଉଁମାନେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ସେମାନେ ଆସ୍ତିକ । ଦୁନିଆରେ କେହି ଜଣେ ହେଲେ ନାସ୍ତିକ ନାହାଁନ୍ତି । ସତ୍ୟ ଉପରେ ବିଶ୍ୱାସ କରୁଥିବା ଲୋକ, ସୁଖ ଶାନ୍ତି ଓ ଆନନ୍ଦ ପାଇବାକୁ ଚେଷ୍ଟା କରୁଥିବା ଲୋକମାନେ ସମସ୍ତେ ଆସ୍ତିକ ।

ଏ ସଂସାରରେ ମଧ୍ୟ ଅନେକ ନ୍ୟାୟପରାୟଣ ଲୋକ ଅଛନ୍ତି । ସେମାନେ କୌଣସି ପରିସ୍ଥିତିରେ ମଧ୍ୟ ନ୍ୟାୟ-ପଥରୁ ବିଚ୍ୟୁତ ହୁଅନ୍ତି ନାହିଁ । ଏହିପରି ଜଣେ ବିଚାରପତିଙ୍କ କଥା ଶୁଣିଲେ କେହି ସହଜରେ ବିଶ୍ୱାସ କରିବ ନାହିଁ । ହେଲେ ଘଟଣାଟି ପୂରାପୂରି ସତ ।

ଆମ ଦେଶରେ ରତଲାମ ବୋଲି ଗୋଟିଏ ଅଞ୍ଚଳ ଅଛି । ସେଠାକାର ଶାସକ ଥିଲେ ସଜ୍ଜନ ସିଂହ । ରାଜାଙ୍କର ସୈନ୍ୟମାନେ କୌଣସି ଅପରାଧ ପାଇଁ ଶ୍ରୀନିବାସ ଶାସ୍ତ୍ରୀ ନାମକ ଜଣେ ବ୍ୟକ୍ତିଙ୍କୁ ଧରିନେଇଥିଲେ । ତାଙ୍କ ନାମରେ ଅଭିଯୋଗ ଦାୟର ହେଲା । ସଂଯୋଗବଶତଃ ଅପରାଧୀ ଶ୍ରୀନିବାସଙ୍କୁ ତାଙ୍କର ପୁତ୍ରର ନ୍ୟାୟଳୟକୁ ଅଣାଗଲା । ସମସ୍ତେ ଭାବିଥିଲେ ଯେ ବିଚାର ଶାସ୍ତ୍ରୀଙ୍କ ସପକ୍ଷରେ ଯାଇପାରେ । ମାତ୍ର ତାହା ହୋଇନଥିଲା । ଶୁଣାଣି ହେଲା ଆଇନ ଅନୁଯାୟୀ । ବିଚାରପତି-ପୁତ୍ର ପିତାଙ୍କୁ ଦୋଷୀ ସାବ୍ୟସ୍ତ କଲେ । ତେଣୁ ଛଅମାସ ଜେଲ ଓ ଟ ୫୦୦ ଜୋରିମାନା ଦଣ୍ଡସ୍ୱରୂପ ଘୋଷଣା କରାଗଲା ।

ଘଟଣାଟି ଯେତେବେଳେ ମା'ଙ୍କ କାନରେ ପଡ଼ିଲା ସେ ପୁଅ ଉପରେ ଖୁବ୍ ରାଗିଯାଇଥିଲେ । ପୁଅ ବିନମ୍ରତା ସହକାରେ କହିଥିଲେ- 'ମା, ଯଦି ବିଚାରପତି ନ୍ୟାୟ ବିଚାର ନ କରେ, ତେବେ ସାଧାରଣ ପ୍ରଜାଙ୍କର ଅବସ୍ଥା କ'ଣ ହେବ ? ବିବେକ ହେଉଛି ଜାଗ୍ରତ ପ୍ରହରୀ ଭଳି, ମୁଁ ତାଙ୍କୁ କିପରି ଶୋଇଯିବାକୁ ଦେଇଥାନ୍ତି କହିଲ ?"

Source: Author, Digitized by PPRACHIN, SOA

ମହାରାଜାଙ୍କ କାନରେ ଏ ଖବର ବାଜିଲା । ଏଭଳି ଆଦର୍ଶ ବିଚାରପତିଙ୍କ ଯୋଗୁଁ ଗର୍ବରେ ତାଙ୍କର ଛାତି କୁଣ୍ଡେ ମୋଟ ହୋଇଗଲା । ସେ ପିତାଙ୍କୁ କ୍ଷମା ପ୍ରଦାନ କରି ତାଙ୍କୁ ଜେଲରେ ମୁକ୍ତ କରିଦେଲେ । ପୁଅକୁ ପୁରସ୍କାର ସ୍ୱରୂପ ପଦୋନ୍ନତି ପ୍ରଦାନ କଲେ ।

●

ମନୁଷ୍ୟର ଗୋଟିଏ ହିଁ ଜାତି

ଆନନ୍ଦ ନାମକ ମହାତ୍ମା ବୁଦ୍ଧଙ୍କର ଜଣେ ମହାନ୍ ଶିଷ୍ୟ ଥିଲେ । ବୌଦ୍ଧ ସନ୍ୟାସୀଗଣ ଭିକ୍ଷା ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲେ । ଶ୍ରମଣ ଆନନ୍ଦ ଶ୍ରୀବସ୍ତିକୁ ଭିକ୍ଷା କରିବା ପାଇଁ ବାହାରିପଡ଼ିଲେ । ଖରାଦିନ । ଭୟଙ୍କର ଖରା ହେତୁ ତୃଷାରେ କାତର ହୋଇପଡିଲେ ଆନନ୍ଦ । ଆତୁର ହୋଇ ପାଣି ଖୋଜି ବୁଲିଲେ । ନଜର ପଡିଲା ଯୁବତୀଟିଏ କୂଅରୁ ପାଣି କାଢୁଛି । ଆନନ୍ଦ ନିକଟକୁ ଯାଇ ପିଇବା ପାଇଁ ପାଣି ମୁନ୍ଦେ ମାଗିଲେ । ଝିଅଟି ପାଣି ଦେବାରେ ବିଳମ୍ବ କରିବାରୁ ଶ୍ରମଣ ଧୀର କଣ୍ଠରେ କହିଲେ, 'ଡେରି କାହିଁକି କରୁଛୁ, ମା', ମୁଁ ଯେ ତୃଷାତୁର ।" ଯୁବତୀଟି କୁଣ୍ଠିତ ହୋଇ କହିଲା, 'କ୍ଷମା କରିବେ ସାଧୁ ମହାରାଜ, ମୁଁ ଚାଣ୍ଡାଳ କନ୍ୟା ଅଟେ । ମୁଁ ଛୁଇଁଥିବା ଜଳ ତ ଆପଣଙ୍କ ପାଇଁ ପରିତେଜ୍ୟ । ମୋ ହାତରୁ ପାଣି ପିଇଲେ ଆପଣ ଅପବିତ୍ର ହୋଇଯିବେ । ମୁଁ ମଧ ପାପଭାଗୀ ହେବି ।"

"ମୁଁ ତୁମକୁ ଜାତି କଥା ପଚାରୁ ନାହିଁ, ମା' । ପଶୁ, ପକ୍ଷୀ, କୀଟ, ପତଙ୍ଗ, ସରୀସୃପଙ୍କ ପରି ମଣିଷର ବି ଗୋଟିଏ ଜାତି । ତହିଁରେ କୌଣସି ଭେଦଭାବ ନାହିଁ । ଆମେ ସବୁ ପରସ୍ପର ସମାସ୍କନ୍ଦ । ଯଥାଶୀଘ୍ର ପାଣିଟୋପେ ଦିଅନ୍ତୁ, ଶୋଷରେ ମୋର ତଣ୍ଟି ଶୁଖିଯାଉଛି । ଶ୍ରମଣଙ୍କର ସରଳ ଉତ୍ତର ଶୁଣି ତରୁଣୀଟି ଚକିତ ହୋଇଗଲା । ଆନନ୍ଦଙ୍କ ଅଞ୍ଜଳିକୁ ପାଣିର ଧାର ଗଡ଼ାଇ ତାଙ୍କୁ ସୁଶୀତଳ ଜଳ ପାନ କରାଇଲା । ଆନନ୍ଦ ମଧ୍ୟ ଅଭିଜ୍ଞତାରୁ ଶିକ୍ଷା ଲାଭ କରି ଦୃଢ଼ତାର ସହ ପ୍ରଚାର କଲେ ଯେ ଜାତି, ପାତି ଅସ୍ପୃଶ୍ୟତା, ବନ୍ଧନ ଏକ ଏକ ସାମାଜିକ କଳଙ୍କ ଅଟେ ଓ ଏହାକୁ ଦୂର କରିବା ନିତାନ୍ତ ଆବଶ୍ୟକ ।

●

Source: Author, Digitized by PPRACHIN, SOA

ମନର ମଇଳା

ଜାତିଭେଦ ଓ ଅସ୍ପୃଶ୍ୟତା ଆମ ସମାଜର ସବୁଠାରୁ ବଡ କଳଙ୍କ ଭାବରେ ଗଣା ହୁଏ । ଏହା ଏକ ସାମାଜିକ କୁସଂସ୍କାର ରୂପେ ପରିଗଣିତ । ଅନ୍ଧବିଶ୍ୱାସ ଓ ଅପରିଣାମଦର୍ଶିତା କାରଣରୁ ଜାତିପ୍ରଥା ସୃଷ୍ଟି ହୋଇଛି । ବୈଦିକ କାଳରେ ଜାତି ବ୍ୟବସ୍ଥା ନଥିଲା । ମଣିଷର ଅନ୍ତର୍ନିହିତ ଗୁଣ ଓ କର୍ମ ଆଧାରରେ ସମାଜର ସୁପରିଚାଳନା ନିମନ୍ତେ ଚାରିବର୍ଣ୍ଣ ସୃଷ୍ଟି ହୋଇଥିଲା । ଏହି ଚାରି ବର୍ଣ୍ଣ ହେଲା ବ୍ରାହ୍ମଣ, କ୍ଷତ୍ରିୟ,ବୈଶ୍ୟ ଓ ଶୂଦ୍ର । ଗୁଣ ଓ କର୍ମ ଆଧାରରେ ବର୍ଣ୍ଣ ସୃଷ୍ଟି ହୋଇଥିବାରୁ ଭେଦଭାବ, ବାଛବିଚାର କିଛି ନଥିଲା । ଶୂଦ୍ର ମଧ୍ୟରେ ମଧ୍ୟ ସତ୍‌ଗୁଣ ବିକଶିତ ହେଉଥିଲା । ସେ ବିକାଶ ଦିଗରେ ଆଗେଇ ଯାଇ ବ୍ରାହ୍ମଣରେ ବି ପରିଣତ ହୋଇପାରୁଥିଲା । ବ୍ରାହ୍ମଣର ଅଧୋପତନ ଘଟିଲେ ସେ ମଧ୍ୟ ଶୂଦ୍ର ସ୍ତରକୁ ଖସି ଆସୁଥିଲା । ମାତ୍ର ଅଜ୍ଞତା ଓ ଅହଙ୍କାର କାରଣରୁ ଜନ୍ମଭିତ୍ତିକ ଜାତିପ୍ରଥା ସୃଷ୍ଟିହେଲା । ବ୍ରାହ୍ମଣ ଓ ଅନ୍ୟ ବର୍ଣ୍ଣର ଲୋକମାନେ ଶୂଦ୍ରକୁ ଘୃଣା କରିବା ଆରମ୍ଭ କଲେ ।

ଯୁଗେ ଯୁଗେ ମନୀଷୀଗଣ ଏହି କୁସଂସ୍କାର ଦୂର କରିବା ପାଇଁ ଚେଷ୍ଟା କରିଆସିଛନ୍ତି । ମହାତ୍ମା ରାମାନୁଜାଚାର୍ଯ୍ୟ ମଧ୍ୟ ଉଭୟ କଥା ଓ କାର୍ଯ୍ୟରେ ଏହି ସାମାଜିକ ବ୍ୟାଧି ଦୂର କରିବା ପାଇଁ ଚେଷ୍ଟା କରିଥିଲେ । ମହାତ୍ମା ଶାରୀରିକ ଦୃଷ୍ଟିରୁ ଦୁର୍ବଳ ଥିଲେ । ପ୍ରତିଦିନ ସେ ନଦୀ-ସ୍ନାନ ନିମନ୍ତେ ଯାଉଥିଲେ । ଗଲାବେଳେ ଜଣେ ବ୍ରାହ୍ମଣର କାନ୍ଧରେ ଭରାଦେଇ ଯାଉଥିଲେ । ଫେରୁଥିଲେ ଜଣେ ଶୂଦ୍ରର କାନ୍ଧରେ ଭରାଦେଇ । ମହାତ୍ମାଙ୍କ ଏପରି ଆଚରଣ ଦେଖି ଲୋକେ ଆଶ୍ଚର୍ଯ୍ୟ ଚକିତ ହେଉଥିଲେ । ନିଜର କୌତୁହଳକୁ ସମ୍ବରଣ ନକରିପାରି ଜଣେ ଭକ୍ତ ପଚାରିଥିଲେ,ମହାତ୍ମା, ଆପଣଙ୍କର ସ୍ନାନର ଲାଭ କ'ଣ ? ଶୂଦ୍ରର ସ୍ପର୍ଶରେ ତ ଆପଣ ଅପବିତ୍ର ହୋଇଯାଉଛନ୍ତି ।"

ଆଚାର୍ଯ୍ୟ ଟିକିଏ ହସିଦେଇ କହିଲେ, "ସ୍ନାନ ଦ୍ୱାରା ମୋର ଦେହ ମାତ୍ର ପବିତ୍ର ଶୁଦ୍ଧହୁଏ, ମନର ମଇଳା ସଫା ହୁଏନାହିଁ । ବଡ଼ପଣ ବା ଅନ୍ୟଠାରୁ ନିଜକୁ ଉଚ୍ଚ ମନେକରିବା ଅହଂକାର ଅଟେ । ମଣିଷର ବିକାଶ ପଥରେ ଏହା ସବୁଠାରୁ ବଡ଼ ପ୍ରତିବନ୍ଧକ । ସ୍ନାନ ସାରି ମୁଁ ମୋର ଶରୀରକୁ

Source: Author, Digitized by PPRACHIN, SOA

ପବିତ୍ର କରିସାରିବା ପରେ ଜଣେ ଶୂଦ୍ରକୁ ସ୍ପର୍ଶ କରି ମୁଁ ମୋର ଅହଂକାରକୁ ପରିଷ୍କାର କରୁଛି ମାତ୍ର । ମନର ମଳିନତାକୁ ଧୋଉଅଛି । ମୁଁ କାହାଠାରୁ ଉଚ୍ଚ ନୁହେଁ କି ମୋ'ଠାରୁ କେହି ନୀଚ ନୁହଁନ୍ତି । ମୋ'ଠାରୁ ତ ଶୂଦ୍ର ବି ଶ୍ରେଷ୍ଠ । ଏହି ଭାବନା ମୋତେ ଆନନ୍ଦ ପ୍ରଦାନ କରୁଅଛି ।"

ସ୍ୱାମୀଜୀଙ୍କ ଉତ୍ତରରେ ଭକ୍ତଗଣ ଉଦ୍‌ବୁଦ୍ଧ ହୋଇଥିଲେ । ସମସ୍ତେ ବୁଝିପାରିଥିଲେ ଯେ କେବଳ ସାର୍ଥକ ମାନବଟିଏ ହୋଇପାରିଲେ ହିଁ ଜୀବନର ମହାନ ଉଦ୍ଦେଶ୍ୟ ସାଧିତହୁଏ ।

●

ସକଳ ଘଟେ ଏକ ଆତ୍ମା

ଜାତି ଧର୍ମ ଆଧାରରେ ଛୁଆଁ-ଅଛୁଆଁ ଭେଦଭାବକୁ ମାନୁଥିବା ଲୋକ ମନୁଷ୍ୟରେ ଗଣା ନୁହେଁ କହିଲେ ଠିକ୍ ହେବ । ଏପରି ବ୍ୟକ୍ତି ହିଁ ଅନ୍ଧବିଶ୍ୱାସୀ ଅଟେ । ଏହା ଛଡ଼ା ମହାନ ଗ୍ରନ୍ଥ ଭଗବଦ୍‌ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ସେ ସମସ୍ତ ପ୍ରାଣୀମାନଙ୍କ ହୃଦୟରେ ବାସ କରନ୍ତି । ଭାଗବତରେ ମଧ୍ୟ କୁହାଯାଇଛି ଯେ ସକଳ ଘଟରେ ନାରାୟଣ ବାସ କରନ୍ତି । ଭଗବଦ୍‌ଗୀତାରେ ଏ କଥା ମଧ୍ୟ କୁହାଯାଇଛି ଯେ ସମଦର୍ଶୀ ବ୍ୟକ୍ତି ପରମାତ୍ମା ଈଶ୍ୱରଙ୍କୁ ସକଳ ଘଟରେ ସମାନ ଭାବରେ ରହିଥିବା ବୁଝିପାରୁଥିବାରୁ ବ୍ରାହ୍ମଣ, ଗାଈ ଓ ହାତୀ ମଧ୍ୟରେ କୌଣସି ପ୍ରକାର ଭେଦଭାବ ରଖନ୍ତିନାହିଁ । ଯେଉଁ ମହାତ୍ମାମାନଙ୍କର ମନ ଯେତେ ବଡ଼, ଉଦାର ଓ ଚଞ୍ଚଳ ସେମାନେ ଏକଥାକୁ କଥାରେ ନୁହେଁ କାର୍ଯ୍ୟରେ କରି ଦେଖାନ୍ତି ।

ଭାରତବର୍ଷ ତ ସହଜେ ମୁନିଋଷି ସାଧୁସନ୍ଥମାନଙ୍କର କର୍ମଭୂମି । ମଣିଷ ମଣିଷମାନଙ୍କର ମଧ୍ୟରେ ଛୁଆଁ-ଅଛୁଆଁ ଭେଦଭାବକୁ ମାନୁନଥିବା ଏପରି ଜଣେ ମହାତ୍ମା ଥିଲେ ଜୈନ ତୀର୍ଥଙ୍କର

Source: Author, Digitized by PPRACHIN, SOA

ଭଗବାନ ମହାବୀର । ଥରେ ସେ କୌଣସି ସ୍ଥାନକୁ ଯାଉଥିବା ବେଳେ ଜଣେ ଅଜଣା ବ୍ୟକ୍ତି ଧାଇଁଆସି ମହାବୀରଙ୍କର ପାଦଛୁଇଁ ପ୍ରଣାମ କରିବାକୁ ଚେଷ୍ଟାକଲା । ସେ ଲୋକଟି ଚଣ୍ଡାଳ ଥିବାରୁ ପାଖରେ ଥିବା ଲୋକମାନେ ମହାତ୍ମାଙ୍କୁ ନଛୁଇଁବା ପାଇଁ ପାଟିତୁଣ୍ଡ କରି ବାରଣ କଲେ । ଲୋକଙ୍କ କଥାରେ ବିଚରା ଅଛବ ଲୋକଟି ଚମକି ପଡ଼ିଲା । ଲୋକେ ପାଟିକରି କହୁଥିଲେ, "ଆରେ ହରିବଂଶୀ, ଭଗବାନଙ୍କୁ ଛୁଇଁବାକୁ ତୁ ସାହସ କଲୁ କିପରି ?" ମହାବୀର ଲୋକମାନଙ୍କୁ ପଚାରିଲେ," ତୁମେ ତାକୁ ବାରଣକଲ କାହିଁକି ?" ଉପସ୍ଥିତ ଥିବା ଜଣେ ବ୍ୟକ୍ତି ତର୍କ କଲାଭଳି ଉତ୍ତର ଦେଲା, "ସେ ଚଣ୍ଡାଳଟାଏ ଆଜ୍ଞା, ତାର ସ୍ପର୍ଶରେ ଆପଣ ଅପବିତ୍ର ହୋଇଯାଇଥାନ୍ତେ ।" ସାରା ଜଗତର କଲ୍ୟାଣ କାମନା କରୁଥିବା ଓ ଅନ୍ୟମାନଙ୍କୁ ଖୁସିରେ ରଖିବାରେ ଆନନ୍ଦ ପାଉଥିବା ଭଗବାନ ମହାବୀର ହସହସ ହୋଇ ସେ ଲୋକଟିର ନିକଟକୁ ଆଗେଇ ଯାଇ ତାକୁ ଗଳାରେ ଲଗାଇଲେ । କଥାରେ ନୁହେଁ କାମରେ ଦେଖାଇଦେଲେ ଯେ କେହି ବଡ଼ ନୁହଁନ୍ତି କି ଛୋଟ ନୁହଁନ୍ତି । ଛୁଆଁ-ଅଛୁଆଁ ବିଚାର ଏକ ସାମାଜିକ ବ୍ୟାଧି । ମହାବୀର ଲୋକମାନଙ୍କୁ ସମ୍ବୋଧନ କରି କହିଲେ ଯେ ଜନ୍ମରୁ କେହି ବ୍ରାହ୍ମଣ ହୁଏନାହିଁ କି ଚଣ୍ଡାଳ ହୁଏ ନାହିଁ । କର୍ମ ଅନୁସାରେ ତାର ପରିଚୟ ସୃଷ୍ଟିହୁଏ । ଭଲ କାମ କଲେ ସେ ଭଲ ବ୍ୟକ୍ତି, ଖରାପ କାମ କଲେ ସେ ମନ୍ଦ ବ୍ୟକ୍ତି ଭାବରେ ପରିଗଣିତ ହୁଏ । ସବୁ ମଣିଷଙ୍କର ଜାତି ଗୋଟିଏ । ଯଦି ସକଳ ଘଟରେ ଏକ ଆତ୍ମା ହିଁ ବିଦ୍ୟମାନ, କିଏ ବଡ କିଏ ଛୋଟ ହେବ କିପରି ?

ମହାବୀର ମହତ ବାଣୀ ସଦୁପଦେଶ ଶୁଣି ସମସ୍ତେ ଅଭିଭୂତ ହୋଇଗଲେ ।ବାସ୍ତବିକ ଯେଉଁ ଜ୍ଞାନ ବା ଅନୁଭବ ମଣିଷକୁ ମୁକ୍ତ କରେ, ଯାହା ମଣିଷ ମନରୁ ଭ୍ରାନ୍ତି, ବିକୃତି ଓ ଅହଂକାର ଦୂରକରେ ତାହା ହିଁ ଅସଲ ଜ୍ଞାନ ବା ଅନୁଭବ । ଚଣ୍ଡାଳ କୁଳରେ ଜନ୍ମ ନେଇ ଜଣେ ଯଦି ଈଶ୍ୱରଙ୍କ ନାମ ନିଏ ଓ ଭଲମନ୍ଦ ବିଚାର କରିପାରେ ତେବେ ସେ ଜ୍ଞାନୀ ବୋଲି ବିବେଚିତ ହୁଏ । ଭାଗବତର ବାଣୀ ହେଉଛି-

ଚଣ୍ଡାଳ ଏଣୁ ଶ୍ରେଷ୍ଠ ହେଲା
ଜିହ୍ୱାରେ ତୋ ନାମ ଧରିଲା ।
ଯେଣୁ ତୋ ନାମ ଉଚ୍ଚାରିଲା
ସକଳ ତପ ସେହୁ କଲା ।

●

Source: Author, Digitized by PPRACHIN, SOA

ବ୍ରାହ୍ମଣ କିଏ

ଆମ ଶାସ୍ତ୍ର ଓ ପୁରାଣ ସବୁରେ କୁହାଯାଇଛି ଯେ ଯେଉଁ ବ୍ୟକ୍ତି ବ୍ରହ୍ମ ଅର୍ଥାତ୍ ସତ୍ୟକୁ ଚିହ୍ନିଛି ବା ଜାଣିଛି ସେ ବ୍ରାହ୍ମଣ ପଦବାଚ୍ୟ ଅଟେ । ସାଧାରଣତଃ ପଣ୍ଡିତ ବା ବିଜ୍ଞଲୋକମାନେ ବିଭିନ୍ନ ବିଷୟରେ ସୁଚିନ୍ତିତ ମତାମତ ବା ବିଚାର ପ୍ରକଟ କରନ୍ତି । ମାତ୍ର ବ୍ରାହ୍ମଣମାନେ ସେସବୁ ଚିନ୍ତନକୁ ମନେ ମନେ ପରଖି ତାର ସତ୍ୟାସତ୍ୟ ଉପଲବ୍ଧି କରିବାକୁ ଚେଷ୍ଟା କରନ୍ତି । ଯଦି ମନକୁ ପାଇଲା ସେହି ଶାଶ୍ୱତ ବା ସତ୍ୟ ବିଚାରକୁ କାମରେ କରି ଦେଖାନ୍ତି । ଚିନ୍ତାଧାରା ବା ସତ୍ୟକୁ କାର୍ଯ୍ୟରେ ପରିଣତ କରିବାକୁ ସକ୍ଷମ ହେବାପରେ ଯାଇଁ ତାହାକୁ ଅନୁକରଣ ବା ପ୍ରୟୋଗ କରିବା ପାଇଁ ଅନ୍ୟକୁ ଉପଦେଶ ଦିଅନ୍ତି । ତେଣୁ ପ୍ରକୃତ ବ୍ରାହ୍ମଣ ସେହି ଲୋକ, ଯିଏ ଯେପରି ଚିନ୍ତା କରନ୍ତି ସେପରି କାର୍ଯ୍ୟ କରନ୍ତି ଓ ଆଚରଣରେ ସିଦ୍ଧ ବା ପାରଙ୍ଗମ ହେଲେ ଯାଇ ଉଚ୍ଚାରଣରେ ତାହା ପ୍ରକାଶ କରନ୍ତି ।

ତେବେ ବ୍ରହ୍ମଦର୍ଶୀ ବ୍ରହ୍ମାଣଙ୍କର ବ୍ୟବହାର ସମ୍ବନ୍ଧରେ ଧର୍ମରାଜ ଯୁଧିଷ୍ଠିର ଆଉ ଗୋଟିଏ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି । ଥରେ ରାଜା ନହୁଷ ଚକ୍ରବର୍ତ୍ତୀ ସମ୍ରାଟ ଯୁଧିଷ୍ଠିରଙ୍କଠାରୁ ପ୍ରକୃତରେ ବ୍ରାହ୍ମଣ କିଏ ବୋଲି ଜାଣିବାକୁ ଚାହିଁଲେ । ବିଚାରବନ୍ତ ଯୁଧିଷ୍ଠିର ଉତ୍ତର ଦେଲେ ଯେ ଯେଉଁ ବ୍ୟକ୍ତି ଦାନ, ଧର୍ମ, ଦୟା, ଶୀଳ (ଚରିତ୍ର) ଏବଂ ଅହିଂସାଦି ଗୁଣରେ ବିଭୂଷିତ ଅଟନ୍ତି ସେ ହିଁ ବ୍ରହ୍ମାଣ ପଦବାଚ୍ୟ ।

ନହୁଷ ପୁଣି ପଚାରିଲେ– "ଯଦି ଏହି ଗୁଣସବୁ ବ୍ରାହ୍ମଣର ପରିଚୟ ସୃଷ୍ଟିକରେ, ତେବେ ଏ ସମସ୍ତ ଗୁଣ ମଧ୍ୟ କୌଣସି ଶୂଦ୍ର ନିକଟରେ ବି ଥାଇପାରେ । ତେବେ ଆପଣ ସେହି ଶୂଦ୍ରକୁ ବ୍ରାହ୍ମଣ ବୋଲି ସ୍ୱୀକାର କରିବେ ?"

ଯୁଧିଷ୍ଠିର ଉତ୍ତର ଦେଲେ, 'ଯେଉଁବ୍ୟକ୍ତି ଏ ସମସ୍ତ ଗୁଣର ଅଧିକାରୀ ସେ ଶୂଦ୍ରକୂଳ ବା ଜାତିରେ ଜନ୍ମ ହୋଇଥିଲେ ମଧ୍ୟ ବ୍ରାହ୍ମଣ ଅଟେ । ମାତ୍ର ଯିଏ ବ୍ରାହ୍ମଣ କୂଳରେ ଜନ୍ମ ହୋଇ ମଧ୍ୟ ଏହିସବୁ ଗୁଣରୁ ବଞ୍ଚିତ ସେ ବାସ୍ତବରେ ଶୂଦ୍ର ଅଟେ । ଚରିତ୍ର ହିଁ ବ୍ୟକ୍ତିର ଜାତିର ଆଧାର ଅଟେ । ଉତ୍ତମ ଚରିତ୍ରଯୁକ୍ତ ବ୍ୟକ୍ତି ହିଁ ବ୍ରାହ୍ମଣ ଅଟେ । ତେଣୁ ଯଥାର୍ଥରେ କବି କହିଛନ୍ତି –

Source: Author, Digitized by PPRACHIN, SOA

ଥାଉ ଥିଲେ ପଛେ ଗୁଣ ହଜାର
ଚରିତ୍ର ନଥିଲେ ସବୁ ଅସାର ।

ଏଠାରେ ମନେ ରଖିବା ଉଚିତ ହେବ ଯେ ଜନ୍ମଭିତ୍ତିକ ଜାତିପ୍ରଥା ଏକ କଳଙ୍କ । ମାତ୍ର କର୍ମଭିତ୍ତିକ ବର୍ଣ୍ଣବ୍ୟବସ୍ଥା ବ୍ୟକ୍ତିର ବିକାଶ ନିମନ୍ତେ ଉଦ୍ଦିଷ୍ଟ । ଏକଥା ତୁମ୍ଭେମାନେ ଯେତେଯେତେ ବଡ଼ ହେବ, ସେତେସେତେ ବୁଝିପାରିବ ।

•

ସେବା ଓ ସତ୍କାର

ଯେଉଁମାନେ ସ୍ୱତଃପ୍ରବୃତ୍ତ ଭାବରେ ଦେଶ ଜାତି ତଥା ମାନବ ସମାଜର ସେବା ନିମନ୍ତେ ଜୀବନ ଉତ୍ସର୍ଗ କରିବା ପାଇଁ ସଂକଳ୍ପ କରନ୍ତି ସେମାନେ ହିଁ ପ୍ରକୃତ ସ୍ୱୟଂସେବକ । ସେମାନଙ୍କ ଦୃଷ୍ଟିରେ ଉଚ୍ଚନୀଚ ଭେଦଭାବ ରଖୁଥିବା ଲୋକ କେବେ ଭଲ ମଣିଷ ବା ଆଦର୍ଶ ପୁରୁଷ ହୋଇପାରନ୍ତି ନାହିଁ । ଯାହା ମନରେ ଗର୍ବ ଓ ଅହଙ୍କାର ବସା ବାନ୍ଧିଥାଏ ସେ ହିଁ ସମାଜର ତଳସ୍ତରର ଲୋକଙ୍କୁ ହେୟଜ୍ଞାନ କରେ । ବଡ଼ବଡ଼ ଲୋକମାନଙ୍କର ଗହଣରେ ଦରିଦ୍ର ଅବହେଳିତ ଲୋକଙ୍କୁ ସମାନ ଦୃଷ୍ଟିରେ ଦେଖିବା ମଧ୍ୟ ସହଜ କଥା ନୁହେଁ । ହେଲେ ଅସମ୍ଭବ ଓ ସହଜ ମନେ ହେଉନଥିବା କାମକୁ କାର୍ଯ୍ୟରେ ପରିଣତ କରି ଦେଖାଇବାର ଲୋକ ବି ସମାଜରେ ଅଛନ୍ତି । ଏହିଭଳି ଜଣେ ଉଚ୍ଚମନା ବ୍ୟକ୍ତିଙ୍କର ଜୀବନର ଗୋଟିଏ ଘଟଣା ଆମ ଦେଶର କର୍ଣ୍ଣାଟକ ରାଜ୍ୟର ବିଦର ଅଞ୍ଚଳରେ ଘଟିଥିଲା । ଘଟଣାଟି ଏହିପରି ।

ପୃଥିବୀର ସବୁଠାରୁ ବଡ ସ୍ୱୟଂସେବକ ସଂଘର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ଗୃହରେ ବିବାହ ଭୋଜିରେ ଯୋଗ ଦେବା ନିମନ୍ତେ ନଗରର ଅନେକ ମାନ୍ୟଗନ୍ୟ ଭଦ୍ରଲୋକ ନିମନ୍ତ୍ରିତ ହୋଇ ଆସିଥାନ୍ତି । ଏହି ଅବସରରେ ବଳିପଡିଥିବା ଉଚ୍ଛିଷ୍ଟ ଖାଇବା ନିମନ୍ତେ ଅନେକ ନରନାରୀ ପିଲାଛୁଆ ବି ଘରଆଗରେ ଭିଡ଼ ଜମେଇଥିଲେ । ସହଜେ ତ ସ୍ୱୟଂସେବ. ତା'ଛଡ଼ା ବିଶାଳ ହୃଦୟର ବ୍ୟକ୍ତି ବି । ସେ ବାହାରକୁ ଆସି କେବଳ ଏତିକି କହିଲେ - ଦେଖନ୍ତୁ, ଆଜି ଆପଣମାନେ ମୋର ସାଦର ନିମନ୍ତ୍ରିତ ଅତିଥି ।

Source: Author, Digitized by PPRACHIN, SOA

ଦୟାକରି କିଛି ସମୟ ଅପେକ୍ଷା କରନ୍ତୁ । ଭୋଜନ ପାଇଁ ଦ୍ୱିତୀୟ ପଙ୍ଗତ ସଙ୍ଗେ ସଙ୍ଗେ ବସିବ । ମୁଁ ମଧ୍ୟ ଆପଣମାନଙ୍କ ସଙ୍ଗେ ମିଶି ଭୋଜନ କରିବି ।"

ଭିକାରିଗଣ ସ୍ତବଧ୍ ହୋଇ ରହିଗଲେ । ସେମାନେ ଆପଣାର କାନକୁ ବିଶ୍ୱାସ କରିପାରୁ ନଥିଲେ । କିଛି ସମୟ ପରେ ଯେତେବେଳେ ସେମାନଙ୍କୁ ଭିତରକୁ ଡାକି ନେଇ ସେହ୍ନ ଓ ପ୍ରେମ ସହକାରେ ପେଟପୂରା ଭୋଜନରେ ଆପ୍ୟାୟିତ କରାଗଲା, ସେତେବେଳେ ସେମାନଙ୍କର ଅବିଶ୍ୱାସ ସୁଖଦ ବିଶ୍ୱାସରେ ପରିଣତ ହେଲା । ଅନେକଙ୍କ ଆଖିରୁ ଆନନ୍ଦର ଅଶ୍ରୁ ବହିବାକୁ ଲାଗିଲା । ସଂସାରରେ ପୁଣି ଏମିତି ଲୋକ ଅଛନ୍ତି !

ଉପସ୍ଥିତ ସ୍ୱୟଂସେବକମାନଙ୍କର ସହଯୋଗରେ କାର୍ଯ୍ୟଟି ସୁରୁଖୁରୁରେ ସମ୍ପନ୍ନ ହେଲା । କଥାରେ ଅଛି ଅନ୍ନଦାନଠାରୁ ମହତ୍ ଦାନ ଅନ୍ୟ କିଛିନାହିଁ । ଭୋକିଲା ଲୋକଙ୍କର ଗହଣରେ ବସି ନିଜେ ଖାଇବା ସହିତ ନିରହଙ୍କାର ଭାବରେ ଅନ୍ୟକୁ ଖୁଆଇବାରେ ଯେଉଁ ଅପୂର୍ବ ଆନନ୍ଦ ମିଳେ ତାହା ବାସ୍ତବିକ ଅତୁଳନୀୟ ।

●

ସେବାଠାରୁ ବଡ କିଛି ନାହିଁ

ଶିଖଧର୍ମର ପ୍ରତିଷ୍ଠାତା ଥିଲେ ଗୁରୁ ନାନକ । ଦିନେ ଗୁରୁଦେବ ଶିଷ୍ୟମାନଙ୍କର ଅଭିଳାଷ ବା ଇଚ୍ଛା କ'ଣ ବୋଲି ଜାଣିବାକୁ ଚାହିଁଲେ । ସମସ୍ତେ ନିଜ ନିଜର ମନକଥା ଜଣାଇଲେ । ଗୁରୁଦେବଙ୍କର ଶିଷ୍ୟମାନଙ୍କର ମଧ୍ୟରେ ଲହଣା ଥିଲେ ଜଣେ ସେବକ ଥିଲେ । ଯେତେବେଳେ ତାଙ୍କର ପାଳି ପଡ଼ିଲା, ସେ କହିଲେ, 'ଗୁରୁଦେବ ! ମୋର ଏକମାତ୍ର ଅଭିଳାଷ ହେଉଛି ଯେ ମୁଁ ସଦା ଗୁରୁଭାଇ ଓ ଅନ୍ୟମାନଙ୍କର ସେବା ସତ୍କାରରେ ଲାଗି ରହିଥିବି ।

ଉତ୍ତର ଶୁଣି ଗୁରୁ ଗଦ୍‌ଗଦ୍ ହୋଇଗଲେ । ଲହଣାକୁ କୋଳାଗ୍ରତ କରି କହିଲେ, 'ବତ୍ସ ! ତୁମେ ମୋର ଉତ୍ତରାଧିକାରୀ ହେବାପାଇଁ ସବୁଠାରୁ ଯୋଗ୍ୟ ଅଟ । ମାନବର ସେବା ହିଁ ଶ୍ରେଷ୍ଠ ଅଟେ । ମାନବତାରୁ ବଳି ଅନ୍ୟ କୌଣସି ସେବା ନାହିଁ ।'

ଆମ ଦେଶର ସବୁଠାରୁ ପୁରୁଣା ଆଧ୍ୟାତ୍ମିକ ଅନୁଷ୍ଠାନ ହେଉଛି ଗୁରୁ ପରମ୍ପରା । ଈଶ୍ୱର, ଗୁରୁ ଓ ଉପାସକ ଉପରକୁ ଅଲଗା ଅଲଗା ମନେ ହେଉଥିଲେ ମଧ୍ୟ ପ୍ରକୃତରେ ସେମାନେ ଅଭିନ୍ନ । ସଦ୍‌ଗୁରୁଙ୍କ ଉପରେ ବିଶ୍ୱାସ ରଖିବା ଯାହା ଈଶ୍ୱରଙ୍କ ଉପରେ ଆସ୍ଥା ରଖିବା ସେଇଆ । ଗୁରୁ ପରମ୍ପରା

Source: Author, Digitized by PPRACHIN, SOA

ଅନୁଯାୟୀ ଯେତେବେଳେ ଜଣେ ଶିଷ୍ୟ କୌଣସି ମହତ୍‌କାର୍ଯ୍ୟ ଓ ଦାୟିତ୍ୱ ତୁଲାଇବା ପାଇଁ ଉପଯୁକ୍ତ ବିବେଚିତ ହୁଅନ୍ତି, ଗୁରୁଦେବ ପୂର୍ବନାମ ବା ପିତାମାତା ଦେଇଥିବା ନାମକୁ ବଦଳାଇ ଏକ ନୂଆ ନାମ ଦେଇଥାନ୍ତି । ଗୁରୁଙ୍କ ଦ୍ୱରା ଦିଆ ଯାଇଥିବା ନୂଆ ନାମ ପ୍ରେରଣା ଦେବା ସହିତ ପୁରୁଣା ବନ୍ଧନ ସବୁକୁ ଛିନ୍ନ କରେ । ଶିଷ୍ୟ ନୂତନ ଜନ୍ମ ଲାଭ କରେ । ଗୁରୁ ନାନକ ଶିଷ୍ୟ ଲହଣାର ନାମ ରଖିଥିଲେ ଅଙ୍ଗଦ । ନୂତନ ନାମ ସହିତ ଗୁରୁଦେବ ତାଙ୍କୁ ନିଜର ଉତ୍ତରାଧିକାରୀ ଭାବେ ନିଯୁକ୍ତ କରିଥିଲେ ।

●

ଆଖି ନାହିଁ ସିନା ଲୁହ ଅଛି

ଆଜିକାଲି ଦେଶରେ ଅନେକ ସେବା ପ୍ରଶିକ୍ଷଣ ଶିବିର ଚାଲୁଅଛି । ଏକଦା ଏହିପରି ଏକ ଶିବିରରେ ହୋଶିଆର ନାମକ ଜନ୍ମରୁ ଅନ୍ଧଥିବା ଜଣେ ତରୁଣୀ ଭାଗ ନେଇଥିଲେ । ଶିବିରର ଉଦ୍‌ଘାଟନ ଦିବସ ଉପଲକ୍ଷେ ଅନେକ ପତ୍ରକାରଙ୍କୁ ଡକାଯାଇଥିଲା । ଶିବିରର ପରିଚାଳକ ସେବାବ୍ରତୀ ଓ ସାମ୍ବାଦିକ ବନ୍ଧୁଙ୍କ ମଧ୍ୟରେ ଆଳାପ ଆଲୋଚନାର ବ୍ୟବସ୍ଥା କରିଥିଲେ ।

ବାର୍ତ୍ତାଳାପ କରିବା ଅବସରରେ ଜଣେ ପତ୍ରକାର ସେହି ଅନ୍ଧୁଣୀ ଝିଅଟିକୁ ପଚାରିଲେ, ଭଉଣି ! ଆପଣ ତ ଅନ୍ଧୁଣୀ, କି ସେବା ବା କରିପାରିବେ ? ‘ଯୁବକ ପତ୍ରକାରଙ୍କ ସ୍ୱର କିଞ୍ଚିତ ଉଦାସ ଥିଲା । ପତ୍ରକାରଙ୍କୁ ତୁରନ୍ତ ପ୍ରଶ୍ନର ଉତ୍ତର ମିଳିଯାଇଥିଲା । ଝିଅଟି କହିଥିଲା, ‘ଭାଇ ! ଆମେ ସମସ୍ତେ ନିଜ ନିଜର ସୀମା ମଧ୍ୟରେ ରହି ମଧ୍ୟ ପ୍ରତ୍ୟେକ ନିଜନିଜର କାର୍ଯ୍ୟ କରିପାରିବା । ଅବଶ୍ୟ ମୁଁ ମୋର ସୀମା ସମ୍ପର୍କରେ ଅବଗତ ଅଛି । ଏହି ଅନୁଯାୟୀ ମୁଁ ମୋର କାର୍ଯ୍ୟକ୍ଷେତ୍ର ସ୍ଥିର କରି ନିସଙ୍କୋଚରେ କାମ କରିବି ଓ ଯଶଃ ମଧ୍ୟ ଅର୍ଜନ କରିପାରିବି ।’ ନିଜର ଉତ୍ତର ଶେଷ କରିବାକୁ ଯାଇ ଝିଅଟି ଅତ୍ୟନ୍ତ ମର୍ମସ୍ପର୍ଶୀ ଭାଷାରେ ଉତ୍ତର ଦେଲା – ‘ଭାଇ ! ମୋର ଆଖି ନାହିଁ ସିନା, ଲୁହ ତ ଅଛି !’

●

Source: Author, Digitized by PPRACHIN, SOA

ବାସ୍ତବ ଧର୍ମ

ସମୟର ଆବଶ୍ୟକତାକୁ ଚାହିଁ ଯେଉଁ ବ୍ୟକ୍ତି ନିଜକୁ ପରିବର୍ତ୍ତନ କରି ଲୋକଙ୍କର କାମରେ ଲାଗିପାରେ ତା'ଠାରୁ ବଳି ପରୋପକାରୀ ବ୍ୟକ୍ତି କେହି ନାହାଁନ୍ତି । ବିପଦ ବେଳେ ଅନ୍ୟର ସାହାଯ୍ୟରେ ଆସିବାର ସୁଯୋଗଟିଏ ଆସିଥିଲା ନୀତିନିଷ୍ଠ ବ୍ରାହ୍ମଣ ଆଚାର୍ଯ୍ୟ ହଜାରୀ ପ୍ରସାଦ ଦ୍ୱିବେଦୀଙ୍କ ଭାଗ୍ୟରେ । କଥା ଓ କାମରେ ମେଳ ରଖୁଥିବା ଆଚାର୍ଯ୍ୟ ମହାଶୟ ସେ ସୁଯୋଗକୁ ହାତଛଡା କରିନଥିଲେ । ବିବେକର ଆହ୍ୱାନରେ ନିଜର କର୍ତ୍ତବ୍ୟ ପାଳନରେ ଟିକିଏ ହେଲେ ବି ତ୍ରୁଟି କରିନଥିଲେ ।

ଦିନକର ଘଟଣା । ଆଚାର୍ଯ୍ୟ ମହାଶୟ ନିଜ ଗାଁ ଗହୀରରେ ବୁଲାବୁଲି କରି ଫସଲ କିପରି ହୋଇଛି ଦେଖି ଫେରୁଥାନ୍ତି । ପାଖ ବିଲରୁ ଏକ ବେଦନା ଭରା ଚିତ୍କାର ଭାସିଆସି କାନରେ ବାଜିଲା । ବୁଝିବାକୁ ବାକି ରହିଲା ନାହିଁ ଯେ ଏହି ଆକୁଳ ସ୍ୱର ବିପଦରେ ପଡିଥିବା କୌଣସି ସ୍ତ୍ରୀଲୋକର ଅଟେ । ଆଚାର୍ଯ୍ୟଜୀ ତତ୍‌କ୍ଷଣାତ୍ ଦଉଡ଼ି ଯାଇ ଘଟଣାସ୍ଥଳରେ ପହଞ୍ଚିଗଲେ । ଜାଣିବାକୁ ପାଇଲେ ଯେ ସ୍ତ୍ରୀଲୋକଟିର ଗୋଡ଼କୁ ବିଷାକ୍ତ ସାପଟିଏ କାମୁଡି ଦେଇଛି । ବିଷ ସାରା ଦେହକୁ ଯେପରି ଖେଳି ନଯାଏ ଦଂଶନର ଉପରିଭାଗକୁ ଜୋରକରି ବାନ୍ଧିବା ଦରକାର । ଏପଟ ସେପଟ ଖୋଜିଲା ପରେ ବି ଦଉଡ଼ିଟିଏ ମିଳିଲାନାହିଁ । ହେଳା କଲେ ଭେଳା ବୁଡିଯିବ । ଆଚାର୍ଯ୍ୟ ମହାଶୟ ତୁରନ୍ତ ନିଜର ଯଜ୍ଞ ଉପବୀତ କାଢ଼ି ତହିଁରେ ସ୍ତ୍ରୀଲୋକଟିର ଗୋଡ଼କୁ ବାନ୍ଧିଦେଲେ । ପୁଣି ଦଂଶନ କ୍ଷତକୁ ସେହି ସ୍ତ୍ରୀଲୋକର ଦାଆ ସାହାର୍ଯ୍ୟରେ କଣା କରି ଦବେଇ ଦବେଇ ବିଷମିଶା ରକ୍ତସବୁ ବାହାର କରିପକାଇଲେ । ସେତେବେଳକୁ ଅନ୍ୟଲୋକମାନେ ମଧ୍ୟ ଆସି ପହଞ୍ଚି ଯାଇଥିଲେ । ଠିକ୍ ସମୟରେ ଉଚିତ ପଦକ୍ଷେପ ନେଇଥିବାରୁ ସ୍ତ୍ରୀଲୋକଟି ବଞ୍ଚିଗଲା ।

Source: Author, Digitized by PPRACHIN, SOA

ପଇତା କାଢ଼ି ସ୍ତ୍ରୀଲୋକର ଗୋଡ଼କୁ ବାନ୍ଧିବା ଖବର ଗାଁ ଲୋକଙ୍କ ପାଖରେ ପହଞ୍ଚିଗଲା । କଥାରେ ଅଛି ତୁଣ୍ଡବାଇଦ ସଦସ୍ର କୋଶ । କିଛି ଲୋକ ଛିଛାକର କଲେ । କେତେକ ସଂକୀର୍ଣ୍ଣମନା ଲୋକ ତାଚ୍ଛଲ୍ୟ କରି କହିଲେ ଯେ ଜଣେ ନୈଷ୍ଠିକ ବ୍ରାହ୍ମଣ ହୋଇ ମଧ୍ୟ ଆଚାର୍ଯ୍ୟ ମହାଶୟ ନିଜର ପବିତ୍ର ଉପବୀତ ଦ୍ୱାରା ଜଣେ ଅଛବ ସ୍ତ୍ରୀଲୋକର ଗୋଡ଼କୁ ବାନ୍ଧି ମର୍ଯ୍ୟାଦାର ସୀମା ଟପିଛନ୍ତି ।

ମାତ୍ର ଆଚାର୍ଯ୍ୟ ମହାଶୟ କୌଣସି କଥାକୁ ଖାତିର ନକରି କହିଲେ, "ମାନବର ପ୍ରକୃତ ଧର୍ମ ହେଉଛି ବିପଦରେ ପଡ଼ିଥିବା ଲୋକକୁ ସାହାଯ୍ୟ କରିବା ସହ ତାର ଜୀବନ ରକ୍ଷା କରିବା । ମାନବସେବା ମାଧବର ସେବା । ଏକ ଈଶ୍ୱରଙ୍କ ସୃଷ୍ଟିରେ ଛୁଆଁ-ଅଛୁଆଁ ଉଚ୍ଚ-ନୀଚ ଭେଦଭାବର ପ୍ରଶ୍ନ ଉଠୁନାହିଁ ।"

ଜାଣିବା ଶୁଣିବା ଲୋକେ ଆଚାର୍ଯ୍ୟ ମହାଶୟଙ୍କୁ ପ୍ରଶଂସାରେ ପୋତି ପକାଇଲେ । ସେମାନଙ୍କର ଆଚାର୍ଯ୍ୟଙ୍କ ପ୍ରତି ଥିବା ସମ୍ମାନଭାବ ଆହୁରି ବଢ଼ିଗଲା । ଆଚାର୍ଯ୍ୟ ମହାଶୟ ଉଚିତ ମାର୍ଗ ବାଛିନେଇ ତହିଁରେ ଆଗେଇ ଗଲେ ବୋଲି ମାନବ ଜୀବନକୁ ସଫଳ କରି ପାରିଥିଲେ ।

●

ସମାଜର ମଙ୍ଗଳପାଇଁ ନରକ ମଧ୍ୟ ସ୍ୱୀକାର

ପଣ୍ଡିତ ମଦନମୋହନ ମାଲବ୍ୟଙ୍କୁ କିଏ ବା ନଜାଣେ ? ସେ ଥିଲେ ତାଙ୍କ ସମୟର ଜଣେ ଶ୍ରେଷ୍ଠ ପୁରୁଷ । ୧୮୬୧ ମସିହା ଡିସେମ୍ବର ୨୫ ତାରିଖରେ ଉତ୍ତର ପ୍ରଦେଶର ପ୍ରୟାଗଠାରେ ସେ ଜନ୍ମ ଗ୍ରହଣ କରିଥିଲେ । ସେ ଯେପରି ଜ୍ଞାନୀ ଥିଲେ ସେହିପରି ଜଣେ ସୁବକ୍ତା ମଧ୍ୟ ଥିଲେ । ଏହି ମହାନ୍ ଦେଶଭକ୍ତ, ସ୍ୱାଧୀନତା ସଂଗ୍ରାମୀ ନୀତିନିଷ୍ଠ ଧର୍ମଜ୍ଞ ବ୍ୟକ୍ତି ମଧ୍ୟ ଜଣେ ସମାଜ ସଂସ୍କାରକ ଥିଲେ । ଅସ୍ପୃଶ୍ୟତା ବା ଛୁଆଁ-ଅଛୁଆଁ ଭେଦଭାବ ଓ ମଦ୍ୟପାନ ବିରୁଦ୍ଧରେ ସେ ଜୋରଦାର୍ ସଂଗ୍ରାମ କରିଥିଲେ । ସମାଜର କୁସଂସ୍କାର ଦୂର କରିବା ନିମନ୍ତେ ସେ ପ୍ରାଣପଣେ ଚେଷ୍ଟା କରିଥିଲେ ।

ମାଲବ୍ୟଜୀ ହରିଜନମାନଙ୍କୁ ହିନ୍ଦୁ ଧର୍ମର ଅବିଚ୍ଛେଦ୍ୟ ଅଙ୍ଗଭାବରେ ପ୍ରତିଷ୍ଠିତ କରିବା ପାଇଁ ଚାହିଁଥିଲେ । ଏଥିନିମନ୍ତେ ସେ ହରିଜନମାନଙ୍କୁ ମନ୍ତ୍ରଦୀକ୍ଷା ସମ୍ବନ୍ଧରେ କାଶୀ ତଥା ଦେଶର ଅନ୍ୟଭାଗରେ ଥିବା ପଣ୍ଡିତମଣ୍ଡଳୀକୁ ନିମନ୍ତ୍ରଣ କରି ଏକ ବିରାଟ ସଭାର ଆୟୋଜନ କରିଥିଲେ ।

Source: Author, Digitized by PPRACHIN, SOA

ଓରିଏଣ୍ଟାଲ୍ କଲେଜ ହଲରେ ସଭାଟି ଅନୁଷ୍ଠିତ ହୋଇଥିଲା । ସଭାର କାର୍ଯ୍ୟକ୍ରମ ଆରମ୍ଭ କରିବା ଅବସରରେ ବିଦ୍ୱାନମାନଙ୍କୁ ସମ୍ବୋଧିତ କରି ମାଲବ୍ୟଜୀ ହରିଜନମାନଙ୍କୁ ଧାର୍ମିକ ସୁବିଧା ସୁଯୋଗ ପ୍ରଧାନ କରିବା ପାଇଁ ଅନୁରୋଧ କରିଥିଲେ । ସେ ମତବ୍ୟକ୍ତି କରିଥିଲେ ଯେ ଏହା ଫଳରେ ହରିଜନ ଭାଇମାନେ ହିନ୍ଦୁଧର୍ମର ମୁଖ୍ୟସ୍ରୋତରେ ସାମିଲ ହେବେ । ସେମାନେ ନିଜକୁ ମହାନ ହିନ୍ଦୁଧର୍ମର ଅଙ୍ଗ ବୋଲି ବିଚାର କଲେ ସମାଜମଙ୍ଗଳ ତଥା ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କର ସହଯୋଗ ମଧ୍ୟ ମିଳିବ । ସମାଜ ତଥା ଦେଶ ମଜଭୁତ ହେବ । ଯୁଗଧର୍ମକୁ ବିଚାରକୁ ନେଇ ପଣ୍ଡିତମାନେ ଉଚିତ ପନ୍ଥା ଗ୍ରହଣ କରିବେ । ବୋଲି ସେ ପଣ୍ଡିତମାନଙ୍କୁ ଆହ୍ୱାନ ଦେଇଥିଲେ ।

ମାଲବ୍ୟଜୀଙ୍କ ପରି ଧର୍ମପରାୟଣ ବ୍ୟକ୍ତିଙ୍କ ପରାମର୍ଶ ଶୁଣି ସ୍ତବ୍‌ଧ ହୋଇଗଲା । କଟ୍ଟରପନ୍ଥୀ ପଣ୍ଡିତମାନେ ପ୍ରସ୍ତାବର ଘୋର ବିରୋଧ କଲେ । ସବୁ ପ୍ରକାର ସୌଜନ୍ୟର ସୀମା ଅତିକ୍ରମ କରି ସେମାନେ ମାଲବ୍ୟଜୀଙ୍କୁ ଧିକ୍‌କାର କରି ଶୁଣାଇଥିଲେ ଯେ ଏପରି କାର୍ଯ୍ୟ ପାଇଁ ଆପଣ ନର୍କଗାମୀ ହେବେ । ମାତ୍ର ମହାମନା ମାଲବ୍ୟଜୀ ହସି ହସି ଉତ୍ତର ଦେଇଥିଲେ, "ଯଦି ହିନ୍ଦୁଧର୍ମର ଏକତା ପାଇଁ ମତେ ଥରେ ନୁହେଁ, ହଜାରବାର ନର୍କଗାମୀ ହେବାକୁ ପଡ଼େ, ତେବେ ମୁଁ ସେହି କଷ୍ଟ ହସି ହସି ସହିବାକୁ ପ୍ରସ୍ତୁତ ଅଛି ।"

ଏହି ମହାନ୍ କାର୍ଯ୍ୟରେ ଦୃଢ଼ମନା ପଣ୍ଡିତଜୀଙ୍କୁ ସମର୍ଥନ କରିଥିଲେ ସେ ସମୟର ଅନ୍ୟତମ ମହାନ୍ ବିଦ୍ୱାନ ମହାମହୋପାଧ୍ୟାୟ ପଣ୍ଡିତ ପ୍ରାଣନାଥ ତର୍କଭୂଷଣ ।

ଏବେ ବି ଅସ୍ପୃଶ୍ୟତା ସମ୍ପୂର୍ଣ୍ଣ ଭାବରେ ଦୂର ହୋଇନାହିଁ । ନେତାମାନଙ୍କର ଜାତିଆଣ ମନୋବୃତ୍ତି ଓ ଲୋକଙ୍କୁ ଭାଗ ଭାଗ କରି କ୍ଷମତା ଦଖଲ କରିବାର ଅପଚେଷ୍ଟା ଯୋଗୁଁ ଦଳିତମାନେ ମଧ୍ୟ ସମାଜ ତଥା ହିନ୍ଦୁଧର୍ମର ମହାନ୍ ଅଙ୍ଗ ହିସାବରେ ପ୍ରତିଷ୍ଠିତ ହୋଇପାରିନାହାନ୍ତି । ସମାଜର କିଛି ବଡ଼ବଡ଼ିଆ ଲୋକ ସମାଜକୁ ସୁଦୃଢ଼ କରିବାରେ ବାଧକ ସାଜୁଛନ୍ତି କହିଲେ ଭୁଲ୍ ହେବନାହିଁ ।

●

Source: Author, Digitized by PPRACHIN, SOA

ହିନ୍ଦୁ ଦୃଷ୍ଟିକୋଣ

ଡିସେମ୍ବର ୧୯୭୮ ମସିହାର ଘଟଣା । କନ୍ୟାକୁମାରୀସ୍ଥିତ ବିବେକାନନ୍ଦ କେନ୍ଦ୍ରରେ କାର୍ଯ୍ୟ କରୁଥିବା ଜଣେ ବୃଦ୍ଧ ସ୍ୱୟଂସେବକ ଅଗ୍ନି ଦୁର୍ଘଟଣାରେ ଆହତ ହୋଇଥିଲେ । ଚିକିତ୍ସା ପାଇଁ ତାଙ୍କୁ ତୁରନ୍ତ ନଗରକୋଇଲିସ୍ଥିତ ମିସନାରୀ ଡାକ୍ତରଖାନାକୁ ଅଣାଗଲା । ଶଲ୍ୟ ଚିକିତ୍ସା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲା । ସେବାରେ ନିଯୁକ୍ତ ଥିବା ନର୍ସ ପ୍ରଭୁ ଯିଶୁଙ୍କୁ ପ୍ରାର୍ଥନା କରିବା ପରେ ରୋଗୀଙ୍କୁ ସେପରି କରିବା ପାଇଁ ଉପଦେଶ ଦେଲେ । ମାତ୍ର ପୀଡ଼ିତ ସ୍ୱୟଂସେବକ ଜଣକ ଶାନ୍ତ ଭାବରେ ଉତ୍ତର ଦେଲେ- 'ହଁ, କୌଣସି ଆପତ୍ତି ନାହିଁ, ଆପଣ ଯେପରି ଯୀଶୁଙ୍କୁ ପ୍ରାର୍ଥନା କରୁଛନ୍ତି, ଠିକ୍ ସେହିପରି ଭାବରେ ମୁଁ ମୋର ପ୍ରଭୁ ଶ୍ରୀରାମଙ୍କୁ ପ୍ରାର୍ଥନା କରିବି ।'

ନର୍ସ ଆଶ୍ଚର୍ଯ୍ୟ ହୋଇ ରହିଗଲେ । ସେ ପ୍ରତିବାଦ କରି କହିଲେ, 'ନା ନା ଏପରି ସମୟରେ, ଯେତେବେଳେ କାଳ ତୁମ ମୁଣ୍ଡ ଉପରେ ଚକର କାଟୁଛି, କେବଳ ଆମ୍ଭମାନଙ୍କର ଯୀଶୁ ହିଁ ତୁମର ପ୍ରାଣରକ୍ଷା କରିପାରିବେ, ଅନ୍ୟ କୌଣସି ପ୍ରଭୁ ସେପରି କରିପାରିବେ ନାହିଁ ।' ବୃଦ୍ଧ ଜଣକ ସାରା ଶରୀରରେ ଅସହ୍ୟ ଜ୍ୱଳନ ଓ ତୀବ୍ର ଯନ୍ତ୍ରଣା ଅନୁଭବ କରୁଥିଲେ । ତଥାପି ସେହି ସଙ୍କଟଜନକ ପରିସ୍ଥିତିରେ ମଧ୍ୟ ଧୈର୍ଯ୍ୟ ନ ହରାଇ ସେ କହିଲେ, 'ଦେଖ, ଏଠାରେ ଡାକ୍ତର ହିଁ ଆମର ମିତ୍ର । ଘରେ ପିଲାମାନେ ତାଙ୍କୁ ଡାଡ଼ି ବୋଲି ଡାକନ୍ତି । ପତ୍ନୀ ଅତି ଆଦରରେ ପ୍ରେମ ଭରା ନାମରେ ସମ୍ବୋଧନ କରନ୍ତି, ଭାଇ ଓ ଭଉଣୀ ନାମ ଧରି ଡାକନ୍ତି । ମୋ ଭଳି ରୋଗୀ ତାଙ୍କୁ ଡାକ୍ତର ବୋଲି କୁହନ୍ତି । ସମସ୍ତେ ତ ତାଙ୍କୁ ଡାକ୍ତର ବୋଲି ସମ୍ବୋଧନ କରନ୍ତି ନାହିଁ ? ବ୍ୟକ୍ତି ସିନା ଏକ, ହେଲେ ଯେପରି ସମ୍ବନ୍ଧ ସେପରି ସମ୍ବୋଧନ । ଏହି ସ୍ଥିତି ଈଶ୍ୱରଙ୍କ ନିକଟରେ ବି ସତ୍ୟ । ଆମ ସମସ୍ତଙ୍କ ଈଶ୍ୱର ତ ଏକ ଅଟନ୍ତି, ମାତ୍ର ବିଭିନ୍ନ ନାମରେ ଆମେ ଡାକୁଛେ । ଗୋଟିଏ ନାମ ପ୍ରତି ଏତେ ଆଗ୍ରହ କାହିଁକି ?'

ବୃଦ୍ଧଙ୍କ କଥାଶୁଣି ନର୍ସଙ୍କ ପାଟିରୁ କଥା ବାହାରିଲା ନାହିଁ । ବୃଦ୍ଧଙ୍କ ଯୁକ୍ତି ତ ଅକାଟ୍ୟ । କି ମହାନ୍ ଅନୁଭବ । ସେତେବେଳେ ରୋଗୀଙ୍କୁ ବେହୋସ କରିବା ପାଇଁ ନିଶ୍ଚେତକ ବିଶେଷଜ୍ଞ ପ୍ରସ୍ତୁତ ହୋଇସାରିଥିଲେ । ସେ ଥିଲେ ପଶ୍ଚିମ ଜର୍ମାନୀର ମିସନାରୀ ଡାକ୍ତର । ରୋଗୀଙ୍କ ସମ୍ବୋଧନ କରି ସେ କହିଲେ, 'ଈଶ୍ୱରଙ୍କ ପ୍ରତି ଏପରି ଦୃଷ୍ଟିକୋଣ ମୁଁ ପ୍ରଥମ ଥର ପାଇଁ ଶୁଣୁଚି । ଏ ବିଷୟରେ ଆପଣଙ୍କ ବିଚାର ବେଶ୍ ଗୁରୁତ୍ୱପୂର୍ଣ୍ଣ । ଆପଣ ଆଗେ ଭଲ ହୋଇଯାନ୍ତୁ, ତା'ପରେ ଚର୍ଚ୍ଚା କରିବା ।

Source: Author, Digitized by PPRACHIN, SOA

ଏବେ କିଛି ଚିନ୍ତା କରନ୍ତୁ ନାହିଁ । ଆପଣଙ୍କ ଭାବନା ଅନୁସାରେ ପ୍ରାର୍ଥନା କରନ୍ତୁ । ଈଶ୍ୱରଙ୍କ କୃପାରୁ ଶଲ୍ୟ ଚିକିତ୍ସା ସଫଳ ହେଲା । ଦୃଢ଼ ମନୋବଳ ହେତୁ ବୃଦ୍ଧ ସ୍ୱୟଂସେବକ ଜଣକ ମଧ୍ୟ ଶୀଘ୍ର ସୁସ୍ଥ ହୋଇ ଯାଇଥିଲେ ।

ଆତ୍ମବିଶ୍ୱାସ ଓ ଦୃଢ଼ ମନୋବଳ ଆଗରେ ପାହାଡ଼ର ଉଚ୍ଚତା ବି ଛୋଟ ହୋଇଯାଏ ।

●

ଧର୍ମ ଓ ପରମ୍ପରା

ଇଂରେଜ ଶାସନ ସମୟର କଥା । ସେତେବେଳେ ଭାଇସରାୟ ଥିଲେ ଲର୍ଡ କର୍ଜନ । ଏକଦା ଭାଇସରାୟଙ୍କ ସହିତ କେରଳ ରାଜ୍ୟ ଅନ୍ତର୍ଗତ ଟ୍ରାଭାଙ୍କୋର ମହାରାଜା ଶ୍ରୀମ୍ୟଳମ୍ ବର୍ମା ଯାତ୍ରା କରୁଥିଲେ । ପଥରେ ଥିରୁଅନନ୍ତପୁରମ୍‌ର ପବିତ୍ର ମନ୍ଦିର ପଡିଲା । ମହାରାଜା ଜୋତା ଖୋଲି ମନ୍ଦିର ସମ୍ମୁଖରେ ଠିଆ ହୋଇ ପ୍ରଣାମ କଲେ ।



ରାଜାଙ୍କର ପ୍ରଣିପାତ କରିବାର ଦେଖି ଭାଇସରାୟ ସାହେବ କହିଲେ, 'ଏହା କ'ଣ ସେହି ସ୍ଥାନ ଯେଉଁଠାରେ ପାଖଣ୍ଡମାନେ ପ୍ରାର୍ଥନା କରନ୍ତି ? ଆଳସ୍ୟପରାୟଣ ବ୍ରାହ୍ମଣମାନଙ୍କୁ ପେଟଭରି ଖାଦ୍ୟ ଯୋଗାଉଥିବା ସ୍ଥାନ ଏହା ନୁହେଁ କି ?" ମହାରାଜା କିଛି ନକହି ନୀରବ ରହିଲେ ।

ରାଜମହଲକୁ ଫେରି ମହାରାଜା ସନ୍ଦେଶ ପ୍ରେରଣ କଲେ "ଭାୟସରାୟଙ୍କ ସହିତ ସ୍ଥିର ହୋଇଥିବା ସମସ୍ତ କାର୍ଯ୍ୟକ୍ରମରୁ ମୁଁ ନିଜକୁ ମୁକ୍ତ କରୁଅଛି ।" ଏପରି ପଦକ୍ଷେପ ଖୁବ୍ କଠୋର ଥିଲା । ସେ ସମୟ ଏପରି ଥିଲା ଯେ ସିଂହାସନ ହରାଇବାର ମଧ୍ୟ ସମ୍ଭାବନା ଥିଲା । ମାତ୍ର ନିଜ ଧର୍ମ ସଂସ୍କୃତି ଉପରେ କରାଯାଇଥିବା ପ୍ରହାର ଅସହନୀୟ ଥିଲା । ଦୃଢ଼ମନା ମହାରାଜା ଯେକୌଣସି ପ୍ରକାର ପରିସ୍ଥିତିର ସାମ୍ନା କରିବାକୁ ସ୍ଥିର କରି ଏପରି ଦୃଢ଼ ପଦକ୍ଷେପ ଗ୍ରହଣ କରିଥିଲେ ।

Source: Author, Digitized by PPRACHIN, SOA

ପରିସ୍ଥିତିର ଗମ୍ଭୀରତାକୁ ବୁଝିପାରିଥିଲେ ଭାଇସରାୟ ସାହେବ । ସମ୍ବେଦନଶୀଳ ସ୍ଥିତି ଉପରେ ପୂର୍ଣ୍ଣଚ୍ଛେଦ ପକାଇବା ନିମନ୍ତେ ସେ ଦୁଃଖ ପ୍ରକାଶ କରିଥିଲେ । ପଦ ପଦବୀ ବଡ଼ କଥା ନୁହେଁ, ବଡ଼ ହେଉଛି ମାନ ମହତ୍ । ମହତ ଲୋକଙ୍କ ପାଇଁ ମାନ ହେଉଛି ବଡ଼ ସମ୍ପଦ । ପରମ୍ପରା ମନୁଷ୍ୟ ଜୀବନର ସବୁଠୁ ବଡ଼ ମାର୍ଗଦର୍ଶକ । ନିଜର ଧର୍ମ ପରମ୍ପରା ପ୍ରତି ଶ୍ରଦ୍ଧା ଓ ନିଷ୍ଠା ରହିଥିବାରୁ ମହାରାଜାଙ୍କୁ ଏବେ ବି ଲୋକେ ମନେପକାଉଛନ୍ତି । ଯଥାର୍ଥରେ ଗୋପବନ୍ଧୁ ଗାଇଛନ୍ତି-

ଧର୍ମ ଏକା ସିନା ମହତପଣିଆ
ଆଉ ସବୁକଥା ଅଢ଼େଇଦିନିଆ ।

●

ଶ୍ରେଷ୍ଠ ଆଚରଣରୁ ସଦ୍‌ଗତି

ସନ୍ଥ କବୀର ଜଣେ ମହାନ୍ ଆତ୍ମା ଥିଲେ । ଜନ୍ମ ହେଲେ ଦିନେ ନା ଦିନେ ସଂସାର ଛାଡ଼ିବାକୁ ପଡ଼ିବ । ସନ୍ଥ କବୀରଙ୍କ ଶେଷ ସମୟ ଆସି ଉପଗତ ହେଲା । ସେ ତାଙ୍କର ପ୍ରିୟ ଶିଷ୍ୟ ମାନଙ୍କୁ ଡାକି କହିଲେ- 'ମୋର ଶେଷ ଇଚ୍ଛା ଯେ ମୁଁ 'ମଗହର'ରେ ଶେଷ ନିଶ୍ୱାସ ତ୍ୟାଗ କରିବି । ମତେ ଶୀଘ୍ର ସେଠାକୁ ନେଇଚାଲ ।" ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହେଇଗଲେ । କାରଣ, ମରିବା ସମୟରେ ଲୋକେ କାଶୀ ଆସିଥାନ୍ତି । ମାତ୍ର ଗୁରୁଜୀ କାଶୀ ପରିବର୍ତ୍ତେ 'ମଗହର' ପରି ଏକସାଧାରଣ ସ୍ଥାନକୁ ଯିବାକୁ ଚାହୁଁଛନ୍ତି ।" ସନ୍ଥ କବୀର ଶିଷ୍ୟମାନଙ୍କର କୌତୂହଳ ଦୂର କରିବା ପାଇଁ କହିଲେ- 'କାଶୀରେ ଦେହତ୍ୟାଗ କରି ମୁଁ ଯଦି ସ୍ୱର୍ଗ ଲାଭ କରିବି, ତେବେ ଏହାକୁ କାଶୀଧାମର ମହିମା ବୋଲି କୁହାଯିବ ଓ ମୁଁ ଯେଉଁ ଘରଟି ତିଆରି କରିଛି ତାର କୌଣସି ମୂଲ୍ୟ ନାହିଁ ବୋଲି ଧରାଯିବ । ଲୋକଙ୍କ ମନରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ମୋର ମଗହରରେ ହିଁ ପ୍ରାଣ ଛାଡ଼ିବା ଭଲ ହେବ । ଲୋକଙ୍କର ଧ୍ୟାନ ଆକର୍ଷିତ ହେବା ଦରକାର ଯେ କବୀର ଏହିପରି ସ୍ଥାନରେ ପ୍ରାଣତ୍ୟାଗ କଲେ, ଯେଉଁଠାରେ ପ୍ରାଣତ୍ୟାଗ କଲେ

Source: Author, Digitized by PPRACHIN, SOA

ଲୋକଙ୍କର ଅଧୋଗତି ହୁଏ । ମାତ୍ର କବୀରଙ୍କର କର୍ମ ଏତେ ପବିତ୍ର ଥିଲା ଯେ ପରମ ପିତା ପରମେଶ୍ୱର ତାଙ୍କ ଭକ୍ତକୁ ସେଠାରେ ବି ସଦ୍‌ଗତି ପ୍ରଦାନ କରିଥିବେ ।

ନାମ ବଡ଼ ନୁହେଁ କାମ ବଡ଼, ଧ୍ୟାନ ବଡ଼ ନୁହେଁ ପ୍ରେମ ବଡ଼ । କର୍ମରେ ହିଁ ଆତ୍ମାକୁ ଅଧିକ ଆନନ୍ଦ ମିଳେ । ଆତ୍ମାର ତୃପ୍ତି ପାଇଁ ଲୋଡ଼ା ଈଶ୍ୱର ବିଶ୍ୱାସ ଓ ପ୍ରାର୍ଥନା ।

●

କିଏ ଠାଏ ବସୁ କିଏ ଦେଶ ସାରା ବୁଲୁ

ଶିଖ ମତପନ୍ଥର ପ୍ରତିଷ୍ଠାତା ହେଉଛନ୍ତି ଗୁରୁନାନକ ଦେବ । ଗୁରୁଜୀ ଯାହା ବାସ୍ତବ ତା' ଉପରେ ଜୋର ଦେଉଥିଲେ । ହିନ୍ଦୁଧର୍ମର କୁସଂସ୍କାରଗୁଡ଼ିକ ବିରୁଦ୍ଧରେ ଆଲୋକପାତ କରିଥିଲେ । ତାଙ୍କର ବାଣୀ ଗୁରୁ ଗ୍ରନ୍ଥସାହେବରେ ଲିପିବଦ୍ଧ ହୋଇଅଛି । କେବଳ ଶିଖ ନୁହନ୍ତି, ହିନ୍ଦୁମାନେ ମଧ୍ୟ ତାଙ୍କୁ ମହାପୁରୁଷ ଭାବେ ସମ୍ମାନ ପ୍ରଦର୍ଶନ କରନ୍ତି ।

ଦିନେ ଗୁରୁ ନାନକ ଦେବ ନିଜର ଯାତ୍ରା ଅବସରରେ ଗୋଟିଏ ଗାଁରେ ଯାଇ ପହଞ୍ଚିଲେ । ତାଙ୍କ ସହିତ ଶିଷ୍ୟ ମର୍ଦ୍ଦନା ବି ଥିଲେ । ସେ ଗାଁର ଲୋକ ଅସଭ୍ୟ ଓ ଦୁଷ୍ଟ ପ୍ରକୃତିର ଥିଲେ । ସେମାନେ ଗୁରୁଜୀଙ୍କ ସହିତ ଭଲ ବ୍ୟବହାର କଲେନାହିଁ । ଉକ୍ତ ଗାଁରୁ ବିଦାୟ ନେଲାବେଳେ ଗୁରୁ ନାନକ ଦେବ କହିଲେ - ମୁଁ କାମନା କରୁଛି ଯେ ଏହି ଗାଁର ଲୋକେ ସର୍ବଦା ଏହି ଗାଁରେ ହିଁ ବସବାସ କରନ୍ତୁ । ଗୁରୁ ନାନକ ଅନ୍ୟ ଏକ ଗାଁରେ ପହଞ୍ଚିଲେ । ସେ ଗାଁର ଲୋକେ ବେଶ୍ ଭଦ୍ର ଓ ମାର୍ଜିତ ସ୍ୱଭାବର ଥିଲେ । ସେମାନେ ଶ୍ରଦ୍ଧାର ସହିତ ଗୁରୁଜୀଙ୍କର ସେବା ସତ୍କାର କଲେ ଓ ରହିବା ପାଇଁ ସ୍ଥାନ ଯୋଗାଇବା ସାଥେ ସାଥେ ଖାଇବାପିଇବାର ବନ୍ଦୋବସ୍ତ କଲେ ।

ପ୍ରାତଃ ସମୟରେ ଗୁରୁଦେବ ସେହି ଗାଁ ଛାଡ଼ିବା ସମୟରେ କହିଲେ- ଏ ଗାଁଟି ଏଣେ ତେଣେ ବିଚ୍ଛେଇ ହୋଇଯାଉ ଓ ଗାଁର ଲୋକେ ସାରା ଦେଶକୁ ଚାଲିଯାନ୍ତୁ । ଶିଷ୍ୟ ମର୍ଦ୍ଦନା ଆଶ୍ଚର୍ଯ୍ୟ ହୋଇ ଉତ୍ସୁକତାର ସହିତ ତାଙ୍କ ଆଡ଼କୁ ଅନାଇବା ଦେଖି ଗୁରୁ ନାନକ ଦେବ କହିଲେ, "ସମସ୍ତଙ୍କର ଅନିଷ୍ଟ କାମନା କରୁଥିବା ସ୍ୱାର୍ଥପର ଲୋକ କେବଳ ଗୋଟିଏ ସ୍ଥାନରେ ହିଁ ରହି ନିଜ ନିଜର ଅମଙ୍ଗଳ କଥା ଚିନ୍ତା କରୁଥାନ୍ତୁ । ମାତ୍ର ଭଲ ଲୋକମାନେ ଦେଶର କୋଣେ ଅନୁକୋଣେ ଖେଳେଇ ହୋଇଯାଇ ମାନବତାର ବାର୍ତ୍ତା ପ୍ରଚାର କରନ୍ତୁ ।"

●

Source: Author, Digitized by PPRACHIN, SOA

ଅନ୍ତଃପ୍ରେରଣା ଓ ଆତ୍ମସମର୍ପଣ

ଯେଉଁ ବ୍ୟକ୍ତି ନିଜ ଭିତରରୁ ପ୍ରେରଣା ଲାଭକରି, ଈଶ୍ୱରଙ୍କ ନିକଟରେ ସମର୍ପିତ ହୋଇ କାର୍ଯ୍ୟ କରେ, ସେ ସୁଖୀ ହୁଏ ଓ ଶେଷ ପର୍ଯ୍ୟନ୍ତ କେବେ ହତାଶ ହୁଏ ନାହିଁ । ଶ୍ରଦ୍ଧାର ସହିତ କରୁଥିବା କାର୍ଯ୍ୟ ଈଶ୍ୱରଙ୍କ ସେବାପୂଜା ସହ ସମାନ । ଈଶ୍ୱରଙ୍କଠାରେ ଆତ୍ମସମର୍ପଣ ଯେ ସର୍ବଶ୍ରେଷ୍ଠ ସମର୍ପଣ, ଏହା ସଙ୍ଗୀତଜ୍ଞ ତାନ୍‌ସେନ ଓ ତାଙ୍କର ସଦ୍‌ଗୁରୁ ରାମହାସଙ୍କ ସଙ୍ଗୀତ ସାଧନାରୁ ପ୍ରମାଣିତ ହୁଏ ।

ତାନ୍‌ସେନ୍ ଆକବରଙ୍କ ଦରବାରୀ ଗାୟକ ଥିଲେ । ଦିନେ ଆକବର ତାଙ୍କର ଗୁରୁ ହରିଦାସଜୀଙ୍କୁ ସାକ୍ଷାତ କଲେ ଏବଂ ତାଙ୍କର ଗାୟନ ଶୁଣି ମୁଗ୍ଧ ହୋଇଗଲେ । ଆକବର ତାନ୍‌ସେନ୍‌ଙ୍କୁ କହିଲେ- ଆପଣ ଖୁବ୍ ସୁନ୍ଦର ଓ ଲଳିତ କଣ୍ଠରେ ଗାନ କରନ୍ତି, ମାତ୍ର ଆପଣଙ୍କର ଗୁରୁଙ୍କର ଗାୟନରେ ଯେଉଁ ଅପୂର୍ବ ରସ ନିହିତ ଅଛି, ତାର ପ୍ରଶଂସା କରିବା ପାଇଁ କୌଣସି ଶବ୍ଦ ଖୋଜି ପାଉନାହିଁ ।

ତାନ୍‌ସେନ୍ କହିଲେ - ଆପଣ ନିରାଟ ସତ କଥା ହିଁ କହିଛନ୍ତି । ମୋର ଗୁରୁ ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ ଗାନ କରନ୍ତି ଆଉ ମୁଁ ଆପଣଙ୍କୁ ପ୍ରସନ୍ନ କରିବା ପାଇଁ ଗାଉଛି । ମୁଁ ଆପଣଙ୍କଠାରୁ ପ୍ରେରଣା ଲାଭ କରେ । ମୁଁ ପରସେବକ ଅଟେ, ମାତ୍ର ମୋର ଗୁରୁ ସ୍ୱୟଂସେବକ ଅଟନ୍ତି । ନିଜ ଭିତରେ ହିଁ ପରମେଶ୍ୱର ବାସ କରନ୍ତି । ସ୍ୱୟଂସେବକ ତାଙ୍କଠାରୁ ହିଁ ପ୍ରେରଣା ଲାଭ କରେ । ଏତିକି ମାତ୍ର ପ୍ରଭେଦ ।

ଆକବର ମଥା ନତକରି ଈଶ୍ୱରଙ୍କୁ ପ୍ରଣାମ ଜଣାଇଲେ ।

●

Source: Author, Digitized by PPRACHIN, SOA

ଅସୀମ ଜ୍ଞାନ

ଭାରତୀୟ ଧର୍ମ ଓ ଦର୍ଶନର ମହାନ ବିଚାରକ ଆଦି ଶଙ୍କରାଚାର୍ଯ୍ୟଙ୍କୁ କିଏ ବା ନ ଜାଣେ । ବୌଦ୍ଧଧର୍ମର ପ୍ରଭାବରେ ସନାତନ ଧର୍ମ ସଂକଟରେ ପଡ଼ିଥିବା ବେଳେ ସେ ହିଁ ବୈଦିକ ଧର୍ମର ଉଦ୍ଧାରକ ଭାବେ ଉଭା ହୋଇଥିଲେ । ଧର୍ମରକ୍ଷା ଓ ବିଚାର ଆଲୋଚନା ପାଇଁ ସେ ଭାରତର ଚତୁର୍ଦ୍ଦିଗରେ ଚାରିଗୋଟି ଧାମ ପ୍ରତିଷ୍ଠା କରିଥିଲେ । ଏଥି ମଧ୍ୟରୁ ଆମ ଓଡ଼ିଶାର ପୁରୀ ଅନ୍ୟତମ । ସେ ହେଉଛନ୍ତି ଅଦ୍ୱୈତବାଦର ପ୍ରବର୍ତ୍ତକ । ଅଦ୍ୱୈତବାଦର ଅର୍ଥ ହେଉଛି ଈଶ୍ୱର ଏକ ଓ ଅଦ୍ୱିତୀୟ । ସେ ସର୍ବବ୍ୟାପକ, ସର୍ବଜ୍ଞାନୀ ଓ ସର୍ବଶକ୍ତିମାନ ।

ଏକଦା ଶଙ୍କରାଚାର୍ଯ୍ୟ ଶିଷ୍ୟମାନଙ୍କ ସହିତ ସମୁଦ୍ରକୂଳରେ ବାର୍ତ୍ତାଳାପ କରୁଥିଲେ । ଶିଷ୍ୟଟିଏ ବିନମ୍ରତାର ସହିତ ପଚାରିଲା- ଗୁରୁବର, ସଂସାରରେ ଆପଣଙ୍କଠାରୁ ବଳି ବଡ଼ ବିଦ୍ୱାନ ଆଉ କେହି ନ ଥିବେ, ଆପଣଙ୍କର ଜ୍ଞାନ ପରିପୂର୍ଣ୍ଣ ଅଟେ ।

ସହାସ୍ୟ ବଦନରେ ଶଙ୍କରାଚାର୍ଯ୍ୟ ଆପଣାର ଦଣ୍ଡଟିକୁ ଜଳରେ ବୁଡ଼ାଇ ଉଠାଇ ଆଣୁ ଆଣୁ କହିଲେ - ବତ୍ସ, ଏହି ଦଣ୍ଡଟିକୁ ଦେଖୁଛ ତ ? ଏହା ପାଣିରେ ବୁଡ଼ି ମଧ୍ୟ ନିଜ ସଙ୍ଗରେ କେଇବୁନ୍ଦା ମାତ୍ର ଆଣିବାକୁ ସକ୍ଷମ ହୋଇଛି । ଏହିପରି ଜ୍ଞାନ ଅଗାଧ ଅଟେ । ଅନେକ ଅଧ୍ୟୟନ ଓ ସାଧନା ପରେ ମଧ୍ୟ ସାମାନ୍ୟ କିଛି ଶିକ୍ଷା ଲାଭ ହୋଇଥାଏ । ସମ୍ପୂର୍ଣ୍ଣ ଜ୍ଞାନଲାଭ ସମ୍ଭବ ନୁହେଁ । ତେବେ ଯଥାର୍ଥ ଶିକ୍ଷା ହିଁ ମନୁଷ୍ୟକୁ ମୁକ୍ତି ପ୍ରଦାନ କରେ ।

ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ ।
ବିଦ୍ୟା ଅଟଇ ମହାରତ୍ନ, ହୃଦୟେ ଘେନ କରି ଯତ୍ନ ।

●

Source: Author, Digitized by PPRACHIN, SOA

ଦାସର ଦାସ

ସନ ୧୯୭୪ର କଥା । ଅନ୍ତରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ ସଂଘ (ଇସ୍‌କନ)ର ସଂସ୍ଥାପକ ଅଭୟାଚରଣ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ଶିଷ୍ୟମାନଙ୍କ ଗହଣରେ ବସିଥାନ୍ତି । ସେତେବେଳକୁ ସେ ବିଦେଶ ମାଟିରେ ୮୦ଗୋଟି କୃଷ୍ଣ ମନ୍ଦିର ସ୍ଥାପନ କରିଥାନ୍ତି । ଏତିକିବେଳେ ତାଙ୍କର ଦର୍ଶନ ପାଇଁ ଆସିଥିବା ଜଣେ ଆମେରିକୀୟ ପଚାରି ବସନ୍ତି, 'ତେବେ ଏମାନେ ସମସ୍ତେ ଆପଣଙ୍କର ଶିଷ୍ୟ ଅଟନ୍ତି ଆଉ ଆପଣ ଏମାନଙ୍କର ଗୁରୁ ।'

ଗୁରୁଜୀ ବିନମ୍ରତାର ସହିତ ଉତ୍ତର ଦେଲେ- "ନାହିଁ ଭାଇ, ମୁଁ କାହାର ଗୁରୁ ନୁହେଁ କି କେହି ମୋର ଶିଷ୍ୟ ନୁହଁନ୍ତି । ଯଦି ମୋର କୌଣସି ପରିଚୟ ଅଛି, ତାହା ହେଉଛି ଏତିକି ଯେ ମୁଁ କୃଷ୍ଣଙ୍କର ଦାସଙ୍କର ଦାସ ଅଟେ ।"

ଗୁରୁଦେବଙ୍କର ଏପରି ଅହଙ୍କାରଶୂନ୍ୟ ସରଳ ଉତ୍ତର ଶୁଣି ସକଳ ଶିଷ୍ୟ କେବଳ ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇନଥିଲେ, ସେମାନଙ୍କର ମଥା ଶ୍ରୀଗୁରୁଙ୍କର ମହାନତା ନିକଟରେ ଅବନତ ହୋଇଯାଇଥିଲା ।

•

ମଣିଷ ମହାନ ହେବ କିପରି

ମହାନ ସନ୍ଥ ସ୍ୱାମୀ ରାମତୀର୍ଥ ଏକଦା ଅଧ୍ୟାପନା କରୁଥିଲେ । ଦିନେ କଳାପଟାରେ ଗାରଟିଏ ଟାଣିଦେଇ ସେ ଛାତ୍ରମାନଙ୍କୁ ପଚାରିଲେ - "ନ ଲିଭାଇ କେହି ଏହାକୁ ଛୋଟ କରିଦେଇପାରିବ କି ? ଛାତ୍ରଗଣ ଦ୍ୱନ୍ଦ୍ୱରେ ପଡ଼ିଗଲେ । ହେଲେ ଗୋଟିଏ ଛାତ୍ର ସେଇ ଗାର ନିକଟରେ ଆଉ ଏକ ବଡ଼ରେଖା ଟାଣିଦେଲା । ପ୍ରଥମେ ଟଣାଯାଇଥିବା ରେଖାଟି ସ୍ୱାଭାବିକ ଭାବେ ଛୋଟ ହୋଇଗଲା ।

Source: Author, Digitized by PPRACHIN, SOA

ତା'ପରେ ସ୍ୱାମିଜୀ ପିଲାଙ୍କୁ ବୁଝାଇ କହିଲେ- ଏହାର ଏକ ଗୁଢ଼ ଅର୍ଥ ବି ଅଛି । ଜୀବନରେ ମହାନ୍ ହେବାଲାଗି ଅନ୍ୟ କୌଣସି ବ୍ୟକ୍ତିର ବିନାଶ ବା ତାହାର ନିନ୍ଦା ଗାନକରି ତାକୁ ଛୋଟ ପ୍ରମାଣିତ କରିବାର ଆବଶ୍ୟକତା ନାହିଁ । ନିଜର ଗୁଣଦ୍ୱାରା ଆପଣାଙ୍କୁ ମହାନ୍ କରିବାର ଆବଶ୍ୟକତା ଅଛି । ଏହାହିଁ ହିନ୍ଦୁ ସଂସ୍କୃତିର ନିର୍ଯାସ ।

ମହାନ ହେବାପାଇଁ ଯେଉଁସବୁ ଗୁଣ ଦରକାର, ସେସବୁ ଜନ୍ମରୁ ମଣିଷ ପାଖରେ ଥାଏ । କେବଳ ସେଗୁଡିକୁ ଚିହ୍ନି ଉପଯୋଗ କରିବା ଦରକାର । ଏଥି ନିମନ୍ତେ ସ୍ୱୟଂ ପଥ ସୃଷ୍ଟି କରୁଥିବା ଜଳଧାରା ପରି ହେବାକୁ ପଡ଼ିବ; ଅନ୍ୟର ପଥରୋଧ କରୁଥିବା ପଥର ପରି ହେବାର ଆବଶ୍ୟକତା ନାହିଁ ।

●

ଛାଇ ଓ ପିଲା

ସ୍ୱାମୀ ରାମତୀର୍ଥ ଜଣେ ମହାନ ସାଧୁ ଥିଲେ । ଶୀତ କାଳ । ଦିନେ ଅପରାହ୍ନରେ ସାଧୁଜୀ ବୁଲିବା ପାଇଁ ବାହାରି ପଡ଼ିଲେ । ସେ ଯାଉ ଯାଉ ଦେଖିଲେ ଯେ ପିଲାଟିଏ ନିଜର ଛାଇ ପଛରେ ଦଉଡୁ ଅଛି । ପିଲାଟି ଦଉଡ଼ି ଦଉଡ଼ି କେବେ ପାଦ ଚିପି ଚିପି ପୁଣି କେବେ ଡେଇଁ ଡେଇଁ ନିଜର ଛାଇକୁ ଧରିବାକୁ ଚେଷ୍ଟା କରୁଥିଲା । ମାତ୍ର ଧରିପାରୁନଥିଲା । ପିଲାଟି ଥକି ଯାଇ କାନ୍ଦିବାକୁ ଲାଗିଲା ।

ସ୍ୱାମିଜୀ କାନ୍ଦୁଥିବା ପିଲାଟିର ଦୁଇ ହାତକୁ ଉଠାଇ ତାର ନିଜ ମୁଣ୍ଡ ଉପରେ ଥୋଇଦେଲେ । ଛାୟା ଧରା ପଡ଼ିଯିବା ଦେଖି ପିଲାଟି ଖୁସିରେ ଚିଲେଇ ଉଠି କହିଲା- ଯାଦୁ ... ଆପଣଙ୍କୁ ଏ ଯାଦୁ କିପରି ଆସିଲା ?

କାହା ପଛରେ ଦଉଡ଼ି ଦଉଡି ନୁହେଁ- ସ୍ୱାମୀ ରାମତୀର୍ଥ ଉତ୍ତର ଦେଇଥିଲେ । ବାସ୍ତବିକ ମଣିଷ ବୁଦ୍ଧି ବଳରେ ଯାହା କରିପାରେ, କାହାକୁ ଅନ୍ଧ ଭାବରେ ଅନୁକରଣ କରି ବା କାହା ପଛରେ ଗୋଡ଼େଇ ଗୋଡ଼େଇ ତାହା ହାସଲ କରିପାରେ ନାହିଁ ।

●

Source: Author, Digitized by PPRACHIN, SOA

କର୍ତ୍ତବ୍ୟ

ଶୀତ ଋତୁ । ହେମନ୍ତର ହାଡ଼ଥରା ଶୀତ । ଶୀତ ସାଙ୍ଗକୁ ଦାରିଦ୍ର୍ୟ କାରଣରୁ ଶୀତବସ୍ତ୍ରର ବି ଅଭାବ । ଏହିଭଳି ପରିସ୍ଥିତିରେ ବିଦ୍ୟାର୍ଥୀଟିଏ ନିଆଁ ଜଳାଇ ଧୁନି ନିକଟରେ ବସି ପାଠପଢ଼ାରେ ମଜ୍ଜି ଯାଇଥିଲା । ସେହି ସମୟରେ ସେହି ବାଟ ଦେଇ ଯାଉଥିବା ଜଣେ କାବୁଲୀ ସରଦାର ବିଶ୍ରାମ ନେବାପାଇଁ ସେଠାରେ ଟିକେ ଅଟକି ଗଲେ ଓ କିଛି ସମୟ ପରେ ଉଠି ଚାଲିଗଲେ ।

କିଛି ସମୟ ପରେ ଯେତେବେଳେ ପିଲାଟିର ଧ୍ୟାନ ପାଠପଢ଼ାରୁ ହଟିଲା, ଦେଖିଲା ଯେ ପାଖରେ ଗୋଟେ ପୋଟଳା ପଡ଼ିଅଛି । ପିଲାଟି ପୋଟଳିକୁ ଉଠାଇ କାବୁଲି ସରଦାରଙ୍କ ପଛରେ ଦଉଡ଼ିବାକୁ ଲାଗିଲା । ଅନେକ ଦୂର ଅତିକ୍ରମ କରିବା ପରେ ସରଦାରଙ୍କ ପାଖରେ ପହଞ୍ଚି ଧଇଁସଇଁ ହୋଇ କହିଲା, 'ମହାଶୟ, ଏ ପୋଟଳାକୁ ଆପଣ ମୋ ନିକଟରେ ଛାଡି ଆସିଥିଲେ ... ଦୟାକରି ଟିକେ ଦେଖିନିଅନ୍ତୁ ।"

ସୌଦାଗର ପିଲାଟିର ସାଧୁତା ଦ୍ୱାରା ଖୁବ୍ ପ୍ରଭାବିତ ହୋଇ ପିଲାଟିକୁ ଏକଶହ ଟଙ୍କା ଇନାମ୍ ଦେବାକୁ ଚାହିଁଲେ । ବାଳକଟି ତାହା ଅସ୍ୱୀକାର କରି କହିଲା, 'ଆପଣଙ୍କ ଜିନିଷଟିକୁ ଆପଣଙ୍କ ପାଖରେ ପହଞ୍ଚାଇ ଦେବା ମୋର ଦାୟିତ୍ୱ ଓ କର୍ତ୍ତବ୍ୟ ଥିଲା । ଅନ୍ୟ କାହାର ପରିଶ୍ରମର ରୋଜଗାରରେ ମୋର ଅଧିକାର ନାହିଁ ।"

ତୁଳସୀ ଦୁଇ ପତ୍ରରୁ ବାସେ । ସେହି ସର୍ଚ୍ଚୋଟ କର୍ତ୍ତବ୍ୟନିଷ୍ଠ ପିଲାଟି ବଡ଼ ହୋଇ ପରବର୍ତ୍ତୀ କାଳରେ ବାରିଷ୍ଟର ମୁଖୋପାଧ୍ୟାୟ ନାମରେ ବିଖ୍ୟାତ ହୋଇଥିଲେ ।

●

ଆତ୍ମନିୟନ୍ତ୍ରଣ

ମଦନମୋହନ ମାଳବ୍ୟଙ୍କୁ କିଏ ବା ନଜାଣେ ? ସେ କେବଳ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ନଥିଲେ, ଥିଲେ ଜଣେ ଆଦର୍ଶ ପୁରୁଷ । ତାଙ୍କ ଜୀବନର ଗୋଟିଏ ଘଟଣା ।

ଦିନେ ସେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାରେ ବ୍ୟସ୍ତ ଥା'ନ୍ତି । କକ୍ଷ ବାହାରେ କିଛି ବାଳକ ଖେଳୁଥିଲେ ଓ ଖୁବ୍ କୋଳାହଳ କରୁଥିଲେ । ବୈଠକରେ ଉପସ୍ଥିତ ଥିବା ଜଣେ ସଜ୍ଜନ

Source: Author, Digitized by PPRACHIN, SOA

ବାହାରକୁ ଆସି ପିଲାମାନଙ୍କୁ ହଟାଇବା ନିମନ୍ତେ ଉଠି ପଡ଼ିଲେ । ମାତ୍ର ମାଳବ୍ୟଜୀ ତାଙ୍କୁ ଏପରି କରିବାକୁ ବାରଣ କରି କହିଲେ, "ବାଳକ ରୂପରେ ମଧ୍ୟ ଭଗବାନଙ୍କ ଦର୍ଶନ ମିଳିପାରେ । ବାଳକ ତ ଗୋପାଳକୃଷ୍ଣ ଅଟନ୍ତି । ଆମ୍ଭେ ଏହି ସରଳ ବାଳକ ମାନଙ୍କୁ ବାରଣ ନକରି ନିଜ ଉପରେ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରିବା ଉଚିତ ।

●

ନିଷ୍ଠା

ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ ତିଆରି ହେଉଥିବା ସମୟର କଥା । ଡଃ ବୀରବଲ ସାହାଣୀ ବନସ୍ପତି ବିଭାଗର ଅଧ୍ୟକ୍ଷ ଥାନ୍ତି । ସେତେବେଳକୁ କେବଳ ଦିନୋଟି କକ୍ଷ ନିର୍ମିତ ହୋଇଥିଲା ।

ସେହି ସମୟରେ ଜଣେ ବିଦେଶୀ ବୈଜ୍ଞାନିକ ଡଃ ସାହାଣୀଙ୍କୁ ସାକ୍ଷାତ୍ କରିବା ପାଇଁ ଆସିଥାନ୍ତି । ଡିଃ ସାହାଣୀ କେଉଁଠି ବସୁଛନ୍ତି ବୋଲି ଜଣେ ବ୍ୟକ୍ତିଙ୍କୁ ପଚାରିଲେ । ସେ ବ୍ୟକ୍ତିଟି ଇଙ୍ଗିତିରେ ଜଣାଇଦେଲା । ଆଗନ୍ତୁକ ଜଣକ ସେଠାକୁ ଯାଇ ଦେଖନ୍ତି ଯେ ଡଃ ସାହାଣୀଙ୍କ ଟେବୁଲ ଉପରେ ଗଦା ଗଦା ବହି ଓ ନକଲ ସବୁ ପଡି ରହିଛି । ସେ ସୂକ୍ଷ୍ମ ଦୃଷ୍ଟିରେ ନିରୀକ୍ଷଣ କରି କିଛି ଅଧ୍ୟୟନ କରୁଛନ୍ତି । ଆଗନ୍ତୁକ ଭଦ୍ରବ୍ୟକ୍ତି ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ, 'ପ୍ରଫେସର, ଆପଣଙ୍କର ନିଜର କୌଣସି କକ୍ଷ ନାହିଁ ?'

ପ୍ରଫେସର ସାହାଣୀ ସ୍ୱାଭିମାନ ସହ ଉତ୍ତର ଦେଲେ, "ବଡ଼ ବଡ଼ କାମ ସବୁ ଏମିତି ସମ୍ପନ୍ନ ହୋଇଥାଏ । ବଡ କାମ ପାଇଁ ବ୍ୟତିବ୍ୟସ୍ତ ହେବା ଉଚିତ ନୁହେଁ । ନିଷ୍ଠା ଓ ଲଗନର ସହ କାର୍ଯ୍ୟ କରିବାର ଅଛି ।"

●

Source: Author, Digitized by PPRACHIN, SOA

କୃପଣତା ଓ ବଦାନ୍ୟତା

କେତେବେଳେ କାହିଁକି ଓ କେତେ ପରିମାଣରେ ଉଦାର ହେବା ଆବଶ୍ୟକ ଏ ସମ୍ବନ୍ଧରେ ଡଃ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଉଦାହରଣ ଉଲ୍ଲେଖଯୋଗ୍ୟ । ଅଯଥା ଖର୍ଚ୍ଚ କରିବାରେ ସେ ଥିଲେ ବେଶ୍ କୃପଣ । ମାତ୍ର ସତ୍‌ପାତ୍ରରେ ବିନିଯୋଗ କଲାବେଳେ ସେ ଥିଲେ ମୁକ୍ତହସ୍ତ, ଉଦାର ।

ଥରେ ଭୋଜନ ବ୍ୟବସ୍ଥା ବୁଝୁଥିବା ଛାତ୍ରଟି ଦେଢଅଣାର (ଟଙ୍କାକ ଷୋଳ ଅଣା ଓ ଅଣାକ ଚାରିପଇସା) କଦଳୀ କିଣି ଆଣିଲା । ମାତ୍ର ପ୍ରତିଦିନ ମାତ୍ର ଦୁଇ ପଇସାର କଦଳୀ କିଣା ହେଉଥିଲା । ଏହି ଘଟଣାରେ ଡଃ ରାୟ ପିଲାଟିକୁ ଗାଳିଦେଇ କହିଲେ – 'ଏହା ଅମୂଲ୍ୟ ଧନରାଶିର ଅପବ୍ୟୟ ଅଟେ ।'

ସେହିଦିନର ଆଉ ଏକ ଘଟଣା । ଜଣେ ସାମାଜିକ କାର୍ଯ୍ୟକର୍ତ୍ତା ଏକ ଅନାଥାଶ୍ରମ ପାଇଁ ଡଃ.ରାୟଙ୍କୁ କିଛି ସହାୟତା ମାଗିଥିଲେ । ଯେଉଁ ଛାତ୍ରଟି ଦେଢ଼ଅଣାର କଦଳୀ କିଣି ଆଣିଥିଲା ବୋଲି ବଦଖର୍ଚ୍ଚ ପାଇଁ ଗାଳି ଶୁଣିଥିଲା, ତାକୁ ପାଖକୁ ଡାକି ଡଃ ରାୟ ପଚାରିଲେ – 'ବ୍ୟାଙ୍କରେ କେତେ ଧନ ଅଛି କହିଲ ?

ଛାତ୍ରଟି ଉତ୍ତର ଦେଲା– ଆପଣଙ୍କ ଖାତାରେ ସାଢେ ତିନିହଜାର ଜମା ଅଛି ।'

ଡଃ ରାୟ ତିନିହଜାର ଟଙ୍କାର ଚେକ୍‌ଟିଏ ସେହି ଅନାଥାଶ୍ରମକୁ ସହାୟତା ନିମନ୍ତେ ପ୍ରଦାନ କରିଥିଲେ । ଡଃ ରାୟଙ୍କର ବଦାନ୍ୟତା ନିକଟରେ ଛାତ୍ରଟିର ମଥା ତଳକୁ ନଇଁ ଯାଇଥିଲା ।

●

Source: Author, Digitized by PPRACHIN, SOA

ଚିରନ୍ତନ ଧନ

ଦିନଟି ଥିଲା ପେଶୱାଙ୍କ ଜନ୍ମତିଥି । ରାଜଧାନୀ ପୁନେରେ ଖୁବ୍ ଜାକଜମକରେ ଏହି ଦିବସଟି ପାଳିତ ହେଉଥାଏ ମହାରାଜାଙ୍କୁ ବଧେଇ ଦେବାକୁ ଆସୁଥିବା ଲୋକଙ୍କର ସୁଅ ଛୁଟୁଥାଏ । ଅନ୍ନ, ବସ୍ତ୍ର, ସ୍ୱର୍ଣ୍ଣ ଇତ୍ୟାଦି ଅନେକ ପଦାର୍ଥ ଦାନ ଆକାରରେ ଦିଆଯାଉଥିଲା । ଏହି ଅବସରରେ ଜଣେ ବ୍ରାହ୍ମଣ କୁମାର ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ବିନୀତ ଭାବରେ ସେ ପେଶୱାଙ୍କ ସମ୍ମୁଖରେ ପ୍ରକାଶ କଲେ - 'ଆପଣ ଆମକୁ ଯେଉଁ ନାଶବାନ ପଦାର୍ଥମାନ ଦାନ କରୁଛନ୍ତି ତାକୁ ନେଇ ମୁଁ କ'ଣ କରିବି ? କ୍ଷମା କରନ୍ତୁ ମହାରାଜ, ଏ ପଦାର୍ଥ ଗୁଡ଼ିକ ଭିତରୁ ମୋର କୌଣସିଟି ବି ଦରକାର ନାହିଁ । ଦାନ ଦେବାକୁ ଯଦି ଚାହୁଁଛନ୍ତି, ତେବେ କୌଣସି ସ୍ଥାୟୀ ଜିନିଷ ପ୍ରଦାନ କରନ୍ତୁ ।' ପେଶୱା ବିସ୍ମୟ ବିସ୍ଫାରିତ ନୟନରେ ସେହି ବାଳକଟିକୁ ଚାହିଁ ପଚାରିଲେ - 'ସ୍ଥାୟୀ କହିଲେ କ'ଣ ବୁଝ ବାଳକ ?'

'ବିଦ୍ୟା । ସେହି ବିଦ୍ୟା ଯାହାକୁ କେହି ଚୋରି କରିପାରିବେ ନାହିଁ । ଯାହାକୁ ଦେଇଦେଲେ କମିଯାଏ ନାହିଁ, ଓଲଟି ବଢ଼ିଯାଏ ।" - ବାଳକଟି ଉତ୍ତର ଦେଲା । ଏହାଶୁଣି ପେଶୱା ଅତ୍ୟନ୍ତ ପ୍ରସନ୍ନ ହୋଇଥିଲେ । ଏହି ତେଜସ୍ୱୀ ବାଳକଟିକୁ କାଶୀ ପଠେଇ ତାର ଅଧ୍ୟୟନର ସମସ୍ତ ବ୍ୟବସ୍ଥା କରିଥିଲେ ।

ଏହି ବାଳକଟି ବଡ଼ ହୋଇ ପରବର୍ତ୍ତୀ କାଳରେ ରାମଶାସ୍ତ୍ରୀ ନାମରେ ପରିଚିତ ହୋଇଥିଲେ । ସେହି କାରଣରୁ ଉପଦେଶ ଛଳରେ କବି କହିଛନ୍ତି-

ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ ।

●

Source: Author, Digitized by PPRACHIN, SOA

ଗୁରୁଙ୍କ ସମ୍ମାନ

ଚନ୍ଦ୍ରଶେଖର ଭେଙ୍କଟରମଣ ଗବେଷଣା କରି ଯେଉଁ ସତ୍ୟ ଉଦ୍‌ଭାବନ କରିଥିଲେ ତାହା ରମଣ ଇଫେକ୍ଟ ନାମରେ ପରିଚିତ । ଏଥିପାଇଁ ସେ ବିଶ୍ୱପ୍ରସିଦ୍ଧ ନୋବେଲ ପୁରସ୍କାର ଲାଭ କରିଥିଲେ । ସେ ଯେଉଁ ସମୟରେ ଗବେଷଣାରତ ଥିଲେ । ସେହି ସମୟର ଗୋଟିଏ ଘଟଣା ।

ରମଣଙ୍କର ଜଣେ ଯୁବ ଡାକ୍ତର ସହିତ ପରିଚୟ ହୋଇଥିଲା । ସେତେବେଳକୁ ସେ ରଙ୍ଗ ଓ ଦୃଷ୍ଟି ସମ୍ବନ୍ଧରେ ଅନେକ କିଛି ଜାଣି ସାରିଥିଲେ । ମାତ୍ର ତାହାର ଶରୀର ଉପରେ ପଡୁଥିବା ପ୍ରଭାବ ସମ୍ବନ୍ଧରେ ଧାରଣା ସ୍ୱଷ୍ଟ ନଥିଲା । ତେଣୁ ସେ ଡାକ୍ତର ବାବୁଙ୍କୁ କହିଲେ, "ଦୟାକରି ଆପଣଙ୍କ ଘରର ଠିକଣା ମୋତେ ଦିଅନ୍ତୁ । ଆପଣଙ୍କୁ ଯେତେ ଫୁରୁସତ୍ ହେବ ତାହା ମଧ୍ୟ ଦୟାକରି ଜଣାନ୍ତୁ । ମୋର ଗବେଷଣା ବିଷୟରେ ମୁଁ ଆପଣଙ୍କର ସହାୟତା କାମନା କରୁଛି ।" ଡାକ୍ତର ଜଣକ ବିନୀତ ଭାବେର କହିଲେ, 'ସାର୍, ଆପଣ ଯେତେବେଳେ ଚାହିଁବେ ମୁଁ ଆବଶ୍ୟକୀୟ ନକ୍ସା ଇତ୍ୟାଦି ଧରି ଆପଣଙ୍କ ଘରେ ପହଞ୍ଚିଯିବି । ଆପଣ ମୋର ଫୋନ୍ ନମ୍ବର । ମଝିରେ କଥା କାଟି ରମଣ ମହାଶୟ କହିଲେ – 'ମିତ୍ର ମୋର, ମୋତେ ହିଁ ଶିଖିବାର ଅଛି । ଅତଏବ ମୋତେ ହିଁ ଗୁରୁଙ୍କ ନିକଟକୁ ଯିବାକୁ ପଡିବ ।'

•

ସଂସ୍କାର

ଦିନେ ଜଣେ ମହିଳା ଗୁରୁଦେବଙ୍କ ନିକଟକୁ ଯାଇ ପଚାରିଲେ, 'ଗୁରୁଜି ! ମୋର ପ୍ରିୟପୁତ୍ରର ଶିକ୍ଷା କେବେଠାରୁ ଓ କେଉଁ ମୁହୂର୍ତ୍ତରୁ ଆରମ୍ଭ ହେବ, ଦୟାକରି କୁହନ୍ତୁ ।'

ଗୁରୁଜୀ ପଚାରିଲେ, "ଆପଣଙ୍କ ପୁତ୍ରର ବୟସ କେତେ ?"

'ପାଞ୍ଚବର୍ଷ ହେବ ଗୁରୁଦେବ'– କହିଲେ ମହିଳା ଜଣକ ।

Source: Author, Digitized by PPRACHIN, SOA

ଗୁରୁଜୀ କହିଲେ, 'ଶିକ୍ଷାଦାନ କରିବା ସମୟ ଛଅବର୍ଷ ବିଳମ୍ବ ହୋଇଗଲାଣି, କଲ୍ୟାଣି ! ପିଲାଟିର ଶିକ୍ଷା ଗର୍ଭରୁ ହିଁ ଆରମ୍ଭ କରିବା ଉଚିତ ।

ମାତା ହିଁ ସନ୍ତାନର ପ୍ରଥମ ଶିକ୍ଷାଦାତ୍ରୀ । ସେ ହିଁ ପିଲାଟିର ଭାଗ୍ୟ ଓ ଭବିଷ୍ୟତର ନିର୍ମାଣକାରିଣୀ । ସେଇଥିପାଇଁ ମାଆକୁ ଭଗବତୀଙ୍କ ସହିତ ତୁଳନା କରାଯାଏ ।

●

ଗୁରୁ

ନ୍ୟାୟମୂର୍ତ୍ତି ଗୋବିନ୍ଦ ରାନାଡ଼େଙ୍କର ଭାଷା ଶିଖିବାର ସଉକଥିଲା । ତାଙ୍କର ବଙ୍ଗଳା ଶିଖିବା ପାଇଁ ଇଚ୍ଛା ହେଲା । ତାଙ୍କୁ ଜଣେ ବଙ୍ଗାଳୀ ଭଣ୍ଡାରି ଯୁଟିଗଲା । ସେ ତାଙ୍କଠାରୁ ଖିଅର ହେବା ସମୟରେ ବଙ୍ଗଳା ଶିଖିବାକୁ ଲାଗିଲେ ।

ଏକଥା ଜାଣି ତାଙ୍କ ପତ୍ନୀ କହିଲେ, "ଜଜ ହୋଇ ଭଣ୍ଡାରିକୁ ଗୁରୁ କଲ, ଲୋକେ କ'ଣ କହିବେ ? ଭଣ୍ଡାରିକୁ ଗୁରୁ କରିବା ଅସମ୍ମାନଜନକ ନୁହେଁ କି ?"

ରାନାଡେ କହିଲେ, ଏଥିରେ ଅସମ୍ମାନର କଥା କେଉଁଠି ରହିଲା ? ଦତ୍ତାତ୍ରୟତ ପୁଣି ଗୁରୁ ଚବିଶ ଗ୍ରହଣ କରିଥିଲେ । କୀଟପତଙ୍ଗ ଓ ପଶୁପକ୍ଷୀ ଇତ୍ୟାଦିଙ୍କୁ ବି ଗୁରୁ ବୋଲି ମାନିଥିଲେ ।

●

ପ୍ରକୃତ ଦର୍ଶନ

ଗାନ୍ଧିଜୀ ଦିଲ୍ଲୀରେ ଥିବା ହରିଜନ ଆଶ୍ରମକୁ ଯାଇଥାନ୍ତି । ସେଠାରେ ପିଲାମାନଙ୍କୁ ସେମାନଙ୍କ ଦକ୍ଷତା ଅନୁଯାୟୀ କୌଣସି କାର୍ଯ୍ୟରେ ପ୍ରଶିକ୍ଷଣ ଦେବାର କେନ୍ଦ୍ରଟିଏ ଥିଲା । ଗାନ୍ଧିଜୀ ସେହି କେନ୍ଦ୍ରକୁ ନିରୀକ୍ଷଣ କରିବାକୁ ଗଲେ ।

ମହାତ୍ମାଜୀଙ୍କୁ ଦେଖୁ ଦେଖୁ ପିଲାମାନେ କାମବନ୍ଦ କରି ତାଙ୍କୁ ଆଦର, ସ୍ନେହ, ଉତ୍ସୁକତା ସହକାରେ ଦେଖିବାକୁ ଲାଗିଲେ । ମାତ୍ର ଏପରି ଗୋଟିଏ ପିଲା ଥିଲା ଯାହାର ଧ୍ୟାନ ସେ ଆଡ଼କୁ ନ

Source: Author, Digitized by PPRACHIN, SOA

ଥିଲା । ସେ ନିଜର ରୋଟି ତିଆରି କରିବାରେ ଏପରି ତଲ୍ଲୀନ ଥିଲା ଯେ ତାର ଅତି ନିକଟ ଦେଇ ଅତିକ୍ରମ କରିଥିଲେ ସୁଦ୍ଧା ସେ କିଛି ଜାଣି ପାରିନଥିଲା ।

ବାପୁଜୀ କେନ୍ଦ୍ରରୁ ବାହାରକୁ ଆସୁଥିବା ବେଳେ କୌଣସି ଏକ ପିଲା ରୋଟି ତିଆରି କରୁଥିବା ପିଲାଟି ବାପୁଙ୍କୁ ଦେଖିନଥିବା କଥା ଉଲ୍ଲେଖ କଲା । ଏହା ଶୁଣି ବାପୁ ତୁରନ୍ତ କହିଥିଲେ ଯେ ଯଦି କେହି ବାସ୍ତବରେ ମୋତେ ଦେଖିଥାଏ ତେବେ ସେ ହେଉଛି ରୋଟି ତିଆରିରେ ମଗ୍ନଥିବା ସେଇ ପିଲାଟି ।

ଏଇ କଥାରୁ ଗାନ୍ଧିଜୀ କଥା ନୁହେଁ କାମ ଉପରେ କେତେ ଗୁରୁତ୍ୱ ଦେଉଥିଲେ, ତାହା ଜଣାପଡେ ।

●

ପ୍ରାର୍ଥନା

ଗୋକୁଳଭାଇ ଭଟ୍ଟ ତାଙ୍କର ଜଣେ ମିତ୍ରଙ୍କ ଘରକୁ ଯାଇଥିଲେ । ସାଙ୍ଗ ଦୁହେଁ ଭୋଜନ କରିବା ନିମନ୍ତେ ବସିଲେ । ସେମାନଙ୍କ ସହିତ ମିତ୍ରଙ୍କର ସବୁଠାରୁ ଛୋଟ ପୁଅଟି ମଧ୍ୟ ଭୋଜନ ପାଇଁ ବସିଥିଲା । ଖାଦ୍ୟ ବଢ଼ାଗଲା । ଗୋକୁଳ ଭାଇ ମନକୁ ମନ ପ୍ରାର୍ଥନା କରିନେଲେ । ଅନ୍ନଦେବଙ୍କୁ ହାତଯୋଡ଼ି ଖାଇବାକୁ ଯାଉଛନ୍ତି, ସେହି ଚତୁର ବାଳକଟି ପାଟିକରି କହିଲା – 'ଆପଣ ପ୍ରାର୍ଥନା କରିନାହାଁନ୍ତି, ଖାଇବା ଆରମ୍ଭ କରିଦେଲେ ?'

ଗୋକୁଳଭାଇ କିପରି ପ୍ରାର୍ଥନା କରିଥିଲେ ଜଣାଇଲେ ଓ ପଚାରିଲେ– 'କହିଲୁ, ତୁ କେମିତି ପ୍ରାର୍ଥନା କରୁ ?'

"ମୁଁ ପୁଣିଥରେ ଗାଇବି ?" "ହଁ, ଶୁଣେଇଲେ ଭଲ ହେବ ।"

ପିଲାଟି ହାତଯୋଡ଼ି କହିଲା, "ହେ ଭଗବାନ ମୋଠାରୁ ବି ବଢ଼ିଆ ଖାଦ୍ୟ ଅନ୍ୟକୁ ଦିଅ ।"

ଏ ସଂସାରରେ ଯାହା କିଛି ଦେଖୁଅଛେ ସବୁ ଈଶ୍ୱରଙ୍କ ଦାନ । ତେଣୁ ଈଶ୍ୱରଙ୍କ ପ୍ରଦତ୍ତ ଅନ୍ନ ଗ୍ରହଣ କରିବା ପୂର୍ବରୁ ତାଙ୍କୁ ସମର୍ପଣ କରି ଗ୍ରହଣ କରିବା ଉଚିତ ।

●

Source: Author, Digitized by PPRACHIN, SOA

ସାହାସ ଓ ସାମର୍ଥ୍ୟ

ସାହସ ଓ ବୀରତ୍ୱର ଜ୍ୱଳନ୍ତ ଉଦାହରଣ ଥିଲା ଘଟଣାଟି । ବିମାନଟି ପ୍ରାୟ ଏକ ହଜାର ଫୁଟ ଉଚ୍ଚରେ ଉଡୁଥାଏ । ହଠାତ୍ ଜଣେ ବଳିଷ୍ଠ ବପୁଧାରୀ ନିଗ୍ରୋ ବିମାନର ପଛପଟ ଦ୍ୱାରରେ ପହଞ୍ଚି ଯାଇ ପ୍ରବେଶ ପଥଟିକୁ ଖୋଲିବାକୁ ଚେଷ୍ଟା କଲା । ବିମାନର ପରିଚାରିକା ବାଧା ଦେଲେ । ନିଗ୍ରୋ ପହିଲିମାନ ଜଣକ ସେହି କୋମଳମନା ପରିଚାଳିକାଙ୍କୁ ଧକା ଦେଇ ତଳେ ପକାଇ ଦେଲେ । ପୁଣି କର୍କଶ ସ୍ୱରରେ ଚିତ୍କାର କରି ଉଠିଲେ, ଯଦି କେହି ଆଗକୁ ବଢ଼ିବାକୁ ସାହସ କରନ୍ତି ତେବେ

ପରିଣତି କିଛି ଭଲ ହେବନାହିଁ । ଯାତ୍ରୀମାନେ ଘାବରେଇ ଗଲେ । ବିପଦର ଆଶଙ୍କାରେ ଥରହର ହେଲେ । ସେତିକିବେଳେ ଜଣେ ଭାରତୀୟ ଯୁବକ ଆଗେଇ ଆସି ତୀର ବେଗରେ ଏପରି ଏକ ମୁଷ୍ଟି କଷିଦେଲେ ଯେ ନିଗ୍ରୋଟିର ପାଦ ଉପରକୁ ଉଠିଗଲା ଓ ସେ ଭାରସାମ୍ୟ ହରାଇବସିଲା । ନିଗ୍ରୋଟିକୁ ବକ୍ସିଂ ଜଣାଥିଲା । ସେ ବକ୍ସିଂର ସମସ୍ତ କୌଶଳ ପ୍ରୟୋଗ କରି ସୁଦ୍ଧା ନିଜକୁ ଉକ୍ତ ଭାରତୀୟ ଯୁବକଙ୍କଠାରୁ ମୁକ୍ତ କରିବାକୁ ସକ୍ଷମ ହେଲାନାହିଁ । ଏହି ସମୟରେ ଜଣେ ବିମାନଚାଳକ ବି ପହଞ୍ଚି ଯାଇଥିଲେ । ଦୁହେଁ ମିଶି ତାକୁ ନିଛୁକ ପିଟିଲେ ରଶିରେ ହାତ ଗୋଡ ବାନ୍ଧି ପକାଇଲେ । ଫଳରେ ଆତଙ୍କବାଦୀ ଖୁନୀ ନିଗ୍ରୋଟି ବନ୍ଧା ହୋଇ ପଡିଥିବା ମଇଁଷି ପରି ଛଟପଟ ହେବାକୁ ଲାଗିଲା । ଯଥା ସମୟରେ ସେହି ବିମାନରେ ଯାଉଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ଓହ୍ଲାଇଲେ । ଓ ଉକ୍ତ ଭାରତୀୟ ଯୁବକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାକୁ ଲାଗିଲେ ।

ଏହି ବୀର ଭାରତୀୟ ଜଣକ କିଏ ଥିଲେ ଜାଣନ୍ତି ? ସେ ଥିଲେ ଏୟାର୍ ଇଣ୍ଡିଆର ପାଇଲଟ ଗୁରୁଦେବ ସିଂ ।

•

ଜୀବନ ଦୀପ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବିଷୟରେ ଅଛ ବହୁତେ ଶୁଣିଥିବ । ଏହା ହେଉଛି ଜଣେ ବାଲ୍ ସ୍ୱୟଂସେବକର କଥା । ପିଲାଟି ନିୟମିତ ଭାବରେ ସଂଘ ଶାଖାକୁ ଆସୁଥିଲା । ତାର ବାପା ଥିଲେ ଜଣେ ବିଖ୍ୟାତ ଅଧିବକ୍ତା । ସବୁବେଳେ କାର୍ଯ୍ୟବ୍ୟସ୍ତ ରହୁଥିଲେ । ପୁଅ ଯେକୌଣସି ଏକ ସଂଘକୁ

Source: Author, Digitized by PPRACHIN, SOA

ଖେଳିବା ପାଇଁ ଯାଏ, ଏତିକି ମାତ୍ର ଥିଲା ତାଙ୍କର ସଂଘ ସହ ପରିଚୟ । ଦୁର୍ଯୋଗକୁ ପିଲାଟି ଟାଇଫଏଡ୍ ରୋଗରେ ଆକ୍ରାନ୍ତ ହେଲା । ସେ ଥିଲା ଏକମାତ୍ର ପୁତ୍ର ।

ପିଲାଟିକୁ ଡାକ୍ତରଖାନାରେ ଭର୍ତ୍ତି କରାଗଲା । ପିତାଜୀ ସ୍ୱାଭାବିକ ଭାବରେ ବ୍ୟସ୍ତ ରହୁଥିଲେ ବି ପୁଅର ସ୍ୱାସ୍ଥ୍ୟ ବିଷୟରେ ଜାଣିବାପାଇଁ ବାରମ୍ବାର ଡାକ୍ତରଖାନା ଯାଉଥିଲେ । ତାଙ୍କ ଦୃଷ୍ଟିରେ ପଡ଼ିଲା ଯେ ତାଙ୍କ ପୁଅ ମୁନ୍ନାର ସେବା ଶୁଶ୍ରୂଷା ପାଇଁ କେତେକ ତରୁଣ ପାଳିକରି ଆସୁଛନ୍ତି, ଦିନରାତି ବିନା ଦ୍ୱିଧାରେ ସବୁପ୍ରକାର ଭଲମନ୍ଦ କାର୍ଯ୍ୟ କରୁଛନ୍ତି । କିଛି ଦିନ ଏହିପରି ଭାବରେ ଚାଲିଲା । ହଠାତ୍ ଦିନେ ପିଲାଟିର ଅବସ୍ଥା ସଂଙ୍କଟାପନ୍ନ ହୋଇଗଲା । ବୋଧହୁଏ ପିଲାଟି ବି ଅନ୍ତର୍ମନରେ ନିଜ ଶେଷ ସମୟ ଉପଗତ ହେବା ଜାଣିପାରିଲା । ସେ ତା'ର ପୂଜ୍ୟ ପିତାଜୀଙ୍କୁ ହାତ ଠାରି ପାଖକୁ ଡାକି କହିଲା, "ମୁଁ ଗୁରୁଦକ୍ଷିଣା ପାଇଁ ରଖିଥିବା ଅର୍ଥ ମୁଖ୍ୟ ଶିକ୍ଷକଙ୍କ ନିକଟକୁ ପଠାଇଦେବେ । ସେହିଦିନ ହିଁ ପିଲାଟିର ଦେହ ଶାନ୍ତ ହୋଇଗଲା ।

ଦିନ ବିତିଗଲା । ପିଲାଟିର ପିତା ସଂଘ କ'ଣ ଜାଣିବାକୁ ଚିନ୍ତା କରିବାକୁ ଲାଗିଲେ । "କେଉଁ କାରଣରୁ ମୋର ଏହି ଛୋଟ ପିଲାଟିର ମିତ୍ରମଣ୍ଡଳୀ ଏଡ଼େ ବିରାଟ ଥିଲା ? ଏହା କିପରି ଏକ ସଂଘ ଯାହାର ସଦସ୍ୟଗଣ ଏପରି ନିଷ୍ଠାର ସହ ସେବା କରିପାରୁଥିଲେ ? ନିଜ ନିଜ ମଧ୍ୟରେ ସେମାନଙ୍କର ସମ୍ପର୍କ ଏତେ ନିବିଡ଼ ଥିଲା କିପରି ? ପ୍ରକୃତରେ ଏ ସଂଘର କାର୍ଯ୍ୟ କ'ଣ ? ଲକ୍ଷ୍ୟ କ'ଣ ? କ'ଣ ଏହି ଗୁରୁ ଦକ୍ଷିଣା ? କିଏ ସେମାନଙ୍କର ଗୁରୁ ? ମୁଖ୍ୟ ଶିକ୍ଷକ କିଏ ? କିପରି ଏହି ମୁଖ୍ୟ ଶିକ୍ଷକ ଯାହା ଉପରେ ମୃତ୍ୟୁ ସମୟରେ ମଧ୍ୟ ମୋର ଅଳିଅଳ ପୁତ୍ରର ଏତେ ଅତୁଟ ବିଶ୍ୱାସ ?" ଚିନ୍ତନ, ମନନ, ଅନୁସନ୍ଧାନରେ ବୁଡ଼ିଗଲେ । କ୍ରମେ ସଂଘ ସହ ସମ୍ପର୍କ ପ୍ରତିଷ୍ଠା ଆରମ୍ଭ ହେଲା । ତା'ପରେ ଘନିଷ୍ଠ ସମ୍ପର୍କର ପ୍ରତିଷ୍ଠା । ପୂଜନୀୟ ଗୁରୁଜୀଙ୍କ ସହ ମଧ୍ୟ ପରିଚୟ ହେଲା । ସଂଘ ଦର୍ଶନ ଭିତରେ ହଜିଗଲେ ଅଧିବକ୍ତା ମହୋଦୟ । ଶେଷକୁ ସେ ହେଲେ ଅବିଭକ୍ତ ଆନ୍ଧ୍ରପ୍ରାନ୍ତର ମାନ୍ୟବର ସଂଘଚାଳକ । ବିଶେଷତଃ ପ୍ରଚାରକମାନଙ୍କର ପିତୃପତିମ ଚାଳକ । ସେ ଥିଲେ ମାନନୀୟ ଶ୍ରୀଯୁକ୍ତ ଲିଙ୍ଗେୟା ଚୌଧୁରୀ । ସେ ହିଁ ଲେଖିଥିଲେ 'ଶ୍ରୀ ଗୁରୁଜୀଙ୍କର ସମଗ୍ର ଦର୍ଶନ'ର ୪ର୍ଥ ଖଣ୍ଡର ପ୍ରସ୍ତାବନା ।

●

Source: Author, Digitized by PPRACHIN, SOA



କଟକ ସଦର ବୈୟାଳିଶ ମୌଜା ଅନ୍ତର୍ଗତ ବେଣ୍ଟକାର ଗ୍ରାମ ପଞ୍ଚାୟତର 'ଏରଞ୍ଚ' ଗ୍ରାମରେ କବି, ଗୀତିକାର, ପ୍ରାବନ୍ଧିକ, ସ୍ତମ୍ଭକାର, ଗାଳ୍ପିକ, ଅନୁବାଦକ ତଥା ଶିଶୁସାହିତ୍ୟିକ ବୈକୁଣ୍ଠନାଥ ପତିଙ୍କ ଜନ୍ମ - ଜୁଲାଇ ୩୧ ତାରିଖ ୧୯୪୯ ମସିହାରେ । ବାନାମ୍ବର ପତି ଓ ତାରା ଦେବୀଙ୍କ ଏହି ସୁପୁତ୍ର ଶଙ୍ଖତ୍ରାସ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିବା ସମୟରୁ ହିଁ ସାହିତ୍ୟ ଓ ସଂସ୍କୃତି ପ୍ରତି ବିଶେଷ ଭାବେ ଆକର୍ଷିତ ହୋଇଥିଲେ । ଆମ ସମୟର ଅନ୍ୟତମ ପ୍ରତିଶ୍ରୁତିସମ୍ପନ୍ନ ସାହିତ୍ୟ ସାଧକ ଭାବେ ସୁପରିଚିତ ଶ୍ରୀ ପତି ତାଙ୍କର ବହୁମୁଖୀ ପ୍ରତିଭା, ସାହିତ୍ୟର ବିଭିନ୍ନ ବିଭାଗରେ ସଫଳତାର ସହ ଲେଖନୀ ଚାଳନା ତଥା ନିସ୍ୱାପର ସମାଜସେବା ପାଇଁ ଅନେକ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ, ସମ୍ମାନିତ ତଥା ସମ୍ବର୍ଦ୍ଧିତ ହୋଇଛନ୍ତି । 'ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡ଼େମୀ, କଟକ' ଶ୍ରୀ ପତିଙ୍କୁ ଶିଶୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଶିଶୁସାରଥି' ଉପାଧିରେ ଭୂଷିତ କରିଛନ୍ତି । ଲବ୍ଧପ୍ରତିଷ୍ଠ ସମାଜସେବୀ ତଥା ବିରଳ କୃତିସମୂହର ସଂଗ୍ରାହକ ଦାଶରଥି ପଟ୍ଟନାୟକ (ଦାଶିଆ ଅଜା) ତଥା ଅନ୍ୟ କେତେକ ସାରସ୍ୱତ ଅନୁଷ୍ଠାନ ଲେଖକଙ୍କୁ ପଣ୍ଡିତ ବୋଲି ସମ୍ବୋଧନ କରି ସମ୍ମାନିତ କରିଛନ୍ତି । ଶ୍ରୀ ପତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଆର୍ଯ୍ୟ ସମାଜର ଆଦର୍ଶ ଦ୍ୱାରା ଅନୁପ୍ରାଣିତ ଓ ବହୁଭାବରେ ପ୍ରଭାବିତ । ସମ୍ପ୍ରତି ଶ୍ରୀ ପତି ଓଡ଼ିଶାର ଅନ୍ୟତମ ପୁରାତନ ତଥା ରାଜଧାନୀ ଭୁବନେଶ୍ୱରର ପ୍ରଥମ ସାହିତ୍ୟାନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦ (୧୯୫୭)ର ଉପ-ସଭାପତି ଭାବେ କାର୍ଯ୍ୟରତ ।

ସ୍ପଷ୍ଟବାଦିତା ଓ ତଜ୍ଜନିତ ସମସ୍ୟା ଏବଂ ବୃତ୍ତିଗତ ଅସନ୍ତୋଷ କାରଣରୁ ପଦୋନ୍ନତି ତଥା ଆର୍ଥିକ ସ୍ୱଚ୍ଛଳତାର ମୋହ ତ୍ୟାଗକରି ଶ୍ରୀ ପତି ଓଡ଼ିଶା ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଭାବେ ଅବସର (୩୧.୦୭.୨୦୦୫) ଗ୍ରହଣ କରି ସାରସ୍ୱତ ସାଧନାରେ ନିମଗ୍ନ ରହିଛନ୍ତି । ଏହି ଯଶସ୍ୱୀ ଲେଖକଙ୍କର ଦୀର୍ଘ ନିରାମୟ ଜୀବନ କାମନା କରୁଅଛୁ ।

- ପ୍ରକାଶକ

ପ୍ରକାଶକ
ରାଷ୍ଟ୍ରୀୟ ସାହିତ୍ୟ ସଂସ୍ଥାନ
ସାହିତ୍ୟ ଭବନ, ଭୁବନେଶ୍ୱର

ISBN 978-81-931182-3-1
9 788193 110232

Source: Author, Digitized by PPRACHIN, SOA